

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୩ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 May 2026

Vol.No. 36 ■ No.115 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଶୁବ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ଆମେରିକାକୁ ଖେମିନିଙ୍କ ଖୋଲା ଚ୍ୟାଲେଞ୍ଜ: ସାମରିକ ଘାଟିକୁ କହିଲେ 'କାଗଜ ବାଘ'



ନୂଆଦିଲ୍ଲୀ,୦୨/୫ : ପଶ୍ଚିମ ଏସିଆରେ ଯୁଦ୍ଧର ବାଦଲ ଘନେଇବାରେ ଲାଗିଥିବା ବେଳେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତାବା ଖେମିନି ଆମେରିକା ବିରୋଧରେ ଏକ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ସିଧାସଳଖ 'କାଗଜ ବାଘ' ବୋଲି ବର୍ଣ୍ଣନା କରି ସେ ଏକ ବଡ଼ ବିବାଦ ସୃଷ୍ଟି କରିଛନ୍ତି। ଖେମିନି କହିଛନ୍ତି ଯେ, ଯେଉଁ ବିଦେଶୀ ଘାଟି ନିଜକୁ ସୁରକ୍ଷା ଦେଇପାରୁ ନାହାନ୍ତି, ସେମାନେ ଏହି ଅଞ୍ଚଳକୁ ସୁରକ୍ଷା ଦେବା କଥା କହିବା ହାସ୍ୟାସ୍ପଦ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ ଜରିଆରେ ସେ ଆମେରିକା ଓ ଏହାର ସହଯୋଗୀ ଦେଶଗୁଡ଼ିକୁ ତୀବ୍ର ସମାଲୋଚନା କରିଛନ୍ତି। ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଚାଲିଥିବା କୂଟନୈତିକ ପ୍ରୟାସ ଏବେ ବିଫଳ ହେବାରେ ଲାଗିଛି। ପାକିସ୍ତାନର ମଧ୍ୟସ୍ଥତା ଜରିଆରେ ଇରାନ ପଠାଇଥିବା ଏକ ନୂତନ ଶାନ୍ତି ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଇରାନ ପକ୍ଷରୁ ସୌଜନ୍ୟମୂଳକ ଭାବେ ଦିଆଯାଇଥିବା ଏହି ପ୍ରସ୍ତାବକୁ ଟ୍ରମ୍ପ ଗ୍ରହଣ ନକରିବା ଫଳରେ ଶାନ୍ତିର ପଥ ଏବେ ଅଧିକ ଜଟିଳ ହୋଇପଡ଼ିଛି। ଖାମେନି ସ୍ପଷ୍ଟ କରିଛନ୍ତି ଯେ, ବାହ୍ୟ ଶକ୍ତିଗୁଡ଼ିକ ଏହି ଅଞ୍ଚଳରେ ସ୍ଥିରତା ବଜାୟ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ପାରସ୍ୟ ଉପସାଗର ଦିବସ ଅବସରରେ ଖେମିନି କହିଛନ୍ତି ଯେ, ଏହି ଅଞ୍ଚଳ କେବଳ ଏକ ଜଳଭଣ୍ଡାର ନୁହେଁ, ବରଂ ଇରାନର ସଭ୍ୟତା ଓ ପରିଚୟର ପ୍ରତୀକ। ସେ ଦାବି କରିଛନ୍ତି ଯେ ବିଶ୍ୱ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ଜଳପଥ ଖୁବଶୀଘ୍ର ଆମେରିକାର ଉପସ୍ଥିତିରୁ ମୁକ୍ତ ହେବ। ଏଥିସହ ହର୍ମୁଜ୍ ପ୍ରଣାଳୀର ସୁରକ୍ଷା ପାଇଁ ଇରାନ ନିଜର ପ୍ରତିବଦ୍ଧତା ଦୋହରାଇବା ସହ ଶତ୍ରୁ ପକ୍ଷର ଯେକୌଣସି କାର୍ଯ୍ୟକଳାପର କଡ଼ା ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଆଞ୍ଚଳିକ ଦେଶଗୁଡ଼ିକର ଭାଗ୍ୟ ସେମାନଙ୍କ ନିଜ ହାତରେ ରହିବା ଉଚିତ ଏବଂ କୌଣସି ବିଦେଶୀ ଶକ୍ତିର ହସ୍ତକ୍ଷେପକୁ ଇରାନ ଆଉ ବରଦାସ୍ତ କରିବ ନାହିଁ ବୋଲି ସର୍ବୋଚ୍ଚ ନେତା ଘୋଷଣା କରିଛନ୍ତି।

## ପ୍ରକାଶ ପାଇଲା ମାଟ୍ରିକ୍ ରେଜଲ୍ଟ: ୯୫.୩୩ ପ୍ରତିଶତ ପିଲା ପାସ୍, ଗଜପତିରେ ସର୍ବାଧିକ



କଟକ, ୦୨/୫ (ନି.ପ୍ର): ବହୁ ପ୍ରତୀକ୍ଷାର ଅନ୍ତ ହୋଇଛି। ପ୍ରକାଶ ପାଇଛି ଦଶମ ଶ୍ରେଣୀ ଫଳ। ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କର ହାତରେ ପହଞ୍ଚିଛି ମାଟ୍ରିକ ରେଜଲ୍ଟ। ଚଳିତ ବର୍ଷ ପାସ୍ ହାର ୯୫. ୩୩ ପ୍ରତିଶତ ରହିଛି। ଗଜପତି ଜିଲ୍ଲାରେ ସର୍ବାଧିକ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ୩ ହଜାର ୩୧୦ ସ୍କୁଲରେ ହୋଇଛି ଶତ ପ୍ରତିଶତ ରେଜଲ୍ଟ। ପ୍ରଥମ ଥର ପାଇଁ ଓଡ଼ିଆ ଭାଷାରେ ସାର୍ଟିଫିକେଟ୍ ପାଇବେ ଛାତ୍ରଛାତ୍ରୀ । ପ୍ରକାଶ ପାଇଛି ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ। ଗଜପତି ଜିଲ୍ଲାରେ ସର୍ବାଧିକ ୯୯ ଦଶମିକ ୩୧ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସର୍ବନିମ୍ନ ୯୪ ଦଶମିକ ୩୫ ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଏ-୧ରେ ୨୪୫୩ ଜଣ, ଏ-୨ରେ ୧୫ ହଜାର ୬୮୧ ଜଣ, ବି-୧ରେ ୪୩ ହଜାର ୫୬୫ ଜଣ ଓ ବି-୨ରେ ୮୬ ହଜାର ୧୦୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩ ହଜାର ୩୧୦ଟି ସ୍କୁଲରେ ଶତପ୍ରତିଶତ ରେଜଲ୍ଟ ହୋଇଛି।

◆◆ପୃଷ୍ଠା ୭

## ମହାନଦୀ ଜଳ ବିବାଦ ମାମଲା: ଆସନ୍ତା ୩୦ରେ ପରବର୍ତ୍ତୀ ଶୁଣାଣି



ଭୁବନେଶ୍ୱର, ୦୨/୫ (ନି.ପ୍ର): ମହାନଦୀ ଜଳ ବିବାଦ ମାମଲା ନେଇ ଟ୍ରିବ୍ୟୁନାଲ୍‌ରେ ଶୁଣାଣି । ମୌସୁମୀ ଓ ଅଣମୌସୁମୀରେ କେତେ ଜଳ ପ୍ରବାହିତ ହେଉଛି , ସେନେଇ ଟ୍ରିବ୍ୟୁନାଲରେ ଅବଗତ କରାଗଲା । ଟ୍ରିବ୍ୟୁନାଲଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ଉଭୟ ଓଡ଼ିଶା ଓ ଛତିଶଗଡ଼ ଅବଗତ କରିଛନ୍ତି । ଆସନ୍ତା ୩୦ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ । ଏହାଦ୍ୱାରା ସମାଧାନର ବାଟ ଫିଟିବା ନେଇ ଆଶା ବଢିଛି । ଉଭୟ ରାଜ୍ୟ ମଧ୍ୟରେ ମହାନଦୀକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି । ଛତିଶଗଡ଼ ଉପରମୁଣ୍ଡରେ ବନ୍ଧ କରିବା ସହ ତଳମୁଣ୍ଡରେ ବାଲି ବନ୍ଧ ବାନ୍ଧି ମହାନଦୀର ଜଳ ଅଟକାଉଛି । ଯାହାଫଳରେ ମହାନଦୀରେ ଜଳଧାରା ଓଡ଼ିଶା ମୁହାଁ ହୋଇପାରୁନାହିଁ । ଅଣମୌସୁମୀ ଋତୁରେ ମହାନଦୀ ଏକପ୍ରକାର ମରୁଭୂମିର ଭ୍ରମ ସୃଷ୍ଟି କରୁଛି । ଏସବୁ ଭିତରେ ଟ୍ରିବ୍ୟୁନାଲ ରାୟ ଉପରେ ମହାନଦୀର ଭାଗ୍ୟ ନିର୍ଭର କରୁଛି। ହେଲେ ବାରମ୍ବାର ଟ୍ରିବ୍ୟୁନାଲରେ ଶୁଣାଣି ହେଉଥିଲେ ମଧ୍ୟ ଏଯାଏଁ କୌଣସି ନିଷ୍କର୍ଷ ବାହାରିନାହିଁ ।

◆◆ପୃଷ୍ଠା ୭

## ୪ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୦୨/୫ (ନି.ପ୍ର): ଆସନ୍ତା ୪ ତାରିଖ ରେ ସୁଭଦ୍ରା ଯୋଜନାର ୧୨୩୮୪୯ ଜଣ ବଞ୍ଚିତ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ସହାୟତା । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୂଚନା ଦେଇଛନ୍ତି। ଏହି ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ତରଫରୁ ୫୦ହଜାର ଟଙ୍କାର ସହାୟତା ରାଶି ଦେବାକୁ ଘୋଷଣା କରାଯାଇଥିଲା । ପୂର୍ବରୁ ସୁଭଦ୍ରାର ୪ଟା କିସ୍ତିରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୫୦୦୦ ହଜାର ଲେଖାଏଁ ଦିଆଯାଇଛି । ପୂର୍ବରୁ ସୁଭଦ୍ରାର ନୂତନ ପଞ୍ଜିକରଣ ତାରିଖ ଘୋଷଣା ହୋଇଥିଲା । ଏପ୍ରିଲ୍ ୧ରୁ ଆରମ୍ଭ ହୋଇଥିବା ନୂତନ ପଞ୍ଜିକରଣ ଅବଧି ଏପ୍ରଲ୍ ୩୦ରେ ଶେଷ ହୋଇଥିଲା । ଯେଉଁମାନେ କୌଣସି କାରଣରୁ ଆବେଦନ କରି ନଥିଲେ, ସେମାନେ ଆବେଦନ କରିବା ପାଇଁ ସମସସୀମା ଦିଆଯାଇଥିଲା। ମାନଦଣ୍ଡ ଅନୁଯାୟୀ, ଏପ୍ରିଲ ୧, ୨୦୨୬ ସୁଦ୍ଧା ୨୧ ବର୍ଷରୁ ୬୦ ବର୍ଷୀୟ ମହିଳା ସୁଭଦ୍ରାରେ ପଞ୍ଜୀକରଣ କରିପାରିବେ । ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ପୁନଃ ଗ୍ରହଣ କରାଯିବ ନାହିଁ।

## ବନ୍ୟା, ବାତ୍ୟା ମୁକାବିଲା ପାଇଁ ଆମେ ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୨/୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ଆକଳନ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ବାତ୍ୟା, ବନ୍ୟା ଏବଂ ହିଟ୍ ୱେଭ ପ୍ରବଣ ରାଜ୍ୟ ହେଉଛି ଓଡ଼ିଶା । ଏପ୍ରିଲ ମାସ ସନ୍ଧ୍ୟାରେ ଝଡ଼ ବି ହୁଏ, ମେ'ରେ ବାତ୍ୟା ହେବା ସମ୍ଭାବନା ଥାଏ । ବନ୍ୟା, ବାତ୍ୟା ଆସିଲେ ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁ । ବାତ୍ୟା ଆକଳନ କରିଥିବା ଏଜେନ୍ସି ବିଶ୍ୱାସ ଯୋଗ୍ୟ ନହେଲେ ମଧ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ, ଲଘୁଚାପ ନେଇ ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ ଆକଳନ କରିଛି । ୧୧ରୁ ୧୫ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି । ଅଧିକ ଘନୀଭୂତ ହୋଇ ସାଇକ୍ଲୋନ ଜେନିସିସର ରୂପ ନେବାର ଆଶଙ୍କା ରହିଛି ।

## ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମର ଆକଳନ: ମେ' ୧୧ ରୁ ୧୫ ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୦୨/୫ (ନି.ପ୍ର): ଆସନ୍ତାକାଲି ବାତ୍ୟା ଫନି ସ୍ଥଳଭାଗ ଛୁଇଁବାକୁ ପୂରିବ ୮ବର୍ଷ। ଏହାରି ଭିତରେ ଚଳିତ ମେ ମାସରେ ବଂଗୋପସାଗରେ ଏକ ବାତ୍ୟା ସମ୍ଭାବନା ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗଲ୍ଲବାଲ ଫୋରକାଷ୍ଟ ସିଷ୍ଟମ ଦକ୍ଷିଣ ବଂଗୋପସାଗରରେ ଏକ ବାତ୍ୟା ଆସୁଥିବା ନେଇ ପୂର୍ବାନୁମାନ କରିବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। କିନ୍ତୁ ବାତ୍ୟା କଥାକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ଭାରତୀୟ ପାଣିପାଗ ନିର୍ଦ୍ଦେଶକ। ଅକ୍ଟୋବର ମାସ ଭଳି ମେ ମାସ ଆସିଲେ ରାଜ୍ୟବାସୀଙ୍କୁ ଘାରେ ବାତ୍ୟା ଭୟ। ଭାରତୀୟ ପାଣିପାଗ ବିଭାଗ ଏନେଇ କୌଣସି ସୂଚନା ଦେଇନଥିଲେ ବି ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ ବା ଜିଏଫଏସର ଆକଳନ ଅନୁଯାୟୀ, ମେ ୧୧ରୁ ୧୫ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ପରେ ତାହା ଘନୀଭୂତ ହୋଇ ଲଘୁଚାପର ରୂପ ନେବା ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ତାହା ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ବଡ କଥା ହେଉଛି ବର୍ତ୍ତମାନର ସ୍ଥିତି ବାତ୍ୟା ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ରହିଛି ବୋଲି କୁହାଯାଇଛି। ତଥାପି ବାତ୍ୟା ନେଇ ଚିତ୍ର ସ୍ପଷ୍ଟ ହୋଇନାହିଁ। ୪ରୁ ୫ ଦିନ ପରେରେ ସ୍ପଷ୍ଟ ଚିତ୍ର ଆସିବ। ଏଥିସହ ମେ ମାସ ପ୍ରଥମ ଭାଗରେ ଘୂର୍ଣ୍ଣିବାତ୍ୟା ହେବ କି ନାହିଁ ତାହା ଜଣାପଡ଼ିବ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଏପରିକି ବାତ୍ୟା ସମ୍ଭାବନାକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। କହିଛନ୍ତି, ଏବେ ସୁଦ୍ଧା ବାତ୍ୟାର କୌଣସି ସମ୍ଭାବନା ଦେଖା ଯାଉନାହିଁ। ତେଣୁ ଭୟଭୀତ ହୁଅନ୍ତୁ ନାହିଁ। ଅନ୍ୟାନ୍ୟ ପାଣିପାଗ ମଡେଲ୍ ଗୁଡ଼ିକ ବି ବାତ୍ୟା ହେବା ନେଇ ପୂର୍ବାନୁମାନ କରିଛନ୍ତି। ଅନ୍ୟପଟେ ସମ୍ଭାବ୍ୟ ବାତ୍ୟା ଆକଳନ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବାତ୍ୟା, ବନ୍ୟା ଏବଂ ହିଟ୍‌ୱେଭ୍ ପ୍ରବଣ ରାଜ୍ୟ ଓଡ଼ିଶା।

◆◆ପୃଷ୍ଠା ୭

## ବ୍ୟବସ୍ଥାର ସତକୁ ସାମ୍ନାକୁ ଆଣିଲା ଜିତୁ ମୁଣ୍ଡାଙ୍କ କରୁଣ କାହାଣୀ: ରାଜ୍ୟରେ ଫେଲ ମାରିଛି ପବ୍ଲିକ ସର୍ଭିସ ଆକ୍ଟ

ଭୁବନେଶ୍ୱର, ୦୨/୫ (ନି.ପ୍ର): ବିଶ୍ୱସ୍ତରରେ ଓଡ଼ିଶାର ମୁଣ୍ଡ ତଳକୁ କରିଦେଇଛି ଜିତୁ ମୁଣ୍ଡାର କାହାଣୀ। ଏହା ମାନବିକ ସମ୍ବେଦନବିହୀନ ବ୍ୟାଙ୍କ ଅଧିକାରୀ.. ପ୍ରାଶାସନିକ ବିଫଳତା.. ବ୍ୟବସ୍ଥାର କ୍ରୁର ଚେହେରାକୁ ସମସ୍ତଙ୍କ ସାମ୍ନାକୁ ଆଣିଛି। ବ୍ୟାଙ୍କରେ ଟଙ୍କା ରଖିଥିବା ଭଉଣୀ ମୃତ ପ୍ରମାଣିତ କରିବାକୁ ମଶାଣୀରୁ ଭାଇ କଙ୍କାଳ ବୋହିନେବା ଘଟଣା ସ୍ପଷ୍ଟ କରୁଛି ଓଡ଼ିଶା ସର୍ବସାଧାରଣ ସେବା ଅଧିକାର ଅଧିନିୟମ ବା ପବ୍ଲିକ୍ ସର୍ଭିସ୍ ଆକ୍ଟ ଫେଲ୍ ମାରିଛି। ଆଇନରେ ସବୁ ନିୟମ ଥାଇ ବି ନା ଜିତୁକୁ ବ୍ୟାଙ୍କ ଅଧିକାରୀ କେମିତି ଟଙ୍କା ପାଇବ ବୁଝାଇଲେ। ନା ପୁଲିସ କି ସ୍ଥାନୀୟ କିଏ ସହଯୋଗ କଲେ।

◆◆ପୃଷ୍ଠା ୭

## ଖୁବ୍‌ଶୀଘ୍ର ଆସିବ ଜମିଜମା ରେକର୍ଡିଂ ସମ୍ବନ୍ଧୀୟ ସଂଶୋଧିତ ଏସଓପି

ଭୁବନେଶ୍ୱର, ୦୨/୫ (ନି.ପ୍ର): ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସରକାରୀ ଏବଂ ବେସରକାରୀ ଜମିର ରେକର୍ଡିଂ ସମ୍ବନ୍ଧୀୟ ବର୍ତ୍ତମାନ ପ୍ରଚଳିତ ଷ୍ଟାଣ୍ଡାର୍ଡ୍ ଅପରେଟିଙ୍ଗ ପ୍ରୋସିଜିଅର୍ (ଏସଓପି) ପୁସ୍ତିକାମାନଙ୍କର ପୁନର୍ବିଚାର ଓ ସଂଶୋଧନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛିକ୍ଷ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସରକାରୀ ଜମି ଏବଂ ରୟତି ଜମି ରେକର୍ଡ୍ କରିବା ପ୍ରଣାଳୀ ନିମନ୍ତେ ସଂଶୋଧିତ ଏସଓପି ଖସଡ଼ା ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଜାରି କରିଛନ୍ତି। ଉକ୍ତ ଏସଓପି ପୁସ୍ତିକାଗୁଡ଼ିକର ଶେଷ ସଂସ୍କରଣ ୧୯୯୦ ମସିହାରେ ପ୍ରକାଶିତ ହୋଇଥିଲା। ତେବେ ନୀତି, ନିୟମ ଓ ପ୍ରଶାସନିକ ପରିଚାଳନାରେ ସମୟାନୁକ୍ରମେ ପରିବର୍ତ୍ତନ ଦୃଷ୍ଟିରୁ ଏହାର ସାମଗ୍ରିକ ସଂଶୋଧନ ଆବଶ୍ୟକ ମନେ କରାଯାଇଛି। ଏହି କମିଟିର ଅଧ୍ୟକ୍ଷ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅବସ୍ଥାପିତ ହୋଇଥିବା ବେଳେ ସଦସ୍ୟମାନଙ୍କ ଭିତରେ ଚକବନ୍ଦୀ ଏବଂ ବନ୍ଦୋବସ୍ତର ଅତିରିକ୍ତ ସଚିବ (ସିଏଚ ଆଣ୍ଡ୍ ଏସ), ଜମି ରେକର୍ଡ଼ ଏବଂ ସର୍ଭେ, ଓଡ଼ିଶାର ନିର୍ଦ୍ଦେଶକ (ଡିଏଲଆର୍ ଆଣ୍ଡ୍ ଏସ୍), ରାଜସ୍ୱ ପର୍ଷଦ, ଓଡ଼ିଶାର ସଚିବ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ଶାସନ ସଦସ୍ୟ-ସଂଯୋଜକ ଭାବେ ରହିବେ। କମିଟିର କାର୍ଯ୍ୟ ପରିସର ଏବଂ ସର୍ତ୍ତାବଳୀ ଅନୁଯାୟୀ, ୧୯୯୦ରେ ଜାରି ହୋଇଥିବା ଏସଓପି ଗୁଡ଼ିକର ସମୀକ୍ଷା, ଏପର୍ଯ୍ୟନ୍ତ ପ୍ରଣୀତ ନୂତନ ଆଇନ,

◆◆ପୃଷ୍ଠା ୭

## ରିପୁଲିଂ ବେଳେ ପଶ୍ଚିମବଙ୍ଗରେ ପୁଣି ଉତ୍ତେଜନା: ଟିଏମସି କର୍ମୀଙ୍କ ଆକ୍ରମଣ ବିରୋଧରେ ବିଜେପିର ପ୍ରଦର୍ଶନ



ନୂଆଦିଲ୍ଲୀ,୦୨/୫ : ପଶ୍ଚିମବଙ୍ଗର ଫାଲତାରେ ସ୍ଥିତି ପୁଣି ରହିଥିଲା ଉତ୍ତେଜନାପୂର୍ଣ୍ଣ ! ତୃଣମୂଳ କଂଗ୍ରେସ କର୍ମୀଙ୍କ ଆକ୍ରମଣ ବିରୋଧରେ ଚାଲିଥିବା ପ୍ରଦର୍ଶନ ବେଳେ ପୋଲିସ ପକ୍ଷରୁ ବ୍ୟାପକ ଲାଠିଚାର୍ଜ କରାଯାଇଥିବାର ଅଭିଯୋଗ। ସ୍ଥାନୀୟ ବାସିନ୍ଦା ଟିଏମସିର ଗୁଣ୍ଡାଗର୍ଦ୍ଦି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକଙ୍କୁ ଘଉଡାଇବା ପାଇଁ ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଏବେ ରାଜନୈତିକ ମହଲରେ ଝଡ଼ ସୃଷ୍ଟି କରିଛି। ପଶ୍ଚିମବଙ୍ଗରେ ସରିଛି ସାନିମତ ଦାନ । ସକାଳ ୭ଟାରୁ ଡାଇମଣ୍ଡ ହାର୍ବରର ଚାରୋଟି ବୁଥ ଏବଂ ମଗ୍ରାହାଟ ପଶ୍ଚିମର ୧୧ଟି ବୁଥରେ ପୁନଃ ମତଦାନ ଶେଷ ହୋଇଛି। ନିର୍ବାଚନ ଆଗରୁ ଚର୍ଚ୍ଚାରେ ଥିବା ଫଲଟା ଏବେ ପୁଣିଥରେ ଖବରରେ ରହିଛି। ଡାଇମଣ୍ଡ ହାର୍ବରର ଫାଲଟାରେ, ସ୍ଥାନୀୟ ଲୋକମାନେ କହିଛନ୍ତି, ଭୋଟ ଦେବା ପରେ ଟିଏମସି ସଦସ୍ୟମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ ଏବଂ ମାଡ଼ ମାରିଥିଲେ। ଘଟଣାର ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ବେଳେ, ପୋଲିସ ଆମ ଉପରେ ଲାଠିଚାର୍ଜ କରିଥିଲା। ଅନେକ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଲୋକମାନେ ଏହି ଆକ୍ରମଣରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଟିଏମସି କହିଛି, ମଗ୍ରାହାଟର ୧୨୭ ନମ୍ବର ବୁଥରେ ସୁରକ୍ଷା ବାହିନୀ ଆମ ଶିବିରରେ ଭଙ୍ଗାରୁଜା କରିଥିଲେ ଏବଂ କର୍ମୀମାନଙ୍କୁ ମାଡ଼ ମାରିଥିଲେ।ଏପ୍ରିଲ ୨୯ ତାରିଖରେ, ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସମୟରେ, ଇଭିଏମ ଟାମ୍ପରିଂର ଅଭିଯୋଗ ଆଣିଥିଲା। ଫଳରେ ପୁନଃ ଭୋଟ୍ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

◆◆ପୃଷ୍ଠା ୭

## ଆଇଇଡି ବିସ୍ଫୋରଣରେ ୪ ଯବାନ ସହିଦ



ନୂଆଦିଲ୍ଲୀ,୦୨/୫ : ଛତିଶଗଡ଼ର କାଙ୍କେର ଜିଲ୍ଲାରେ ଶନିବାର ଆଇଇଡି (ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ୍ ଡିଭାଇସ୍) ବିସ୍ଫୋରଣରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡର ୪ ଜଣ ଯବାନ ସହିଦ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଇନ୍ସପେକ୍ଟର ଅଛନ୍ତି। ସହିଦ ଯବାନମାନେ ହେଉଛନ୍ତି ଇନ୍ସପେକ୍ଟର ସୁଖରାମ ବଟ୍ଟୀ, କନଷ୍ଟେବଲ କୃଷ୍ଣ କୋମରା, କନଷ୍ଟେବଲ ସଞ୍ଜୟ ଗଡ୍‌ପାଲେ ଓ କନଷ୍ଟେବଲ ପରମାନନ୍ଦ କୋମରା। ଇନ୍ସପେକ୍ଟର ସୁଖରାମ ବଟ୍ଟୀ ଓ ଦୁଇ କନଷ୍ଟେବଲ କୃଷ୍ଣ କୋମରା ଓ ସଞ୍ଜୟ ଗଡପାଲେଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଆହତ ହୋଇଥିବା ପରମାନନ୍ଦ କୋମରାଙ୍କୁ ରାୟପୁରକୁ ଏୟାରଲିଫ୍ଟ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ପୁଲିସ୍‌ଠାରୁ ମିଳିଥିବା ସୂଚନା ଅନୁଯାୟୀ, କାଙ୍କେର ଓ ନାରାୟଣପୁର ଜିଲ୍ଲା ସୀମାରେ ଥିବା ଛୋଟେବେଟିୟା ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି।

◆◆ପୃଷ୍ଠା ୭

# ମନ୍ଦାରି ମଣ୍ଡଳ ପୋଖରୀରେ ଚନ୍ଦନ ଯାତ୍ରା ମହା ସମାରୋହରେ ପାଳିତ

ବାସୁଦେବପୁର, ୦୨/୦୫ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ମଣ୍ଡଳ ପୋଖରୀ ଠାରେ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଚନ୍ଦନ ଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଯାତ୍ରା ୭୫ ବର୍ଷରେ ପଦାର୍ପଣ କରିଛି। ଏହି ବର୍ଣ୍ଣାଢ୍ୟ ଓ ଆକର୍ଷଣୀୟ ଉତ୍ସବରେ ଚନ୍ଦନ ଯାତ୍ରା କମିଟିର ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ରତିକାନ୍ତ ମଲ୍ଲିକ, ସମାଜ ସେବୀ ଶୁଭେନ୍ଦୁ ଭୂଷଣ ବେହେରା,ସମାଜ ସେବୀ ଉଦୟ ନାରାୟଣ ମଲ୍ଲିକ, ସଭ୍ୟ ତପନ କୁମାର ନାଥ, ବଂଶୀଧର ବେହେରା,କୋଷାଧ୍ୟକ୍ଷ ଅମର ମଲ୍ଲିକ, ମୁକେଶ ମଲ୍ଲିକ,ସମାଜ ସେବୀ ଜଗବନ୍ଧୁ ଦାସ,ଜିତେନ୍ଦ୍ର ବାରିକ୍,ସନ୍ତୋଷ ବାରିକ୍, ପ୍ରଶାନ୍ତ ମଲ୍ଲିକ,ରମାକାନ୍ତ ଘଡ଼େଇ, ଭରତ ମଲ୍ଲିକ ଓ ବହୁ ସଦସ୍ୟ ଯୋଗ ଦେଇଥିଲେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ଚନ୍ଦନ ଯାତ୍ରା ଖୁବ୍ ସୁନ୍ଦର ଓ ଆକର୍ଷଣୀୟ



ସାଜ ସଜା ହୋଇଛି। ମଣ୍ଡଳ ପୋଖରୀରେ ସୁନ୍ଦର ଭାବେ ନାବ ଖେଳି ଅନୁଷ୍ଠିତ ହେବା ସହିତ ହଜାର ହଜାର ଭକ୍ତ ରାହାସ ବିହାରି ଠାକୁରଙ୍କୁ ଦର୍ଶନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଆକର୍ଷଣ ଭାବେ ସ୍ଥାନ ପାଇଛି ନୃତ୍ୟ, ସଙ୍ଗୀତ, ନାବ ଖେଳି, ଯାତ୍ରା ପାର୍ଟି କଳିଙ୍ଗ ଗଣନାଟ୍ୟ। ଭଜନ, କୀର୍ତ୍ତନ, ନାମ ସଙ୍କୀର୍ତ୍ତନ ଓ ଆଧ୍ୟାତ୍ମିକ ଚିନ୍ତାଧାରାରେ ଏହି ସୁନ୍ଦର ପରିବେଶ ପ୍ରକମ୍ପିତ ହୋଇ ଥିଲା ଏବଂ ହଜାର ହଜାର ଭକ୍ତ ଏହି ସୁନ୍ଦର ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମରେ ମନ୍ତ୍ର ମୁଗ୍ଧ ହୋଇ ଥିଲେ।

# ଅମୃତ ୨.୦ କାର୍ଯ୍ୟକାରିତାରେ ଓଡ଼ିଶା ଦେଶର ଶୀର୍ଷ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନିତ

ଭୁବନେଶ୍ୱର, ୦୨/୦୫ (ନି.ପ୍ର): ଅଟଳ ନବୀକରଣ ଏବଂ ସହର ରୂପାନ୍ତରଣ ମିଶନ (ଅମୃତ) ୨.୦ ଅଧୀନରେ ଓଡ଼ିଶା ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ମାନଙ୍କ ମଧ୍ୟରେ ନିଜକୁ ସ୍ଥାପିତ କରିଛି। ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଏବଂ ସୁଶାସନ ମାଧ୍ୟମରେ ସହରାଂଚଳ ଜଳ ନିରାପତା ଏବଂ ଭିତିଭୂମି ବିକାଶ କ୍ଷେତ୍ରରେ ଏକ ରୂପାନ୍ତରଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି।

କ୍ଷେତ୍ରସ୍ତରରେ ସଫଳତା ପ୍ରଦାନ ପାଇଁ ସରକାରଙ୍କ ସ୍ପଷ୍ଟ ରାଜନୈତିକ ପ୍ରତିବଦ୍ଧତା ଯୋଗୁଁ ରାଜ୍ୟର ୮୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ଅମୃତ ୨.୦'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇଛି। ସାର୍ବଜନୀନ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇ ୪,୦୩୦.୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ସମୟାନୁବର୍ତୀ କାର୍ଯ୍ୟ ଏବଂ ଉତରଦାୟିତ୍ୱ ଉପରେ ସରକାର ଦେଉଥିବା ଗୁରୁତ୍ୱର ପ୍ରତିଫଳନ ସ୍ୱରୂପ ୧୦୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି। ବାକି ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଉଚ୍ଚସ୍ତରରେ ନିୟମିତ ମନିଟରିଂ କରାଯାଉଛି।

ସହର ବିକାଶ କାର୍ଯ୍ୟସୂଚୀରେ ଜଳ ନିରାପତାକୁ ପ୍ରାଥମିକତା ଦେଇ ସରକାର ବାସ୍ତବିକ ଫଳାଫଳ ପ୍ରଦାନ କରିଛନ୍ତି। ୪୩ ଏମ୍.ଏଲ୍.ଡି କ୍ଷମତା ବିଶିଷ୍ଟ ସାତଟି ନୂତନ ଜଳ ବିଶୋଧନ ପ୍ଲାଂଟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହେଉଛନ୍ତି। ପ୍ରମୁଖ ସହରାଂଚଳରେ ୨୪ଘ୭ ଜଳ ଯୋଗାଣ ବ୍ୟବସ୍ଥା ଏବଂ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ୫ ଲକ୍ଷରୁ ଅଧିକ ସହରବାସୀ ନିରାପଦ ପାନୀୟ ଜଳ ପାଇପାରୁଛନ୍ତି, ଯାହା ସାର୍ବଜନୀନ ଜଳ ସଂଯୋଗ ଦିଗରେ ଏକ ବଡ଼ ପଦକ୍ଷେପ।

ସରକାରଙ୍କ ସମାବେଶୀ ଆଭିମୁଖ୍ୟକୁ ଦର୍ଶାଇ 'ଅମୃତ ମିତ୍ର' ଏବଂ 'ୱିମେନ୍ ଫର ଟ୍ରି' ଭଳି ପଦକ୍ଷେପ ମାଧ୍ୟମରେ ବ୍ୟାପକ ଜନଭାଗିଦାରୀ ସୃଷ୍ଟି କରାଯାଇଛି। ଏହାଦ୍ୱାରା ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପରିବେଶ ସ୍ଥିରତା କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ନେତୃତ୍ୱ ନେବା ପାଇଁ ସଶକ୍ତ କରାଯାଇଛି। 'ପେୟ ଜଳ ସର୍ବେକ୍ଷଣ' ଏବଂ 'ଜଳ ହିଁ ଅମୃତ' ଭଳି ଜାତୀୟ କାର୍ଯ୍ୟକ୍ରମ ସହ ସମନ୍ୱୟ ରକ୍ଷା କରି ଦକ୍ଷ ଜଳ ପରିଚାଳନା ଏବଂ ଜଳର ପୁନଃ ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି।

ସଂସ୍କାରମୂଳକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରି ରାଜ୍ୟ ସରକାର ଅଭିନବ ଆର୍ଥିକ କୌଶଳ ମାଧ୍ୟମରେ ସହରାଂଚଳ ରୂପାନ୍ତରଣକୁ ବ୍ୟାପକ କରୁଛନ୍ତି। 'କ୍ରେଡିଟ୍ ଏନହାନସମେଣ୍ଟ ଇନିସିଏଟିଭ୍' ଅଧୀନରେ ଛୋଟ ସହରାଂଚଳ ପାଇଁ ୭୦.୨୭ କୋଟି ଟଙ୍କାର ୧୬ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ପ୍ରମୁଖ ସହରଗୁଡ଼ିକ ପାଇଁ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ୩,୦୩୦.୬୧ କୋଟି ଟଙ୍କାର ପାଂଚଟି ବୃହତ ଭିତିଭୂମି ପ୍ରକଳ୍ପ ଦାଖଲ କରାଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଓଡ଼ିଶାର ଏହି ଜାତୀୟ ସଫଳତା ସରକାରଙ୍କ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ସଠିକ୍ ନୀତି ଏବଂ ସଫଳ କାର୍ଯ୍ୟାନ୍ୱୟନର ପରିଣାମ।

ମନ୍ତ୍ରୀ କହିଛନ୍ତି, "ଏହି ସଫଳତା ସହରୀ ଓଡ଼ିଶାକୁ ଦ୍ରୁତ, ବ୍ୟାପକ ଏବଂ ସ୍ଥାୟୀ ଭାବେ ରୂପାନ୍ତରିତ କରିବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଆମେ କେବଳ ଯୋଜନା କାର୍ଯ୍ୟକାରୀ କରୁନାହୁଁ, ବରଂ ଏକ ସାମଗ୍ରିକ ସହରାଂଚଳ ଜଳ ବିପ୍ଳବ ଆଣୁଛୁ ଯାହା ପ୍ରତିଟି ପରିବାରକୁ ନିରାପଦ ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଇବା ନିଶ୍ଚିତ କରୁଛି।"

ସେ ଆହୁରି ମଧ୍ୟ କହିଛନ୍ତି, "ଆମର ଲକ୍ଷ୍ୟ ସ୍ପଷ୍ଟ— ସମୟାନୁବର୍ତୀ କାର୍ଯ୍ୟ, ଉତରଦାୟୀ ଶାସନ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତିଭୂମି। ଆମେ ଏପରି ସହର ଗଠନ କରୁଛୁ ଯାହା ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ଏବଂ ପ୍ରତ୍ୟେକ ନାଗରିକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବ। 'ବିକଶିତ ଓଡ଼ିଶା'ର ପରିକଳ୍ପନା ଅନୁଯାୟୀ, ଆମ ସରକାର ସହରୀ ରୂପାନ୍ତରଣ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବା ଜାରି ରଖିବେ।

# ଭଦ୍ରକ ସିଆଇଟିୟୁ ତରଫରୁ ବିଶ୍ୱ ଶ୍ରମିକ ଦିବସ ପାଳିତ

ଭଦ୍ରକ, ୦୨/୦୫ (ନି.ପ୍ର): ଭଦ୍ରକ, ବିଶ୍ୱ ଶ୍ରମିକ ଦିବସ ଅବସରରେ ୧୮୮୬ମସିହାରେ ଶ୍ରମିକ ଶ୍ରେଣୀ ଲଢେଇ କରି ଦୈନିକ ଆଠ ଘଣ୍ଟା କାମ କରିବେ, ଆଠ ଘଣ୍ଟା ବିଶ୍ରାମ, ଆଠ ଘଣ୍ଟା ପିଲା ପରିବାର ସହ ସମୟ ଅତିବାହିତ କରିବେ। ଆଜି ଆଜାଦି ର ୭୮ବର୍ଷ ପରେ ଡବଲ ଇଞ୍ଜିନ ସରକାର ୧୫ଟି ଶ୍ରମ ଆଇନି କୁ ସଂଶୋଧନ କରି ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ ଲାଗୁ କରିଛି। ଦେଶ ବ୍ୟାପୀ ରେଳ, ବ୍ୟାଙ୍କ, ବୀମା, ବନ୍ଦର, ରାଜପଥ, ଖଣି, ଖାଦାନ ଆଦୀ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୁ ଆଦାନୀ ଆମ୍ବନିକୁ ବିକ୍ରି କରି ଦେଉଛନ୍ତି। ତାର ପ୍ରତିବାଦ କରି ଆଜି ସକାଳୁ ସାରା ଜିଲ୍ଲା ରେ ଧାମରା, ଚାନ୍ଦବାଲି,




ବାସୁଦେବପୁର, ଅଗର ପଡା, ଧାମନଗର, ଚରମ୍ପା, କଚେରୀ ବଜାର, ବନ୍ତ ଛକ, ଭଟଡିରା, ପୁରୁନବଜାର ରେ ଲାଲ ପତାକା ଉତ୍ତୋଳନ କରିଥିଲେ ସି ଆଇ ଟି ୟୁ ର ନେତ୍ରୀ ରୋଜାଲିନ ସାମ୍ୟବାଦୀ, ମମତା ଜେନା, ସୀତା ଦାଶ, ବାସନ୍ତୀ ବେହେରା, ପ୍ରବାସ ମହାପାତ୍ର, ସୁବ୍ରତ ସାମଲ, ମଳୟ ଭୋଇ, କାର୍ତ୍ତିକ ଖିଲାର, ନିରଂଜନ ପାଣି , ମଦନ ମୋହନ ଘଡ଼ାଇ, ସେକ ବାବୁ, ସେକ ସତାର, ସେକ କମାର, ଅଭିନ୍ନ ଚନ୍ଦ୍ର ରାଓ, କାଳନ୍ଦୀ ପାତ୍ର, ବିଷ୍ଣୁ ଦାଶ, ପ୍ରଫୁଲ୍ଲ ପାଢ଼ୀ, ଚନ୍ଦ୍ର ଶେଖର ନାୟକ। ଅପରାହ୍ନ ସାଢେ ଚାରି ଟା ସମୟରେ ଏକ ମିଳିତ ପଟୁଆର ନବକିଶୋର ବେହେରା , ପ୍ରହ୍ଲାଦ ପତି, ସୁରଜିତା ନାୟକ, ଶାନ୍ତିଲତା ନାୟକ, ଶେକ୍ ସତରୁଦ୍ଦିନି, ଅଦ୍ଦଲ, ବିଷ୍ଣୁ ଦାଶ ଙ୍କ ନେତୃତ୍ୱ ରେ ସହର୍ ପରିକ୍ରମା କରିବା ପରେ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଏକ ସାଧାରଣ ସଭା ଶ୍ରମିକ ନେତା ଦିବ୍ୟ ସିଂହ ନାୟକ ଙ୍କ ସଭାପତିତ୍ୟୁ ରେ ଅନୁଷ୍ଠିତ ହୋଇଯାଇଛି। ସେଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ ସି ଆଇ ଟି ୟୁ ରାଜ୍ୟ ସମ୍ପାଦକ ରମେଶ ଜେନା, କାଳନ୍ଦୀ ପାତ୍ର, ବିଷ୍ଣୁ ଦାଶ, ସୁରଜିତା ନାୟକ, ପ୍ରଫୁଲ୍ଲ ପାଢ଼ୀ ତାଙ୍କ ବକ୍ତବ୍ୟ ପ୍ରଦାନ କରି ଡବଲ ଇଞ୍ଜିନ ସରକାର୍ ଙ୍କ ଶ୍ରମିକ ବିରୋଧୀ ଶ୍ରମ କୋଡ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ, ସମାନ କାମକୁ ସମାନ ଦରମା ଦେବା, ଆଠାଘଣ୍ଟା ଦିନିକ କାମ କରିବା ବଦଳ ରେ ଦୈନିକ ଦସ ଘଣ୍ଟା କାମ କରିବେ ଓ ମହିଳା ଶ୍ରମିକ ମାନେ ରାତିରେ କାମ କରିବେ। ଅପର ପକ୍ଷରେ ଶ୍ରମିକ ମାନେ ପ୍ରତିବାଦ କରିବା ବେଳେ ଦେଶର ସମ୍ବିଧାନ, ଗଣତନ୍ତ୍ର ଉପରେ ସରକାର୍ ଆକ୍ରମଣ କରୁଛନ୍ତି। ବିଶ୍ୱରେ ସାମ୍ରାଜ୍ୟ ବାଦୀ ଆମେରିକା ନିକଟରେ ମୋଦି ସରକାର ମୁଣ୍ଡ ନିହାଉଛନ୍ତି। ଏହା ବିରୋଧରେ ଲଢ଼େଇ ଜୋରଦାର କରାଇବାକୁ ଆହ୍ୱାନ ଦେଇଥିଲେ ସିଟୁ ନେତା ଦିବ୍ୟ ସିଂହ ନାୟକ। ଆଜି ସାମ୍ବାଦିକ ମାନେ ସାରା ରାଜ୍ୟ ରେ ଓ ଭଦ୍ରକ ଜିଲ୍ଲାର ସାମ୍ବାଦିକ ମାନେ ଧାରଣା ଦେଇଛନ୍ତି ସେମାନଙ୍କର ବେତନ, ପେନସନ ଓ ସାମାଜିକ ସୁରକ୍ଷା ଅଧିକାରକୁ ସିଟୁ ତରଫରୁ ସମର୍ଥନ କରି ଥିଲେ। ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥଲେ ବିଷ୍ଣୁ ଦାଶ।

# କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ଅବସର ଗ୍ରହଣ

ଭୁବନେଶ୍ୱର, ୦୨/୦୫ (ନି.ପ୍ର): ୟୁନିଟ୍-୩ ସ୍ଥିତ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ସତ୍ୟନାରାୟଣ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦର କର୍ମକର୍ତାଗଣ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଗଣଙ୍କ ସହିତ କଟକ ଓ ଭୁବନେଶ୍ୱର ମହାନଗର ନିଗମର ଅନେକ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ । ଉକ୍ତ ସଭାରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ଓ ପ୍ରାଚିତନୟା ଗିରି ଉପସ୍ଥିତ ଥିଲେ। ଏମାନଙ୍କ ସହିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସୁଧାଂଶୁ କୁମାର ପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ବୃନ୍ଦାବନ ଶତପଥି, ଜୁନିଅର ରେଡ୍‌କ୍ରସ୍ ର ସିଇଓ ଲକ୍ଷ୍ମଣ ସ୍ୱାଇଁ ଓ ଭୁବନେଶ୍ୱର ଜିଲ୍ଲା ଭାରତ ସ୍କାଉଟ କମିସନ୍ ର ଅମ୍ବିକା ପ୍ରଦାନ ଦାସ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଓ ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ ଓ ପୁରାତନ ଛାତ୍ର ସଂଘ ସଭ୍ୟ ବିଜୟ ପାତ୍ର ଉପସ୍ଥିତ ଥିଲେ ।

ସଭାକାର୍ଯ୍ୟକୁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସନତ ମିଶ୍ର ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଗୌରଚନ୍ଦ୍ର ମହାପାତ୍ର, ବୁଦ୍ଧିଜୀବୀ ପ୍ରମୁଖ ବିଦ୍ୟାଳୟ ତଥା ପ୍ରଧାନଶିକ୍ଷକଙ୍କ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ । ଶ୍ରୀ ଦାଶଙ୍କ ନିରୋଗ ଜୀବନ କାମନା କରି ସଭାସଙ୍ଗ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ମାଧ୍ୟମରେ କୃଷି ଯନ୍ତ୍ରପାତି ଓ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୦୨/୦୫ (ନି.ପ୍ର): ଶନିବାର ଦିବା ୧୧ ଘଟୀକା ସମୟରେ ସ୍ଥାନୀୟ ଏନ୍.ଏ.ସି. କଲ୍ୟାଣ ମଣ୍ଡପ ଠାରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ମାଧ୍ୟମରେ ଜନଜାତି ବର୍ଗର ଚାଷୀମାନଙ୍କୁ କୃଷି ଯନ୍ତ୍ର ପାତି ଓ କ୍ଷୁଦ୍ର ଯୁବ ଉଦ୍ୟୋଗୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ସ୍ଥାନୀୟ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ, ଜନଜାତି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିପିନ ମାର୍ଣ୍ଡି, ଉପାଧ୍ୟକ୍ଷା ଶ୍ରୀମତୀ ଝରଣା ସିଂ, ଏନ୍.ଏ.ସି. ଭାରାପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରକଳ୍ପ ପ୍ରଶାସିକା ତଥା ବାଲେଶ୍ୱର ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ (କାର୍ଯ୍ୟ ନିର୍ବାହୀ)



ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ଅତିଥି ମାନଙ୍କ ପରିଚୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଜଗନ୍ନାଥଙ୍କ ଫୋଟ ଚିତ୍ର ନିକଟରେ ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ପ୍ରକଳ୍ପ ପ୍ରଶାସିକା ଡ.ସାମନ୍ତରାୟ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ପରେ ପରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ସମସ୍ତ ଅତିଥି ଗଣ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଚାଷୀ ମାନଙ୍କୁ ଜଳ ସେଚନ ସୁବିଧା ପମ୍ପସେଟ୍, ଫସଲ ସୁରକ୍ଷା ପାଇଁ ବ୍ୟାଟେରୀ ଚଳିତ ସିଞ୍ଚନ ଯନ୍ତ୍ର ଯୋଗାଇ ଦେବା ସହ ଯୁବ ବର୍ଗର କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉଥିବା ସଂପର୍କରେ ଅବଗତ କରିଥିଲେ। ବାଲେଶ୍ୱର ଜିଲ୍ଲାର ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ ବର୍ଗର ଜନଜାତିର ଯୋଗ୍ୟ ହିତାଧିକାରୀଙ୍କୁ କୃଷି କ୍ଷେତ୍ରରେ ମୋଟ ୫୦ ଜଣଙ୍କୁଜଳ ସେଚନ ସୁବିଧା ପାଇଁ ପମ୍ପ ସେଟ୍, ୧୮୮ ଜଣଙ୍କୁ ବ୍ୟାଟେରୀ ଚଳିତ ସିଞ୍ଚନ ଯନ୍ତ୍ର ବଣ୍ଟନ କରିବା ସହିତ ଦରଜୀ କାର୍ଯ୍ୟ, ୱେଲ୍ଡିଂଗ, ତେଜରାତି ସାମଗ୍ରୀ ଦୋକାନ, ଲେଡିଜ୍ କର୍ନର,ରାଜମିସ୍ତ୍ରୀ (କୋଠାବାଡ଼ି) କାର୍ଯ୍ୟ, ଗ୍ୟାରେଜ ଆଦି ବିଭିନ୍ନ କାର୍ଯ୍ୟ ପାଇଁ ୧୨ଜଣ ହିତାଧିକାରୀଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଅଛି ।ଶେଷରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରକଳ୍ପ ପ୍ରଶାସିକା ତଥା ବାଲେଶ୍ୱର ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଡ.ସାମନ୍ତରାୟ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିପାଇଁ ଗରା ବାଲ୍ଟି ରଖି ରାସ୍ତାରୋକ କଲେ ଗ୍ରାମବାସୀ

ନୀଳଗିରି , ୦୨/୦୫ (ନି.ପ୍ର): ନୀଳଗିରି ମିତ୍ରପୁର ରାସ୍ତା ଧୋବଶିଳା ଛକରେ ଶହଶହ ମହିଳା ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତାରୋକ କରିଥିଲେ ଶତାଧିକ ଗ୍ରାମବାସୀ। ଗାଁ କୁ ପାଣି ସଠିକ୍ ସମୟରେ ଆସୁନଥିବା ଓ ଟିଅଲ ଅଚଳ ଥିବା କାରଣରୁ ଏହି ରାସ୍ତାରୋକ କରିଥିଲେ ଧୋବଶିଳା ପଞ୍ଚାୟର ଅନ୍ଧାରୀ ସାହିର ଲୋକେ। ତେବେ ଦୀର୍ଘ ଦିନ ରୁ ଗାଁ ରେ ପାଣି ସମସ୍ୟା ଥିବାରୁ ଲୋକେ ରାନ୍ଧିବା ଓ ପିଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ସ୍ଥାନୀୟ ବାସିନ୍ଦା। ଉକ୍ତ ପଞ୍ଚାୟତ ଅନ୍ଧାରୀ ସାହିରେ ମେଗା ପ୍ରକଳ୍ପ ବ୍ୟବସ୍ଥାରେ



ଜଳ ଯୋଗାଣ କରାଯାଉଛି। ହେଲେ ପମ୍ପ ଡ୍ରାଇଭର ଙ୍କ ମନମାନି ପାଇଁ ଲୋକନାନେ ଜଳ ସମସ୍ୟା ଭୋଗୁ ଥିବାର ଅଭିଯୋଗ କରିଥିଲେ। ଏନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ସିଂ ଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଦ୍ଧ କିଛି ସୁଫଳ ମିଳିନଥିଲା। ପ୍ରତିବାଦ ସ୍ୱରୂପ ଶନିବାର ସକାଳ ୧୦ ଘଟିକା ସମୟରେ ରେ ନୀଳଗିରି-ମିତ୍ରପୁର ରାସ୍ତା ଧୋବଶିଳା ଛକ ଠାରେ ଅନ୍ଧାରୀ ସାହିର ସ୍ତ୍ରୀ ଲୋକ ମାନେ ଗରା, ବାଲ୍ଟି ରାସ୍ତା ଉପରେ ରଖି ପ୍ରତିବାଦ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣା ସ୍ଥଳରେ ନୀଳଗିରି ପୋଲିସ, ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରିତିପ୍ରଭା ବାରିକ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଏଥି ସହିତ ସ୍ଥାନୀୟ ମେଗା ପାଣି ପମ୍ପ ଡ୍ରାଇଭର ଙ୍କୁ ଲଗାଇ ପାଣି ବ୍ୟବସ୍ଥା ହେଲାପରେ ମଧ୍ୟାହ୍ନ ୧୨.୩୦ ମିନିଟ ସମୟରେ ରାସ୍ତା ରୋକ ପ୍ରତ୍ୟାହୃତ ହୋଇଥିଲା। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ମୁରିବାହାଲ ବ୍ଲକରେ ଗୋ ସମ୍ମାନ ଅଭିଯାନ ସମ୍ପର୍କିତ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

ବଲାଙ୍ଗୀର, ୦୨/୦୫ (ନି.ପ୍ର): ଗୋ ସମ୍ମାନ ଆହ୍ୱାନ ଅଭିଯାନ ଆନୁକୂଲ୍ୟରେ (ନୂତନ)ରାମ ମନ୍ଦିର ପରିସରରୁ ଏକ ବିଶାଳ ପଟୁଆର ବାହାରି ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ଗୋଭକ୍ତ, ସମାଜସେବୀ ଓ ସାଧାରଣ ଜନସାଧାରଣ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ଗୋ-ସୁରକ୍ଷା ପକ୍ଷରେ ସ୍ଲୋଗାନ ଦେଇ ସମଗ୍ର ପରିବେଶକୁ ସଚେତନ ମୂଳକ କରିଥିଲେ। ସକାଳ ୧୦ ଘଂଟା ସମୟରେ ମୁରିବାହାଲ ତହସିଲଦାରଙ୍କ ମାଧ୍ୟମରେ ଜିଲ୍ଲାପାଳ, ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଉପସ୍ଥାପିତ କରାଯାଇଥିଲା। ଏହି ଦାବିପତ୍ରରେ ଦେଶରେ ବୃଦ୍ଧିଶୀଳ ଗୋ-ହତ୍ୟାକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ କଡ଼ା କାନୁନୀ ବ୍ୟବସ୍ଥା ଗ୍ରହଣ କରିବା ସହିତ ଗୋମାତାଙ୍କୁ ଭାରତର 'ରାଷ୍ଟ୍ରମାତା' ଭାବେ ଘୋଷଣା କରି ସେମାନଙ୍କର ସମ୍ମାନ, ସୁରକ୍ଷା ଓ ସଂରକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ଦୃଢ଼ ଦାବି ଉପସ୍ଥାପିତ କରାଯାଇଥିଲା। ଏହାସହ ଗୋ-ସଂରକ୍ଷଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଆଧୁନିକ ଗୋଶାଳା ସ୍ଥାପନ, ଅବାଧ ଓ ଅସୁରକ୍ଷିତ ଗୋ-ବଂଶର ସୁରକ୍ଷା ପାଇଁ ସରକାରୀ ପଦକ୍ଷେପକୁ ଜୋରଦାର କରିବା, ଗୋ-ତସକରୀ ଓ ଅବୈଧ ବ୍ୟବସାୟ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଗୋ-ଆଧାରିତ କୃଷି, ଦୁଗ୍ଧ ଉତ୍ପାଦନ ଓ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ପାଇଁ ବିଶେଷ ଯୋଜନା ଆରମ୍ଭ କରିବାକୁ ମଧ୍ୟ ଦାବି କରାଯାଇଥିଲା।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ : ହତ୍ୟା ଅଭିଯୋଗ

ଚମ୍ପୁଆ, ୦୨/୦୫ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ବଡ଼ନଈ ପଂଚାୟତ ପଳଶା ଗ୍ରାମରେ ବିଲ ଭିତରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକଙ୍କ ମୃତ୍ୟୁ କୁ ନେଇ ସନ୍ଦେହ ପ୍ରକାଶ ପାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ମୃତ ଯୁବକ ପଳସା ଗ୍ରାମର ଉମେଶ ମୁଣ୍ଡା (୨୭) । ମିଳିଥିବା ସୂଚନା ଅନୁସାରେ ଗତ କାଲି ରାତି ରେ ଉମେଶ ଓ ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କ ମଧ୍ୟରେ କଳହ ହୋଇଥିଲା। କଳହ ବାବଦରେ ଉମେଶ ତାଙ୍କ ଭିଣୋଇଙ୍କୁ ଫୋନ କରି ଜଣାଇଥିଲେ। ଆଜି ସକାଳୁ ଇଶ୍ୱର ଉମେଶଙ୍କୁ ଫୋନ୍ କରିଥିଲେ । ତେବେ ଉମେଶ ଙ୍କ ଫୋନ୍ ସୁଇଚ୍ ଅଫ ଥିବାରୁ ସେ ପଳଶା ଗାଁକୁ ଆସି ଉମେଶଙ୍କୁ ଖୋଜାଖୋଜି କରିଥିଲେ। ଉମେଶ ଘର ନିକଟରେ ଏକ ବିଲରେ ମରି ପଡ଼ିଥିବା ଦେଖି ଈଶ୍ୱର ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଚମ୍ପୁଆ ପୁଲିସ୍ ସାଇଂଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ପରକୀୟା ପ୍ରୀତିକୁ ନେଇ ଉମେଶଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରାଥମିକ ତଦନ୍ତରୁ ହତ୍ୟାକାଣ୍ଡ ରେ ଉମେଶ ଙ୍କ ସ୍ତ୍ରୀ ସୁକାନ୍ତି ଓ ଅନ୍ୟ ଜଣେ ଯୁବକ ଙ୍କ ସମ୍ପୃକ୍ତି ଥିବା ଅନୁମାନ କରି ପୁଲିସ୍ ସୁକାନ୍ତିକୁ ଅଟକ ରଖିଛି।

# ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ମୁରିବାହାଲରେ ମଧୁର ରସ୍ନା ପାଣି ବଣ୍ଟନ

ବଲାଙ୍ଗୀର, ୦୨/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ଠାରେ ପ୍ରଚଣ୍ଡ ତାପମାତ୍ରା ଓ ଭୟଙ୍କର ଖରାକୁ ଦୃଷ୍ଟିରେ ରଖି ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ, ମୁରିବାହାଲ ପ୍ରଖଣ୍ଡ ପକ୍ଷରୁ ଆଜି ମଙ୍ଗଳବାର ଦିନ ଏକ ମାନବ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ମୁରିବାହାଲର ସାପ୍ତାହିକ ମଙ୍ଗଳବାର ବଜାର ଥିବାରୁ ଦୂର ଦୂରାନ୍ତରୁ ଅନେକ ଲୋକ ବଜାରକୁ ଆସିଥିଲେ। ଏହି ପ୍ରଚଣ୍ଡ ଗରମରେ ଲୋକମାନେ ଅସୁବିଧାରେ ପଡୁଥିବାକୁ ଦେଖି ବଜରଙ୍ଗ ଦଳ ପକ୍ଷରୁ ମଧୁର ରସ୍ନା ପାଣି ବଂଟନ କରାଯାଇଥିଲା। ଏହି ପାଣି ବଂଟନ କାର୍ଯ୍ୟକ୍ରମ ରାଧାକୃଷ୍ଣ ଓ ଶିବ ମନ୍ଦିର ପାଖରେ ଆୟୋଜିତ ହୋଇଥିଲା ଏବଂ ବଜାରକୁ ଆସୁଥିବା ସାଧାରଣ ଲୋକ, ଯାତ୍ରୀ, ବ୍ୟବସାୟୀ ଓ ଶ୍ରମିକମାନେ ଏହାର ଲାଭ ଉଠାଇଥିଲେ। ବଜରଙ୍ଗ ଦଳ ପକ୍ଷରୁ ଏପରି ସେବା କାର୍ଯ୍ୟକ୍ରମକୁ "ସେବା, ସୁରକ୍ଷା, ସଂସ୍କାର" ମନ୍ତ୍ର ଆଧାରରେ ନିରନ୍ତର ଚାଲୁ ରଖାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ମାନବ ସେବାମୂଳକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକମାନେ ପ୍ରଶଂସା କରିଥିବା ସହ ଆଗାମୀ ଦିନରେ ଏଭଳି ଉଦ୍ୟମ ଆହୁରି ବଢ଼ିବ ବୋଲି ଆଶା ପ୍ରକାଶ କରିଛନ୍ତି। ବଜରଙ୍ଗ ଦଳ ପ୍ରଖଣ୍ଡ(ବ୍ଲକ) ସଭାପତି ପଦ୍ମଲୋଚନ ସାହୁ, କାର୍ଯ୍ୟକର୍ତା ସୁଧାଂଶୁ ପୋଡ଼ ଯାଦବ, କରନ୍ ଜାଲ, ଅଜିତ ବାଗ, ରାଜ ନାଗ, ଲିକୁନ ସାହୁ ଯୋଗେନ୍ଦ୍ର ଥାଟି, ସିବା ରାଉତ, କୃଷ୍ଣାଲାଲ ଭୋଇ, ଜନକ ଖର୍ସେଲ, ବାବୁଲାଲ କେତକୀ, ବାବୁଲି ରାଉତ, ଦୁର୍ଯ୍ୟୋଧନ ନାଗ, ରାକେଶ ପୃଷ୍ଟି , ହରିଶ୍ ମହାକୁର, ଉଦିତ୍ କଟା, ରୋହନ ଜାଲ, ଧ୍ରୁବ ଯାଦବ, ରଞ୍ଜନ ବନଛୋର, ରୋହନ ବନଛୋର, ଉପଦେଷ୍ଟା ରାଜୀବ ମହାନ୍ତି, ସୁଧୀର କୁମାର ପାଣି, ଭାରତ ଦାସ ଓ ଶତାଧିକ ବଜରଙ୍ଗ ଦଳ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୩ ମଇ ୨୦୨୬
email :
rabibarachayan2015@gmail.com



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୨ ମେହେନ୍ତର ସୁନିତ୍

ଭାରତର ଶ୍ରୀବସ୍ତୀରେ ସୁନିତ୍ ନାମକ ଜଣେ ମେହେନ୍ତର ଥିଲେ। ଜଣେ ରାସ୍ତା ସଫାକାରୀ ଭାବରେ ତାଙ୍କୁ ବହୁତ କମ୍ ଦରମା ମିଳୁଥିଲା ଯାହା ତାଙ୍କର ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଇବା ପାଇଁ ଯଥେଷ୍ଟ ନଥିଲା। ତାଙ୍କ ପାଖରେ ପୋଷାକ କିମ୍ବା ଔଷଧ କିଣିବା ପାଇଁ ଯଥେଷ୍ଟ ଅର୍ଥ ନଥିଲା। ସେ ରାସ୍ତା କଡ଼ରେ ଶୋଉଥିଲେ, କାରଣ ତାଙ୍କର ଶୋଇବା ପାଇଁ ଘର ନଥିଲା। ସେ ଅନ୍ୟ ଲୋକମାନଙ୍କୁ ମଉଜ-ମସ୍ତି କରୁଥିବାର ଦେଖୁଥିଲେ କିନ୍ତୁ ସେ ସେମାନଙ୍କ ସହିତ ମିଶି ପାରୁନଥିଲେ କାରଣ ଲୋକମାନେ ତାଙ୍କୁ ଦୂର୍ ହୁଅ ବୋଲି କହୁଥିଲେ। ଯେତେବେଳେ ଜଣେ ଉଚ୍ଚଜାତିର ବ୍ୟକ୍ତି ରାସ୍ତାରେ ଯାଉଥିଲେ, ସୁନିତ୍‌ଙ୍କୁ ସେମାନଙ୍କ ପାଇଁ ରାସ୍ତା ସଂପୂର୍ଣ୍ଣ ଭାବରେ ଛାଡ଼ି ରାସ୍ତାଠାରୁ ବହୁତ ଦୂରରେ ଠିଆ ହେବାକୁ ପଡୁଥିଲା କାରଣ ଯଦି ତାଙ୍କର ଛାଇ ଉଚ୍ଚଜାତିର ବ୍ୟକ୍ତିଙ୍କ ଉପରେ ପଡ଼େ ତେବେ ତାଙ୍କୁ ଗାଳି ଏବଂ ମାଡ଼ ଖାଇବାକୁ ପଡୁଥିଲା, ଯଦ୍ଦ୍ୱାରା ସେ ବହୁତ ରକ୍ତାକ୍ତ ହୋଇଯାଉଥିଲେ। ସେ କିଛି ଶିକ୍ଷା ପାଇପାରୁନଥିଲେ କାରଣ ସେ ବହୁତ ଗରିବ ଥିଲେ ଏବଂ ଧାର୍ମିକ କାର୍ଯ୍ୟରେ ଯୋଗଦେବାର ସୁଯୋଗ ପାଉ ନଥିଲେ। ତେଣୁ ସେ ଏକ ଅତ୍ୟନ୍ତ ଦୟନୀୟ ଏବଂ ଦୁଃଖଦାରିଦ୍ର୍ୟପୂର୍ଣ୍ଣ ଜୀବନ ବିତାଉଥିଲେ।

ଦିନେ ସେ ଏକ ଅପରିଷ୍କାର, ଧୂଳିପୂର୍ଣ୍ଣ ଏବଂ ଦୁର୍ଗନ୍ଧମୟ ରାସ୍ତା ସଫା କରୁଥିଲେ। ତାଙ୍କ ଶରୀର ମଇଳା ଏବଂ ଝାଳରେ ବୁଡ଼ିଯାଇଥିଲା। ସେ କେବଳ ଖଣ୍ଡିଏ ଛୋଟ କପଡ଼ା ପିନ୍ଧିଥିଲେ। ହଠାତ୍ ସେ ଦେଖିଲେ ବୁଦ୍ଧ ସେହି ରାସ୍ତାରେ ଆସୁଛନ୍ତି ଏବଂ ତାଙ୍କ ପଛରେ ଅଛନ୍ତି ହଜାର ହଜାର ଭିକ୍ଷୁ। ସୁନିତ୍ ଖରକା ଯାଇଥିବା ଧୂଳି ଏବଂ ମଇଳା ସଂଗ୍ରହ କରୁଥିଲେ, ସେଗୁଡ଼ିକୁ ଟୋକେଇରେ ପୂରାଇ ନିଜ ମୁଣ୍ଡରେ ରଖି ଫିଙ୍ଗିଦେବାକୁ ନେଇଯାଉଥିଲେ। ଯେତେବେଳେ ସେ ବୁଦ୍ଧ ଏବଂ ହଜାର ହଜାର ଭିକ୍ଷୁଙ୍କୁ ତାଙ୍କ ଆଡ଼କୁ ଆସୁଥିବାର ଦେଖିଲେ, ତାଙ୍କର ହୃଦୟ ଆନନ୍ଦ ଏବଂ ଭୟରେ ପୂର୍ଣ୍ଣ ହୋଇଗଲା। ରାସ୍ତାରେ ଲୁଚିବା ପାଇଁ କୌଣସି



ସ୍ଥାନ ନ ପାଇ ସେ କାନ୍ଥର ଏକ ମୋଡ଼ରେ ନିଜର ମଇଳାଭାରକୁ ରଖିଲେ ଏବଂ କାନ୍ଥରେ ପୂରା ଭିଡ଼ିଯାଇ ବୁଦ୍ଧଙ୍କ ପ୍ରତି ହାତଯୋଡ଼ି ଠିଆ ହେଲେ। ବୁଦ୍ଧ ତାଙ୍କ ପାଖକୁ ଆସି ଅଟକିଗଲେ ଏବଂ ଏକ ଦିବ୍ୟ ମଧୁର ସ୍ୱରରେ ତାଙ୍କ ସହିତ କଥା ହେଲେ। କହିଲେ, "ମୋର ପ୍ରିୟ ବନ୍ଧୁ, ତୁମେ କ'ଣ ଏହି ଚାକିରି ଛାଡ଼ି ଭିକ୍ଷୁ ହେବାକୁ ଚାହିଁ?"

ସୁନିତ୍‌ଙ୍କ ସହ ପୂର୍ବରୁ କେହି ଏପରି କଥା ହୋଇନଥିଲେ। ତାଙ୍କ ହୃଦୟ ଏତେ ଆନନ୍ଦ ଏବଂ ଖୁସିରେ ପୂର୍ଣ୍ଣ ହୋଇଗଲା ଯେ ତାଙ୍କ ଆଖି ଲୁହରେ ଭରିଗଲା। ସେ ଗୋଟିଏ ମୁହୂର୍ତ୍ତ ପାଇଁ ବାକ୍‌ଶୂନ୍ୟ ହୋଇଗଲେ। ସେ ନିଜ ଆଖି ଏବଂ କାନକୁ ବିଶ୍ୱାସ କରିପାରିଲେ ନାହିଁ। ସେ କେବେ ଜାଣିନଥିଲେ ଯେ ବୁଦ୍ଧ ଏତେ ଦୟାଳୁ ଅଟନ୍ତି। ସେ ସବୁବେଳେ ଆଦେଶ ପାଇଥିଲେ କିନ୍ତୁ କାହାଠାରୁ କେବେ ଦୟାଳୁ ଶବ୍ଦ ପାଇନଥିଲେ। ତେଣୁ ସେ କହିଲେ, "ହେ ପରମ ପୂଜ୍ୟ ମହାଶୟ, ମୁଁ ସବୁବେଳେ ଆଦେଶ ପାଇଛି, କିନ୍ତୁ କେବେ ଦୟାଳୁ ଶବ୍ଦ ପାଇନାହିଁ। ଯଦି ଆପଣ ମୋ ପରି ଜଣେ ଅପରିଷ୍କାର ଏବଂ ସବୁଠାରୁ ଦୁଃଖୀ ମେହେନ୍ତରକୁ ଗ୍ରହଣ କରନ୍ତି, ତେବେ ମୁଁ କାହିଁକି ଏହି କୁତ୍ସିତ କାର୍ଯ୍ୟ ଛାଡ଼ିବାକୁ ପସନ୍ଦ ନ କରିବି ମହାଶୟ?" ସୁନିତ୍ କହିଲେ।

ବୁଦ୍ଧ ସେହି ସ୍ଥାନରେ ଠିଆ ହୋଇ ସୁନିତ୍‌ଙ୍କୁ ଦୀକ୍ଷା ଦେଲେ ଏବଂ ତାଙ୍କୁ ଅନ୍ୟ ଭିକ୍ଷୁମାନଙ୍କ ସହିତ ସାମିଲ କରିଦେଲେ। ପରବର୍ତ୍ତୀ ସମୟରେ କେହି ଜାଣିପାରିଲେ ନାହିଁ ଯେ ତାଙ୍କର ଜାତି କ'ଣ ଏବଂ ରାଜା, ମନ୍ତ୍ରୀ, ସେନାପତି କିମ୍ବା ଅନ୍ୟ ସମସ୍ତେ ତାଙ୍କୁ ସମ୍ମାନ ଦେଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୪

## ମାମଲା (ଘ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ମାଲିକ ଗୁଡ଼ିଆ ବର୍ଣ୍ଣର। ବଡ଼ ଘରୁଆ। ଚାଷବାସ, ଗୋପାଳନ, ବ୍ୟବସାୟ ସବୁଥିରେ ଦୋରସ୍ତ। ଏ ତିନୋଟି ସମସ୍ତେ ସମସ୍ତଙ୍କ ପାଇଁ ଛନ୍ଦୁରିମନ୍ଦୁରି ଯେମନ।

ଚାଷବାସ ପାଇଁ ଗୋପାଳନ ଦରକାର। ଗାଈ ବାଛୁରୀ ଦେବ। ନିତିଆନି ଅମଳ ହେବ। ଖାବାରି ଦୋକାନରେ ଛେନାପୋଡ଼ ରସଗଲା ବନା ହେବ। ଏମିତି ଲଗାଲଗି ବ୍ୟବସ୍ଥା ସବୁ।

ପଡ଼ିଶା ଘର ଗୁଜୁରାଣ ମେଣ୍ଟାଇବା ପାଇଁ ମାତ୍ର ଗୋଟିଏ ଗାଈ। ଆସିଲା ଫାଟୁଆରୋଗ। ଗାଈ ଆଠଦିନରେ ହୁଡ଼ାକୁ ମୁହାଁଇଲା। ବଡ଼ ନେହୁରା ନିମନ୍ତ ହୋଇ ପଡ଼ୋଶୀ ଭାଇ ଘରୁଆ ମାଲିକକୁ ମାଗିଲା ଗାଇଟିଏ। ଅଳପାଅଳପି କିଛି ଦବାକୁ ବି କହିଲା।

ଘରୁଆ ମାଲିକ ହସିଦେଇ ପଡ଼ିଶା ଭାଇର ପିଠି ଥାପୁଡ଼େଇ ଦେଲେ। କହିଲେ: ଯା ନେଇଯା ମାହାଳିଆରେ ଗୋଟିଏ। ତୋର ଦାନା ଯୋଗାଡ଼ କର। କମର ଉଠା। ତା ପରେ ଦେଖିବା।

ପଡ଼ୋଶୀ ଗାଇଟିଏ ବାଛି ଗୁହାଳରୁ ଫିଟେଇଲା। ଗର୍ଦ୍ଦନରେ ପଘା ଯୋଡ଼ି ପଦାକୁ ଆଣି ଘର ଆଡ଼କୁ ଟାଣିଲା। ଗାଈ ଏ ମାମଲା କିଛି ବୁଝି ପାରିଲା ନାହିଁ। ଏଇନା କଳଉଥିଲା ନଡ଼ା ଦି'କେରା। ଏ ଆତତାୟୀ କିଏ?

ଯିବାକୁ ନଛୋଡ ବନ୍ଧା। ପଡ଼ୋଶୀ ଝିକି ଝିକି ପଚାଶହାତ ନେଇଗଲା। ଗାଁ ଗାଁ ବୋବାଳି ଛାଡୁଥାଏ ଗାଈ। ଆଗରେ ସରୁନାଳଟେ। କଂକ୍ରିଟ ପୋଲ ଡିଆଁଇ ନବା ମୁସ୍କିଲ୍। ଟଣାଓଟରା ଓ ବିକଟାଳ ହମ୍ବାରଡ଼ି ଶୁଣି ସବୁକାମ ଛାଡ଼ି ଧାଇଁ ଆସିଲେ ପୁରୁଣା ମାଲିକେ। ଶତସିଂହର ବଳ ଆସିଗଲା ଗାଈର। ପ୍ରତିଗ୍ରାହୀ ହାତରୁ ଖସି ମୁହଁ ହଠାତ ବୁଲେଇ ଦେଲା ତା ଗୁହାଳ ଆଡ଼କୁ। ମାଲିକଙ୍କ ଦେହରେ ପିଟି ହୋଇଗଲା ଅକସ୍ମାତ। ମାଲିକ ଛିଟିକି ପଡ଼ିଲେ ପୋଲରେ ପିଟି ହୋଇ ନାଳ ଭିତରକୁ।

ଏହାପର ଅବସ୍ଥା ଆହୁରି କରୁଣ। ଆଉ କିଏ ହୋଇଥିଲେ ଗାଈକୁ କଂସେଇଖାନା ପଠେଇଥାଆନ୍ତା। ଘରଲୋକେ ଗାଈକୁ ଆଘାତ ଦେଲେ ନାହିଁ। ଗାଈ ବି ଆଉ ଗୁହାଳକୁ ଫେରିଲା ନାହିଁ। ଆଖିରୁ ଲୁହ ଝରାଇ ଗୁହାଳ ଆଗ ଅରମାରେ ଛିଡ଼ା ହୋଇ ନାଳ ଆଡ଼କୁ ଅନେଇ ଲୁହ ଝରେଇଲା। ଘରଲୋକେ ଯେତେ କୁଣ୍ଡା, ଚୋକଡ଼, ଘାସ ଥୋଇଲେ ସବୁ ସେମିତି ଥୁଆ ହେଲା। ପାଣି ବି ଛୁଇଁଲା ନାହିଁ।

ମାଲିକଙ୍କର ଏଗାରଦିନ ଗାଈ ପାଇଁ ସମାଧି ଖୋଳା ହେଉଥିଲା। ମାମଲା ଖଲାସ।

♥ ରମାଦେବୀ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦

## ପାଉଁଜିର ପାଣ୍ଡୁଲିପି-୧୮

**ବିପିନ ମହାନ୍ତି**



### ପାଉଁଜି ହଜଇ ତୋର

ହଜିଯାଇଛି ନା ହଜେଇ ଦେଇଛୁ ପାଉଁଜିକୁ ଜାଣିଶୁଣି
ଏଥରକୁ ନେଇ ସାତଥର ତୁଇ ପାଉଁଜି ହଜେଇଲୁଣି
ତୋ' ପାଉଁଜି ସାଥେ ଭାବପ୍ରବଣତା ଯୋଡ଼ାଅଛି ଯେଣୁ ମୋର
କେଜାଣି କାହିଁକି ମୋତେ ଦେଖିଦେଲେ ପାଉଁଜି ହଜଇ ତୋ'ର।

ତୋ' ପେଖନା ସବୁ ବୁଝି ସାରିଲିଣି ଖୋଜିଦିଅ ବୋଲି କହୁ
ମାଛି ଅନ୍ଧାରରେ ନିରୋଳା ସଞ୍ଜରେ ମନଖୋଲି କଥା ହେଉ
ପାଉଁଜି ଫାଉଞ୍ଜି ଖୋଜିବା ଫାଜିବା ସବୁ ତ ଚୁଲିକୁ ଯାଉ
ଫାଜିଲ ରାତିର ମଞ୍ଜିଲ୍‌ଟା ଆସ ରଙ୍ଗିନ କରିବା କହୁ।

ସାଇ ପଡ଼ୁଶୁଣି ସବୁ ଜାଣିଲେଣି ତୋ' ସାଥେ ମୋ' ଇଲୁଇଲୁ
ଆଖିବୁଜି କ୍ଷୀର ପିଉଛି ବିଲେଇ କେତେ ଲୋ' ତୁ କୁଲୁକୁଲୁ
ପ୍ରେମ ପାଇଁ ମନ ବଳାଇଲେ ତୋ'ର ପାଉଁଜି ହଜଇ କାହୁଁ
ରାତିର ବି କାନ ଜହ୍ନର ବି ମନ ବୁଝି ତୁ ଅବୁଝା ହେଉ।

ଫୁଙ୍ଗୁଳା ତୋ' ପାଦ ଦେଖିଲେ ମୁଁ ବୁଝେ ପାଉଁଜି ହଜିଛି ତୋ'ର
ପାଉଁଜି ଖୋଜିବା ଆଳରେ ତୋ' ଦ୍ୱାରେ ହାଜର ମୁଁ ଚିତ୍ତଚୋର।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# କବିତା

## ଅକଳନ୍ତା ଖେଦ

**ସୁଲକ୍ଷଣୀ ସାହୁ**



ଧରା ସରଗର ଆଶ୍ୱସ୍ତ ପରିସରଟେ ପାଇଁ
ଆଶା ବିଶ୍ୱାସ ଉନ୍ନତିର କୁଟା କାଠି ଯୋଗାଡ
ଓ ସଜରେ ଅଭ୍ୟସ୍ତ
ପାରଗ ଆକାଂକ୍ଷା ଫୁଲ ଗୁଡାକ ଝଡିପଡିଲେଣି
ଅସ୍ତ ଆକାଶର ଆଗମନ ଭୋଗି ।

ଟିକି ଟିକି ଉଦ୍ୟମର ହଳେ ଡେଣାରେ
ଆତ୍ମବିଶ୍ୱାସର ମୋଦ ଲେସିବାର ଝୁଙ୍କରେ
ଓହଳି ପଡିଲାଣି ବୟସ
ଉକୁଟା ସୌନ୍ଦର୍ଯ୍ୟର ପତ୍ରଡାଳ ।

ଶୁନଶାନ୍ ଅପନ୍ତରା ଏବେ ଅଳି ଅର୍ଦ୍ଦଳି
ଜୋତା ପିନ୍ଧା କୋଳାହଳର
ସବଜା ଦାଣ୍ଡ ଅଗଣା
ଭଳିକିଭଳି ପିଠା ମିଠା ଚିଠାରେ
ମହକା ଇତିହାସ ଗୁମୁରି ନୀରବ
ସେ ହାଣ୍ଡିଶାଳ ।

ମମତାର ପଣତରେ କେଡେ କଣା !
ଚିରି ଯାଇ
ଆଉ କୋଡେଇ ପାରୁନି ଛାତି ଲୋଭର
ସଶକ୍ତ ହାତ ଆଉଁସାରେ ନାହିଁ
ଆଉ ସାବାସୀର ପ୍ରଶଂସିତ ଉପହାର ।

ସହିସମ୍ଭାଳି ଖୋଜି ଲୋଡ଼ି କଅଁଳ ଥଣ୍ଟରେ
ସୁସ୍ୱାଦୁ ଦାନା ଦିଆ ଥଣ୍ଟ ଯୋଡିକ
ଖୋଜୁନାହାନ୍ତି ଏବେ ସୁଆଦିଆ ଅନ୍ନ ତିଅଣ,
ଆମେରିକା ଡଲାର୍ ଭୋକରେ ଆସକ୍ତ
ବାବୁଙ୍କର ତୁଟିଛି ଗାଆଁ ପଖାଳ ମୋହ ।

ପଶ୍ଚିମ ମୁହାଁ ମାଟି ଆକାଶର
ସଞ୍ଚିତ ଆଲୁଅ ଇଚ୍ଛା
ନିୟତି ଭାଗ୍ୟ କର୍ମ ଆଶ୍ୱାସନାର
ଅକଳନ୍ତା ଖେଦରେ
ଚାଲିଛି ଯାହା ଦଲକାଏ ନିଶ୍ୱାସ ଜୀବନର।

♥ ଖରିଆର ରୋଡ

## ॥ ନଇନୁହାଣ ॥

**ବିଜୟ ମହାପାତ୍ର**



ଲହୁଲୁହାଣରୁ ନହୁନୁହାଣ
ନହୁନୁହାଣ ଗଲା ପବନରେ ଉଡି
ହେଲା ନଇନୁହାଣ।

ସାର୍ କହିଲେ ହେଲାନାଇଁ
ଭାବ ଫୁଟୁନି
ଭାବବିନୋଦିଆ ରସବିନୋଦିଆ
ଯାଉଥାଏ ବହି
ମୁରଲୀରେ ସ୍ୱନ ଦେଲେ ଶୁଭୁନାଇଁ
ଆଖିର ଠାରରେ ଯାହା କଷ୍ଟେମଷ୍ଟେ
ପବନ ପଶଇ

ସେ ସ୍ୱରରେ ବେହୋସ ହୁଅଇ
ପାଣି ଛିଞ୍ଚିବ ଏମିତି
ଯେମିତି ଶବ୍ଦଙ୍କର ଶ୍ୱାସମାନ
ଉକୁଟି ନଯାଇ !

ଧେତ୍, ସାର୍ କହିଲେ ହେଲାନାଇଁ
ଆହୁରି ଗଡ଼ାଅ ତାକୁ ନଦିଆ କୀର୍ତ୍ତନ କରି
ସମୁଦ୍ର ବାଲିରେ,
ସେ ପାଗଳା ହୋଇ ନଈରୁ ସମୁଦ୍ର
ଭାବରେ ଉତୁରେ କ୍ଷୀର ନିଃଶବ୍ଦରେ
ସମୁଦ୍ରରୁ ନଈ !
କାର୍ତ୍ତିକ ତ ବାତ୍ୟା ମାସ
ଓଡ଼ିଆର ସର୍ବନାଶ
ହେଲେବି ପୁଅଟି ମୋର
ତୋଫାନ ଆସିବା ପୂର୍ବର ସନ୍ନାଟା

ରୋମମୂଳରେ ସିରି ସିରି ଭୟର କସ୍ତୁରୀ
ରହିବ ନା ନରହିବ କଟକ ନଗରୀ
ଧବଳ ଟଗରୀ !!

♥ ଭୁବନେଶ୍ୱର
ମୋ: ୮୨୪୯୦୭୯୮୫୩

## ॥ ଗଜଲ୍ ॥

**ଜାକିର ଖାନ୍**



ପ୍ରେମ ଅଛି ଯେବେ ପ୍ରେମର ଚର୍ଚ୍ଚା ତ ହେବା ଦରକାର
ଘୃଣା ଅଛି ମନେ ତ ତାକୁ ଲୁଚାଇ ନେବା ଦରକାର।

ଆଖି ଆମ ଅନେକ ଅକୁହା କଥା କହିଦେଇପାରେ
କେବେ କେବେ ଆଖିକୁ ତୁମେ ପଢି ଜାଣିବା ଦରକାର।

ସତ କଥା ଶୁଣିଲେ ଆଘାତ ତ ଲାଗିବ ହିଁ ଲାଗିବ
କେବେ କେବେ ସେ ଆଘାତକୁ ସହି ଶିଖିବା ଦରକାର।

ଗରିବଙ୍କ ପାଇଁ ଲଢ଼ିଲେ ମୁଣ୍ଡ କଟି ବା ଭୟ ଅଛି
ପର ପାଇଁ ଲଢ଼ି କେବେ ମୁଣ୍ଡ ବି କଟିବା ଦରକାର।

ହସି କଥା ହେବା ପାଇଁ ଧନ ଦଉଲତ ଲୋଡ଼ା ନାହିଁ
କଥା ହେବା ବେଳେ ମୁହେଁ ହସ ଭରିନେବା ଦରକାର।

ପଥ ଚାଲୁଥିଲା ବେଳେ ପଡି ଯାଏ ଯଦି କେବେ ସାଥି
ହାତ ବଢ଼ାଇ ତାକୁ ଆମେ ଉଠାଇ ନେବା ଦରକାର।

ଜୀବନ ତ ଆମକୁ ଏଠି ଭିକରେ ମିଳିଛି ଯେମିତି
ଜୀବନେ ନିଜକୁ ଆମେ ଭିକାରି ଭାବିବା ଦରକାର।

ପର ଉପରେ ଅନେକ ଅନେକ ଥର ହସୁଛେ ଆମେ
ନିଜ ଉପରେ ବି କେବେ କେବେ ହସିନେବା ଦରକାର।

ନିରସ ଏ ଜୀବନ ତ ଜାକିର୍‌କୁ ବୋଝ ଭଳି ଲାଗେ
ଭାଳେ ଏ ଦୁନିଆରୁ ସେ ଶୀଘ୍ର ଚାଲିଯିବା ଦରକାର।

♥ ଭୁବନେଶ୍ୱର
ମୋ: ୭୮୯୪୫୦୩୫୪୮

## ନିଃସଙ୍ଗ ଖରାବେଳ

**ଡ. ସ୍ୱର୍ଣ୍ଣପ୍ରଭା ଖଟୁଆ**



ସେ ଖରାବେଳ ଓ ଆଜିର ଖରାବେଳ
ମାଟିଠୁ ଆକାଶ ସବୁଠି କୋଳାହଳ
ମୋ ଜୀବନରେ ନିସଙ୍ଗ ଖରାବେଳ।

ଖରା ଅଛି, ମାଟି ଅଛି, ତାତି ଅଛି
ଛତା ଅଛି
କିନ୍ତୁ ସେମାନେ ନାହାନ୍ତି
କି ନାହିଁ ସେ ଖରାବେଳ ।

ଆହାଃ ସେଦିନର ଖରାବେଳ
ସବୁଠି ନିଃସଙ୍ଗତାର ଛାଇ
ମୋ ଭିତରେ ନିଆରା ଗୁଞ୍ଜରଣ।

ଆଠ କାନ ଓ ଚାରି ମନକୁ ନେଇ
ମୋ ଖରାବେଳ
ଖଟା ମିଠାର ନିଆରା ସ୍ୱାଦକୁ ନେଇ
ସ୍ୱାଦିଷ୍ଟ ମୋ ଖରାବେଳ ।

ମାଟି କଣ ମାଠିଆକୁ ଅଭିଯୋଗ କରିପାରେ
ମାଟି ଓ ମାଠିଆର ପ୍ରେମ
ଗୋଟେ ନିଆରା ଅଭିମାନ ।

ପିଲାଦିନର ଖରାବେଳ
ଦିମୁଠା ସ୍ନେହ
ଓ ମୁଠାଏ ରାଗ ରୁଷାର ଖେଳ ।

କେବେ ଭେଟିଛ
ସେ ପିଲାଦିନର ଖରାବେଳକୁ
ଯେଉଁଠି ଗୋଟେ ଆମ୍ବ ଚାରିଖଣ୍ଡ ହୁଏ
ଗୋଟେ ପାଣିଗ୍ଲାସ
ଚାରି ଢୋକ ହୁଏ ।

ଭେଟିଛ
ସେ ଝାଳ ବୁହା ଝାଳୁଆ ଦେହକୁ
ସେଠି କେହି କାହାର ନୁହେଁ
କିନ୍ତୁ ସଭିଏଁ ସଭିଙ୍କର ।

ମନେ ଅଛି
ମା ପଣ୍ଡୁଖାଇ ମୂଳ
ଆମ ବନ୍ଧୁତାକୁ ମା' କୋଳରେ ଥୋଇଦେଇ
ଗାଁ ପୋଖରୀରେ ମାରିଛେ ଆମେ
ପାଣିକୁଆ ପରି କେତେ ବୁଡ
ଆହା !
ସେ ପିଲାଦିନର ଖରାବେଳ।

ଆଜିର ଖରାବେଳ
ଦେହକୁ ସିନା ଓଦା କରିବାକୁ ଅକ୍ଷମ
କିନ୍ତୁ
ମନକୁ ଓଦା କରିବାରେ ତାର ଆନନ୍ଦ ।

♥ ଚଣ୍ଡିଖୋଲ, ଯାଜପୁର
(ମୋ) ୬୩୭୧୯୩୭୮୮୪

## ॥ ଅଧାଲେଖା ଫାଇଲ୍ ॥

**ପ୍ରିୟଦର୍ଶିନୀ ରାଉତ**





ସାହିତ୍ୟ-ଗବେଷକ ସ୍ୱର୍ଗତଃ ନିରଞ୍ଜନ ମେକାପଙ୍କ ଉଦ୍ଦେଶ୍ୟରେ

ତୁମେ ଗଲାପରେ
ତୁଳସୀକ୍ଷେତ୍ରର ରାସ୍ତା ହଠାତ୍ ଛୋଟ ଦିଶୁଛି।
ଯେମିତି ମୋଟରସାଇକେଲ୍‌ର ଶବ୍ଦ
ଆଉ କେବେ ତିନିମୁହାଣୀ ଛକରେ ବାଜିବନି।

ତୁମ ଟେବୁଲ୍ ଉପରେ ଏବେ ବି
ଖୋଲା ପଡିଛି ସେଇ ରେଜିଷ୍ଟର,
ଯା'ର ଶେଷ ପୃଷ୍ଠାରେ ଅଧା ଲେଖା ଅଛି –
"କେନ୍ଦ୍ରାପଡ଼ାର ଇତିହାସ ଏବେ ବି..."
ସେଇ 'ଏବେ ବି' ପରେ
କଲମ ଅଟକି ଯାଇଛି।
ଠିକ୍ ତୁମ ହୃଦୟ ପରି –
ହଠାତ୍, ବିନା ଫୁଲ୍‌ଷ୍ଟପ୍‌ରେ ।

ତୁମେ କୁହ,
ପ୍ରୋଭିଜିନାଲ୍ ପେନସନ୍‌ରେ
କ'ଣ ସଂସାର ଚାଲେନି ?
ଚାଲେ । କିନ୍ତୁ ସ୍ୱପ୍ନ ?
ସ୍ୱପ୍ନ ପାଇଁ ସରକାରୀ ମଞ୍ଜୁରୀ
ଦରକାର ନାହିଁ ।
ତେଣୁ ଷାଠିଏ ପରେ ବି ତୁମେ
ପ୍ରଥମ ବହିର ମଲାଟ ଉପରେ
ନିଜ ନାଁ ଲେଖିଲ।

ଗୋଲାପି ସାର୍ଟଟା ଏବେ ବି
ଆଲଣାରେ ଝୁଲୁଛି ।
ପକେଟରେ ଥିବା କଲମ ପଚାରୁଛି –
"ଏବେ ମୁଁ କାହାର ଇତିହାସ ଲେଖିବି ?"

ମୁଁ କହିଲି, "ତାଙ୍କର, ଯିଏ ଆମକୁ
ହାରିଯାଇ ବି ହସିବା ଶିଖାଇଲେ ।"

ତୁମେ ନଥିବା ଖଟିରେ
ଆଜି ବି ଚା' କପ୍ ଥୁଆ ହୁଏ ।
କେହି ଜଣେ ଅଦୃଶ୍ୟ ହାତରେ
ତର୍କ କରୁଛି ବ୍ରହ୍ମ ତାଳଧ୍ୱଜକୁ ନେଇ ।
ପିଲାମାନେ କୁହନ୍ତି –
"ମାଷ୍ଟ୍ର ଆଜି ବି ଖବରରେ ଆସିବେ,
କିନ୍ତୁ ଆସିବେ ନିଶ୍ଚୟ ।"

ମେକାପ ସାର୍ !
ଆପଣଙ୍କ ମୃତ୍ୟୁ ଗୋଟେ
ଅସମାପ୍ତ ପାଦଟୀକା।
ଆମେ ସଭିଏଁ ମିଶି
ସେଇ ପାଦଟୀକାକୁ ପୁରା କରିବୁ ।
ତଥ୍ୟ ସହ, ତାରିଖ ସହ,
ଆଉ ତୁମ ଭଳି ଜିଦ୍ ସହ ।

କାରଣ ଇତିହାସ କେବେ ମରେନି ।
ଇତିହାସ ଲେଖିବା ଲୋକ ବି ନୁହେଁ ।
ସେମାନେ ଖାଲି
ଗୋଟେ ପୃଷ୍ଠାରୁ ଆଉ ଗୋଟେ ପୃଷ୍ଠାକୁ
ନୀରବରେ ଘୁଞ୍ଚିଯାଆନ୍ତି ।

♥ ପ୍ରଧାନ ଶିକ୍ଷୟିତ୍ରୀ,
ବଡ଼ପଲ୍ଲୀ ପ୍ରାଥମିକ ବିଦ୍ୟାଳୟ

# ଆମ ସାହିତ୍ୟରେ ପୀଡିତ ମଣିଷଙ୍କ ପାଇଁ ଅକୃତ୍ରିମ ସହାନୁଭୂତିର ବାର୍ତ୍ତା ପ୍ରସାରିତ ହେବା ଏକାନ୍ତ ଆବଶ୍ୟକ : ଦେବାଶିଷ ଚକ୍ରବର୍ତ୍ତୀ

**ଦେବାଶିଷ ଚକ୍ରବର୍ତ୍ତୀ** ଓଡିଆ ସାହିତ୍ୟ ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ଗଳ୍ପରୁ ଆରମ୍ଭି ଥିଲେ ଲେଖକୀୟ ଜୀବନ । କିନ୍ତୁ ପରବର୍ତ୍ତୀ ସମୟରେ କବିତା ସହିତ ଶିଶୁସାହିତ୍ୟ ଜଗତ ଆଡକୁ ଆକର୍ଷିତ ହୋଇ ରଚନା କରିଥିଲେ ରାଶି ରାଶି କବିତା ଏବଂ ନିଜର ନିଷ୍ଠା ବଳରେ ସେଇ ଜଗତରେ ସେ ସ୍ୱଷ୍ଟ କରିପାରିଛନ୍ତି ନିଜର ପାଦଚିହ୍ନ, ଯାହା ତାଙ୍କୁ ଦେଇଛି ଅନନ୍ୟ ପରିଚୟ । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ ଅଲକ୍ଷ୍ୟକୁ ଭେଦିବାର ଲକ୍ଷ୍ୟ, ଯାହା ଦୃଶ୍ୟ ହୋଇପାରେ ଅଦୃଶ୍ୟ ବି । "କେବଳ ସାହିତ୍ୟ ନୁହେଁ ବରଂ ସାହିତ୍ୟ ସହିତ ସଧାରଣ ମଣିଷଙ୍କ ସମନ୍ୱୟରେ ହିଁ ସଙ୍କଟର ଭଉଁରୀ ଭିତରୁ ଓଡ଼ିଆ ଭାଷାକୁ ମୁକ୍ତ କରାଯାଇ ପାରିବ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ପ୍ରାୟ ସମସ୍ତ ସୃଜନ ଶିଳ୍ପୀଙ୍କର ଆଦ୍ୟ ସ୍ଫୁରଣ ହିଁ କବିତା । କିନ୍ତୁ ମୁଁ ଥିଲି ଏହାର ବ୍ୟତିକ୍ରମ । ଗଳ୍ପ ହିଁ ମୋ ସୃଜନର ଆଦ୍ୟ ଉନ୍ମେଷ । ୧୯୭୭ ମସିହାରେ କେନ୍ଦୁଝର କଲେଜ୍ (ଅଧୁନା ଧରଣୀଧର ବିଶ୍ୱ ବିଦ୍ୟାଳୟ) ଆଇଏସ୍‌ସି ପଢୁଥିଲା ବେଳେ ହଷ୍ଟେଲର ମୁଖପତ୍ର ପାଇଁ ଗଳ୍ପଟିଏ ଲେଖିଥିଲି । ତେବେ ପରବର୍ତ୍ତୀ କାଳରେ ବି.ଏ ପଢୁଥିବା ବେଳେ କବିତା ଲେଖିବାକୁ ପ୍ରବୃତ୍ତ ହେଲି । କାରଣ ଗଳ୍ପ ଅପେକ୍ଷା କବିତାର ଆଇନାରେ ମୋ ଛବି ଅଧିକ ସ୍ୱଷ୍ଟ ଭାବରେ ଉକୁଟି ଉଠୁଥିବାର ଅନୁଭବ କଲି । ତେଣୁ କବିତା ହିଁ ମୋ ପାଇଁ ହୋଇ ଉଠିଲା ନିଜକୁ ପ୍ରତିପାଦିତ କରିବାର ସର୍ବୋତ୍କୃଷ୍ଟ ମାଧ୍ୟମ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ମାଆ ହିଁ ମୋର ସୃଜନର ପ୍ରେରଣା । କବିତା ରଚନାର ଉଷା କାଳରେ ମୁଁ ଥିଲି ଲକ୍ଷ୍ୟହୀନ । ମୋ ସୃଷ୍ଟି ଥିଲା କବି ଦୃଷ୍ଟି ରହିତ । ମୋ ମାଆ ମୋତେ ପୂଜାସଂଖ୍ୟା ଆସନ୍ତାକାଲିରେ ପ୍ରକାଶିତ ବିପ୍ଳବୀ କବି ରବି ସିଂଙ୍କ କବିତାଟିଏ ପଢ଼ିବାକୁ ଦେଇ ସେହିପରି ଲେଖିବାକୁ କହିଥିଲେ । ପ୍ରକୃତରେ ସେହି କବିତା ହିଁ ମୋର ଆଖି ଖୋଲି ଦେଇଥିଲା । କବିତା ରଚନା ଲକ୍ଷ୍ୟହୀନ ପରିକ୍ରମା ହୋଇ ରହିଲା ନାହିଁ । ସାଧାରଣ ମଣିଷ ହିଁ ହୋଇ ଉଠିଲା ମୋ ସୃଷ୍ଟିର ନାଭିକେନ୍ଦ୍ର ।

ବିପ୍ଳବୀ କବି ରବି ସିଂଙ୍କୁ ଆଦ୍ୟ ଗୁରୁ ଭାବରେ ଗ୍ରହଣ କରିଥିଲେ ମଧ୍ୟ ପରବର୍ତ୍ତୀ କାଳରେ ବିପ୍ଳବୀ କବି ବ୍ରଜନାଥ ରଥ, କବିଗୁରୁ ରବୀନ୍ଦ୍ରନାଥ ଠାକୁର, ବିପ୍ଳବୀ କବି କାଜି ନଜରୁଲ୍ ଇସଲାମ୍ ପ୍ରମୁଖ ମୋର ଆଦର୍ଶ ଭାବରେ ଗୃହୀତ ହୋଇଥଲେ । ତେବେ ମୁଁ କାହାକୁ ଅନ୍ଧ ଭାବରେ ଅନୁସରଣ କରିନାହିଁ । ବରଂ ମୁଁ ମୋ ପରି ହେବାକୁ ଅଧିକ ସ୍ପୃହଣୀୟ ମନେ କରିଛି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ପ୍ରିୟ ଓ କାହିଁକି ?

■■ ସେତେବେଳେ ପତ୍ର ପତ୍ରିକାର ସଂଖ୍ୟା ଥିଲା ଅତ୍ୟନ୍ତ ସୀମିତ । ସାହିତ୍ୟ ସଭା ମାନଙ୍କରେ କବିତା ପଢ଼ି ଉପସ୍ଥିତ କବି କୋବିଦଙ୍କ ସସ୍ନେହ ସ୍ୱୀକୃତି ହିଁ ଅନିର୍ବଚନୀୟ ଆନନ୍ଦ ଭରି ଦେଉଥିଲା ।

ମୋର ଏପର୍ଯ୍ୟନ୍ତ କବିତା, ପ୍ରବନ୍ଧ, ବ୍ୟଙ୍ଗ ଓ ଶିଶୁ ସାହିତ୍ୟକୁ ମିଶାଇଲେ ଉଣେଇଶଟି ପୁସ୍ତକ ପ୍ରକାଶିତ ହୋଇଛି । ମାଆ ନିକଟରେ ପୁଅଝିଅଙ୍କ ଭିତରେ କୌଣସି ଭେଦଭାବ ନ ରହିଲା ପରି ମୋତେ ବି ସମସ୍ତେ ଆପଣାର ମନେ ହୁଅନ୍ତି । ତେବେ କବିତା ସଂକଳନ 'ରୁଦ୍ରରାଗ' ମୋର ପ୍ରଥମ ପ୍ରକାଶିତ ପୁସ୍ତକ ହୋଇ ଥିବାରୁ ତା' ପ୍ରତି ଆକର୍ଷଣ କିଂଚିତ୍ ଅଧିକ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଆଶାର ଆଶାବରୀ ଶୁଣିପାରୁଛି ବୋଲି ତ କବିତା ଲେଖୁଛି । ଏବେବି ସାହିତ୍ୟକୁ ଭଲ ପାଉଥିବା ମଣିଷ ଆମ ସମାଜରେ ଅଛନ୍ତି । ମୋ ଲେଖା ପଢି ସେମାନେ ବେଳେ ବେଳେ ଅକପଟ ଅନୁରାଗରେ ମୋ ଭାବଭୂମିକୁ ରସାପ୍ଲୁତ କରି ଦେଉଛନ୍ତି । ସାହିତ୍ୟକୁ ଗଣାଭିମୁଖୀ କରିବା ଧ୍ୱନି ପ୍ରତିଧ୍ୱନି ନିରନ୍ତର ଉଦ୍ୟମ ଜାରି ରଖିଛି । କେବଳ ରବିବାର ନୁହେଁ ଅନ୍ୟ ଦିନ ମାନଙ୍କରେ ମଧ୍ୟ ସାହିତ୍ୟ ପୃଷ୍ଠା ପ୍ରକାଶ କରୁଛି । ସବୁ ସମ୍ବାଦପତ୍ର ସପ୍ତାହାନ୍ତ ସାହିତ୍ୟ ପୃଷ୍ଠା ପ୍ରକାଶ କରୁଛନ୍ତି । ତେବେ ସରକାରୀ ସ୍ତରରେ ହେଉଥିବା ଉଦ୍ୟମ ଆଦୌ ଉତ୍ସାହ ଜନକ ନୁହେଁ । ଓଡିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶ ପାଉଥିବା 'ଶିଶୁଲେଖା' ନିୟମିତ ଭାବରେ ଅନିୟମିତ । ସରକାରୀ ଉଦାସୀନତା ସତ୍ତ୍ୱେ ସାହିତ୍ୟ ସମ୍ବାଦପତ୍ରଙ୍କ ମାଧ୍ୟମରେ ପାଠକଙ୍କ ପାଖରେ ପହଞ୍ଚିପାରୁଛି ।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଆମର ଉଦାସୀନତା ପାଇଁ ଉପାନ୍ତ ଅଞ୍ଚଳରେ ଆମ ମାତୃଭାଷା କ୍ରମେ ତାର ଅସ୍ତିତ୍ୱ ହରାଇ ବସୁଛି । ଆମେ ଯଦି ଓଡ଼ିଆ କହିବା, ଓଡିଆ ବହି ତଥା ପତ୍ର ପତ୍ରିକା କିଣିକରି ପଢ଼ିବା ଉପରେ ଗୁରୁତ୍ୱ ଦେବା ତେବେ ଆମେ ଏହି ସଙ୍କଟକୁ ପ୍ରତିହତ କରି ପାରିବା । ସାହିତ୍ୟ ତାର ପାଠକ ପାଠିକାଙ୍କ ମନୋଭୂମିରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଆଗ୍ରହର ବୀଜବପନ କରି ପାରିବ । ମାତ୍ର ସଧାରଣ ମଣିଷ ଯଦି ତା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବ ତେବେ ସାହିତ୍ୟ ଦ୍ୱାରା ବପନ କରା ଯାଇଥିବା ଆଗ୍ରହର ଭ୍ରୁଣ ଅଙ୍କୁରିତ ହେବ କିପରି ? ତେଣୁ କେବଳ ସାହିତ୍ୟ ନୁହେଁ ବରଂ ସାହିତ୍ୟ ସହିତ ସଧାରଣ ମଣିଷଙ୍କ ସମନ୍ୱୟରେ ହିଁ ସଙ୍କଟର ଭଉଁରୀ ଭିତରୁ ଓଡ଼ିଆ ଭାଷାକୁ ମୁକ୍ତ କରାଯାଇ ପାରିବ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଯାହା ଜଣେ ସତ୍ ପାଠକକୁ ଛୁଇଁପାରେ ତାହା ହିଁ ଭଲ କବିତା । ସାହିତ୍ୟ ମାଧ୍ୟମରେ ଅନ୍ୟର ମାନସିକତା ପରିବର୍ତ୍ତନ ସମ୍ଭବ । ତେବେ ଏହାର ପରିସର କେବଳ ପାଠକଙ୍କ ଭିତରେ ହିଁ ସୀମିତ । ସାହିତ୍ୟର ପରିସର ଯେତେ ପରିବ୍ୟାପ୍ତ ହେବ ସମାଜ ସେହି ଅନୁସାରେ ଦୂଷଣ ମୁକ୍ତ ହୋଇପାରିବ ।

■ ଓଡିଆ ଭାଷା ସାହିତ୍ୟର ଭବିଷ୍ୟତ ନେଇ ଆପଣ କେତେ ଆଶାବାଦୀ ?

■■ ମୁଁ ଆଶାହତ ନୁହେଁ । ତେବେ ପାଠକୀୟ ଆଦୃତି ଉପରେ ଏହା ନିର୍ଭରଶୀଳ । Charity begins at Home ନ୍ୟାୟରେ ଆମେ ପ୍ରଥମେ ଭଲ ପାଠକର ଭୂମିକାରେ ଅବତୀର୍ଣ୍ଣ ହେବା ଅତ୍ୟନ୍ତ ଆବଶ୍ୟକ । ଆମେ ଯଦି ନିଜେ ଅନ୍ୟର ଲେଖା ନପଢ଼ିବା ତେବେ ଅନ୍ୟ କେହି ଆମ ଲେଖା ପଢ଼ିବେ କାହିଁକି ? ତେଣୁ ସୃଜନ ଶିଳ୍ପୀମାନେ ଯତ୍ନଶୀଳ ହେଲେ ଭାଷା ସାହିତ୍ୟ ଉଭୟେ ଚିରଞ୍ଜିବୀ ହୋଇ ପାରିବେ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ସାହିତ୍ୟ ସୃଜନର ପରିମାପକ ନୁହେଁ । ତେବେ ମୁଁ ଏହାକୁ ସାଫଲ୍ୟର ସିଂହାସନ ନୁହେଁ ବରଂ ପାଠକୀୟ ଅନୁରାଗର ଚନ୍ଦନ ବିନ୍ଦୁ ବୋଲି ମଣି ଆସିଛି । ଆମ ସମାଜ କ୍ରମେ ହୀନସ୍ୱାର୍ଥର ଅନ୍ଧଗଳିରେ ନିଜକୁ ସଙ୍କୁଚିତ କରି ଦେଉଛି । ଫଳତଃ ଦୟା, ସ୍ନେହ, କ୍ଷମା ଭଳି ସ୍ୱର୍ଗୀୟ ଗୁଣ ସବୁ ଅପସରି ଯାଉଛି । ତେଣୁ ଆମ ସାହିତ୍ୟରେ ପୀଡିତ ମଣିଷଙ୍କ ପାଇଁ ଅକୃତ୍ରିମ ସହାନୁଭୂତିର ବାର୍ତ୍ତା ପ୍ରସାରିତ ହେବା ଏକାନ୍ତ ଆବଶ୍ୟକ, ଯାହା କି ପାଠକର ମନୋଭୂମିକୁ କରୁଣାସିକ୍ତ କରି ପାରିବ ।

❤❤

## ■ ଅକ୍ଷରେ ଦେବାଶିଷ ଚକ୍ରବର୍ତ୍ତୀ



ନାମ- ଦେବାଶିଷ ଚକ୍ରବର୍ତ୍ତୀ
ଜନ୍ମତାରିଖ ୧୧/୮/୧୯୬୧
ବାପାଙ୍କ ନାମ - ଗବେଷକ ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ
ମାତାଙ୍କ ନାମ- ଶ୍ରୀମତୀ ସ୍ନିଗ୍ଧା ରାଣୀ ଚକ୍ରବର୍ତ୍ତୀ (ସାହିତ୍ୟ ପ୍ରାଣା)
ସ୍ଥାୟୀ ଠିକଣା- ମଣ୍ଡୁଆ,କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫

### ପକାଶିତ ପୁସ୍ତକ

**କବିତା**
୧- ରୁଦ୍ର ରାଗ
୨- ସ୍ୱର୍ଦ୍ଧିତ ସ୍ୱାକ୍ଷର
୩- ନିର୍ବିଷ ନାରାଚ
୪- ଛୁଆଁ (ଏକପଦୀ ସଂକଳନ)
୫- ରେଣୁ (ଏକପଦୀ)
୬- ହାଇ ପାୱାର୍ ଡୋଜ ( ବ୍ୟଙ୍ଗ)

**ବ୍ୟଙ୍ଗ ଗଳ୍ପ**
୧- ବେଷ୍ଟ ନିରାମିଷ
୨- ଯେତେ ମାଠିବୁ ମାଠ

**ପ୍ରବନ୍ଧ**
୧- କେନ୍ଦୁଝର ପରିଚିତି
ପିଲାଙ୍କ ପାଇଁ

**(କ)ବିଜ୍ଞାନ ଗଳ୍ପ**
୧- ଜହ୍ନ ରେ ବଣଭୋଜି
୨- ପିଲାଙ୍କ ବିଜ୍ଞାନ
୩- ଆମ ବିଜ୍ଞାନ କଥା
୪- ବିଜ୍ଞାନ ମୂଳକ
୫- ବିଜ୍ଞାନ ଝଲକ

**(ଖ)ଗଳ୍ପ**
୧- କୁନା ହେଲା ସୁନା ପିଲା
୨- ଠିକିଲାରୁ ଶିଖିଲା
୩- ଶିମିଳିପାଳ ରେ ନୂଆ ବରଷ

**(ଗ) ଜୀବନୀ ଗଳ୍ପ**
୧- ଜୀବନ ଫୁଲର ମହକ
୨- ଅମ୍ଳାନ ପ୍ରଦୀପ



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି....



ମା'ଙ୍କ ସହିତ କବି ଦେବାଶିଷ ଚକ୍ରବର୍ତ୍ତୀ...








ସ୍ମୃତିଚିତ୍ର : ପତ୍ନୀ ଓ ପୁଅଝିଅଙ୍କ ସହ କବି ଦେବାଶିଷ ଚକ୍ରବର୍ତ୍ତୀ...

ସାହିତ୍ୟ ପାଇଁ ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ ସହ କବି...

# ଭିନ୍ନ ଏକ ବିଦେଶିନୀ

**ଧାରାବାହିକ ଉପନ୍ୟାସ**

**ଡ.ରତିକାନ୍ତ ବେହେରା**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୨୨**

**॥ ସଫେଇ ॥**

ଏଥି ଭିତରେ ରଥଯାଇ ମହାପ୍ରଭୁଙ୍କର ବାହୁଡ଼ାଯାତ୍ରା ବି ଅତିକ୍ରମ କରିଗଲା। ବାହୁଡ଼ାର ପରଦିନ ସକାଳେ ବିଛଣା ତ୍ୟାଗ କଲା ପରେ ଏଇ କଥା ଭାବି ଜେନି ଚକିତ ହେଲା ଯେ ଦଶଦିନ ଯା' ଭିତରେ ବିତି ଯାଇଥିଲେ ବି ସେ ବଞ୍ଚିଛି ଏଯାବତ୍, ମରିଯାଇ ନାହିଁ। କିନ୍ତୁ ନିଜ ଭିତରର ରୋଗଟି ଏଇ ଅବସରରେ ଟିକେ ମୁହଁ ଶୁଖେଇଲା ପରି ମନେ ହେଉଛି, କିନ୍ତୁ ଆପଣାର ସ୍ଥିତି ଜାହିର୍ ରଖିଛି ପୂର୍ବଭଳି।

"ଯାର କ'ଣ ଅବଲୁପ୍ତି ନାହିଁ ପ୍ରଭୁ?" - ଏମିତି ଗୋଟେ ବିକଳ ଅସ୍ପଷ୍ଟ ବାକ୍ୟ ସେତେବେଳେ ଅଲକ୍ଷ୍ୟରେ ଉଚ୍ଚାରିତ ହୋଇଗଲା ଜେନି ମୁହଁରୁ। ଯଥେଷ୍ଟ ଆବେଗ ଭରି ରହିଥିଲା ସେ ବାକ୍ୟରେ। ନିଜ ବିଛଣାରେ ବସି ବସି ଏ ବିଷୟରେ ଭାବିହେଲା ସେ। ଡାକ୍ତରଙ୍କ ଭବିଷ୍ୟବାଣୀ ଫଳିତ ହୋଇନାହିଁ ଏଯାଏଁ। ହେବନାହିଁ ବୋଲି ଦୃଢ଼ୋକ୍ତି କରିପାରିବ ନାହିଁ ସେ । ତେବେ ଏଇ ହାରରେ ପ୍ରଭୁଙ୍କ କୃପାରୁ ଆରୋଗ୍ୟର ପ୍ରକ୍ରିୟା ଲାଗି ରହିଲେ ସେ ଅଚିରେ ଭଲ ହୋଇଯାଇପାରନ୍ତା !

ମନେମନେ ଉତ୍ସାହିତ ହୋଇ ପଡୁଥିଲା ଜେନି। ପ୍ରଭୁ ନିଶ୍ଚୟ ତାକୁ କୃପା ନୟନରେ ଦେଖୁଛନ୍ତି। ତୁରନ୍ତ ବାଥ୍‌ରୁମରୁ ଫେରି ସୁଖାସନରେ ବସି ଲୟ ଲଗେଇଲା ସେ ପ୍ରଭୁଙ୍କୁ ଓଁକାର ଭିତରେ। ଭାରତକୁ ଆସି ସେ ବିଶ୍ୱବ୍ରହ୍ମାଣ୍ଡର ସର୍ବଶେଷ ତତ୍ତ୍ୱଟିକୁ ପାଇଛି। ଆଉ ନିଜ ଅନ୍ତରକୁ ସମୃଦ୍ଧ କରିଛି ଭକ୍ତି ଭାବନାରେ। 'ଓମ'ର ତରଙ୍ଗ ଅନେକ କିଛି ପ୍ରଭାବ ପକେଇଛି ତା'ର ଏ ପାପକ୍ଲିଷ୍ଟ ଦେହ ଓ ମନ ଉପରେ। ବାସ୍ତବରେ ଅଦ୍ଭୁତ ଶକ୍ତି ନିହିତ ଅଛି ଏହି 'ଓମ୍'ରେ । ଏହା ଏକ ନିଶ୍ଚିତ ନୂଆ ଉପଲବ୍ଧି ତା' ପାଇଁ।

ଅପରାହ୍ଣରେ ଅବକାଶ ଦେଖି ରାଧିକାମାତାଙ୍କୁ ଏଇ କଥାଟି ଜଣେଇଲା ଜେନି। ରାଧିକାମାତା ବି ଅନୁଭବ କରିଥିଲେ, ରଥଯାତ୍ରା ପରଠାରୁ ଜେନି କେମିତି ଟିକେ ସୁସ୍ଥତା ଆଡ଼କୁ ଗତି କରୁଛି। ତା' ମୁଖମଣ୍ଡଳରୁ ମଳିନତା ଧୀରେଧୀରେ ଅପସରି ଯାଉଛି । କ୍ୟାନସର୍ ପରି ଦୁର୍ଦ୍ଦାନ୍ତ ଦାନବ ସହିତ ଯେଉଁ ଲଢ଼େଇ ଚାଲିଛି ତା' ଭିତରେ ଓ ବାହାରେ, ସେଥିରେ ଜେନିର ବିଜୟ ଲାଭ କରିବାର ସଂଭାବନା ଉଜ୍ଜ୍ୱଳ ହୋଇ ଉଠୁଛି । ଜେନି ମୁହଁରୁ ତାଙ୍କର ଏ ଅନୁଭବର ଅଭିବ୍ୟକ୍ତି ଶୁଣି ରାଧିକା ମାତାଙ୍କ ମୁଖମଣ୍ଡଳ ଝଲସି ଉଠିଲା । କିଛି ଚମତ୍କାର ଘଟୁଛି ତା'ଭିତରେ । ତଥାପି କହିଲେ-, "ଜେନି। ତୁମେ ଯେମିତି ଔଷଧ ପତ୍ର ସେବନ କରୁଥିବା କଥା କରୁଥାଅ। ତାହା ବନ୍ଦ କରିବ ନାହିଁ । ତା'ଛଡ଼ା ତୁମ ଭିତରେ ଯେଉଁ ବିଶ୍ୱାସ ସୃଷ୍ଟି ହୋଇଛି, ସେହି ବିଶ୍ୱାସ ଉପରେ ଅଧିକରୁ ଅଧିକ ବିଶ୍ୱାସ ସ୍ଥାପନ କର । ତୁମର ଆତ୍ମପ୍ରତ୍ୟୟର ଯେତେ ବୃଦ୍ଧି ଘଟିବ, ସେଇ ଅନୁପାତରେ ସେ ପ୍ରପଞ୍ଚ ତୁମଠାରୁ ଧୀରେ ଧୀରେ ଅପସାରିତ ହୋଇଯିବ ।"

"ସେମିତି ବିଶେଷ କିଛି ଔଷଧ ନାହିଁ ଦିଦି । କେବଳ ଭିଟାମିନ୍ ଓ ପ୍ରୋଟିନ ଜାତୀୟ କିଛି ଔଷଧ ! ତା'ର ସେବନ ଅବ୍ୟାହତ ରଖିଛି । ଜୀବନ ବିକଳରେ ତ ସେତକ ଖାଇ ଚାଲିଛି।" - କହିଲା ଜେନି।

"ତୁମର ଏ ଖୁସିର କଥାଟି ସ୍ୱାମୀଜୀଙ୍କୁ ଜଣାଅ। ସେ କିଛି ଅଧିକ ପରାମର୍ଶ ଦେଇ ପାରନ୍ତି। ତାଙ୍କର କୌଣସି ବି ଉପଦେଶ ଶ୍ରେୟ ସାବ୍ୟସ୍ତ ହୋଇପାରେ ତୁମ ପାଇଁ।" ଏତକ କହି ଜେନିଠାରୁ ଅନ୍ତର ହୋଇଗଲେ ରାଧିକାମାତା । ବାରଣ୍ଡାରେ ସେଇଠି ଛିଡ଼ାହୋଇ ମଠ ଭିତରୁ ଦୃଶ୍ୟ ହେଉଥିବା ଆକାଶର ପରିମିତ ଅଂଶଟିକୁ ଚାହିଁ ରହିଥିଲା ଜେନି । ଅନ୍ତର ଭିତରେ ଖୁସିର ଲହଡ଼ିଟେ ଆସି ମୁଣ୍ଡ ପିଟୁଥିଲା ତା' ମନର ବେଳାଭୂମିରେ ।

ସ୍ୱାମୀଜୀଙ୍କୁ ସାକ୍ଷାତ କରିବାରେ ଆଦୌ ବିଳମ୍ବ କରି ନ ଥିଲା ଜେନି। ସେଇଦିନ ଭଜନ ମଣ୍ଡପରେ ସନ୍ଧ୍ୟାଆଳତି ପରେ ସମସ୍ତେ ଜଣ ଜଣ କରି ବିଦାୟ ନେଇ ଯାଇଥିଲେ । ଭିତରେ ଏକ ଖୟକୁ ଆଉଜି ଛିଡ଼ା ହୋଇଥିଲା ଜେନି। ଶ୍ରୀଜୀଉମାନଙ୍କର ବେଦୀ ଉପରେ, ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିର ପାଦ ପାର୍ଶ୍ୱରେ ଧ୍ୟାନ ମୁଦ୍ରାରେ ବସି ରହିଥିଲେ ସ୍ୱାମୀଜୀ । ସାମ୍ନାରେ, ପ୍ରଭୁଙ୍କ ପାଦତଳେ ଜଳୁଥିବା ଘିଅ ଦୀପଟି ଲିଭିଯାଇ ପୋଡ଼ାସଳିତାରୁ ଉତ୍ଥିତ ବାସ୍ନା ସେ ନିଶ୍ଚଳ ଚିତ୍ତରେ ବୋଧହୁଏ ଘ୍ରାଣ କରି ଚାଲିଥିଲେ, ଠାକୁରଙ୍କ ପ୍ରସାଦ ତୁଲ୍ୟ।

କେତେକ୍ଷଣ ପରେ ଚକ୍ଷୁ ଖୋଲିଲେ ସ୍ୱାମୀଜୀ, ସ୍ୱାମୀ ବୋଧାତ୍ମାନନ୍ଦଜୀ ମହାରାଜ। ଅପୂର୍ବ ଏକ ଆଭା ପ୍ରକଟିତ ହେଉଥିଲା ସେତେବେଳେ ତାଙ୍କ ମୁଖମଣ୍ଡଳରୁ । ଅନିର୍ବଚନୀୟ ଭାବସତ୍ତାରୁ ଅବତରଣ କରିବାକୁ ମନ ହେଉ ନଥିଲା ତାଙ୍କର। ଏମିତି ପ୍ରାୟ ପ୍ରତ୍ୟେକ ଦିନ ହିଁ ହୋଇଥାଏ। ଆଳତି ସମାପ୍ତି ପରେ ସମସ୍ତ ସନ୍ନ୍ୟାସୀ, ସନ୍ନ୍ୟାସିନୀ, ଭକ୍ତ ଓ ଶ୍ରଦ୍ଧାଳୁଗଣ ଫେରିଯାଆନ୍ତି। ତା'ପରେ ଶ୍ରୀଜୀଉଙ୍କ ପାଦତଳେ ସ୍ୱାମୀଜୀ ନିଶ୍ଚଳ ଅବସ୍ଥାରେ ଧ୍ୟାନସ୍ଥ ହୁଅନ୍ତି କେତେକ୍ଷଣ। ଦିନେ ଦିନେ ବି ସେହି କ୍ଷଣ ଓ ମୁହୂର୍ତ୍ତ ଗୁଡ଼ିକ ବଢ଼ି ବଢ଼ି ଘଣ୍ଟା ଘଣ୍ଟା ଅତିକ୍ରମ କରିଯାଏ।

ଚକ୍ଷୁ ଉନ୍ମୀଳିତ ହେବାମାତ୍ରେ ସ୍ୱାମୀଜୀ ଦେଖିଲେ ଜେନିକୁ। ଏମିତି ନିଶ୍ଚଳ ଭାବେ ସ୍ତମ୍ଭ ସହିତ ସ୍ତମ୍ଭୀଭୂତ ଅବସ୍ଥାରେ ବସିଥିବା ବିଦେଶିନୀ ଜେନିକୁ ଦେଖି ହଠାତ୍ ବୁଝିପାରିଲେ ନାହିଁ ତା'ର ପ୍ରତୀକ୍ଷାକୁ। ପୁନରାୟ ସେ ଚକ୍ଷୁ ମୁଦ୍ରିତ କଲେ ଏବଂ ଜାଣିବାକୁ ପାଇଲେ, କୌଣସି ଜିଜ୍ଞାସା ନେଇ ପ୍ରତୀକ୍ଷା କରିଛନ୍ତି ଜେନି।

ମଞ୍ଚ ଉପରୁ ଅବତରଣ କଲେ ବୋଧାତ୍ମାନନ୍ଦଜୀ ଏବଂ ଧୀରେ ଆଗେଇ ଆସିଲେ ଜେନି ପାଖକୁ। ଜେନି ଆପଣା ସ୍ଥାନ ଛାଡ଼ି ଅଗ୍ରସର ହେଲା ଆଗକୁ ଏବଂ ସ୍ୱାମୀଜୀଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ଜଣେଇ "ଆପଣଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କଥା ହେବାକୁ ଚାହୁଁଛି ସ୍ୱାମୀଜୀ! ଅନୁଗ୍ରହ କରି ଅନୁମତି ଦେଲେ ଅନୁଗୃହୀତ ହୁଅନ୍ତି ?"

"ଅବଶ୍ୟ"- କହିଲେ ସ୍ୱାମିଜୀ। ତଳେ ଚଟାଣକୁ ଆଚ୍ଛାଦିତ କରିଛି ଦାମୀ ମଖମଲି ଗାଲିଚା। ତହିଁ ଉପରେ ଉପବିଷ୍ଟ ହେବାକୁ ନିର୍ଦ୍ଦେଶ କରି ବସିଲେ ସ୍ୱାମିଜୀ। ସମ୍ମୁଖଭାଗରେ ଜେନି, ଚକାଆସନରେ ବସିଲା ଜଣେ ଜିଜ୍ଞାସୁ ଛାତ୍ରୀ ଭଳି।

ସ୍ୱାମୀଜୀଙ୍କ ମୁଖମଣ୍ଡଳରେ ପୂର୍ବବତ୍ ନିଶ୍ଚଳତା ଓ ଗାମ୍ଭୀର୍ଯ୍ୟତା ପୂରି ରହିଥିଲା। ମନରେ କୌଣସି ଆବେଗ ଓ ଉତ୍ସୁକତା ନ ରଖି ପଚାରିଲେ- "ଯାହା ଜିଜ୍ଞାସା କରିବାର ଅଛି, ବିନା କୌଣସି ସଂକୋଚରେ କୁହ ଜେନି !"

"ଆଜକୁ ଅଢ଼େଇ ମାସ ତଳେ ଲଣ୍ଡନର ବିଖ୍ୟାତ କ୍ୟାନସର୍ ବିଶେଷଜ୍ଞ ଡାକ୍ତର ହାର୍‌କୋଟ୍ ତାଙ୍କର ଶେଷବାଣୀ ଶୁଣେଇ ଦେଇଥିଲେ ଯେ, ଠିକ ଦୁଇମାସ ଭିତରେ ମୋର ଅନ୍ତ ହୋଇଯିବ। ଦୀର୍ଘ ଦୁଇବର୍ଷର କେମୋ ଚିକିତ୍ସା ପରେ କେତୋଟି ମାତ୍ର ପ୍ରୋଟିନ୍ ଓ ଭିଟାମିନ୍ ଔଷଧ ନିଦାନ ପୂର୍ବକ କହିଥିଲେ, 'ତୁମେ ଆଉ ଭଲ ହେବନାହିଁ ଜେନି। ତୁମର ଆରୋଗ୍ୟ ନିମନ୍ତେ ସମସ୍ତ ଆଧୁନିକ ଚିକିତ୍ସା ସରିଛି। କ୍ୟାନସର୍ କବଳରୁ ତୁମର ଆଉ ବଞ୍ଚିବା ସଂଭବ ନୁହେଁ, ବରଂ ଏଇ ଔଷଧପତ୍ର ସେବନ ଭିତରେ ତୁମେ କୌଣସି ତୀର୍ଥ ଭ୍ରମଣ କରିଆସ। ମନରେ କିଛିଟା ଶାନ୍ତି ମିଳିବ। ଯନ୍ତ୍ରଣାର ସାମାନ୍ୟ ଊଣା ହେବ। ସେଇ ଭରସାରେ ମୁଁ ପୁରୀ ଆସିଥିଲି ପ୍ରଭୁ ଜଗନ୍ନାଥଙ୍କୁ ରଥାରୂଢ଼ ଅବସ୍ଥାରେ ଦର୍ଶନ କରିବା ପାଇଁ। ଆପଣ ମୋତେ ଏଥିରେ ସାହାଯ୍ୟ ଓ ସହଯୋଗ କରି କୃତାର୍ଥ କରିଛନ୍ତି। ଏଥି ଭିତରେ ରଥଯାତ୍ରା ଓ ବାହୁଡ଼ା ଅତିକ୍ରମ କରି ଗଲାଣି। ରଥାରୂଢ଼ ଅବସ୍ଥାରେ ପ୍ରଭୁଙ୍କର ଦର୍ଶନ ବି ହୋଇସାରିଛି। ନିର୍ଭୁଲ୍ ଗଣନା ଅନୁସାରେ ମୋର ମୃତ୍ୟୁ ଦିବସ ଇତ୍ୟବସରେ ପନ୍ଦରଦିନ ଗଡ଼ି ଗଲାଣି। ଅଥଚ ମୁଁ ବଞ୍ଚିଛି। ରୋଗଟି ମୋ ଭିତରେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇ ନାହିଁ। ବରଂ ଟିକେ ଊଣା ହୋଇଥିବାର ଅନୁଭବ ହେଉଛି। ଆଉ ଏ କଥା ବି ଅନୁଭବ ହେଉଛି ଯେ, ଏ ସବୁ କେବଳ ସେହି ପରମ କାରୁଣିକ ଶ୍ରୀଜଗନ୍ନାଥଙ୍କର କୃପା ଓ କରୁଣା। ଆପଣ ଜଣେ ଶ୍ରେଷ୍ଠ ସନ୍ନ୍ୟାସୀ । ସତ୍ୟ ଅସତ୍ୟ, ଜନ୍ମ-ମୃତ୍ୟୁ, ନିତ୍ୟ-ଅନିତ୍ୟ, ଭଲ-ମନ୍ଦର ସ୍ପଷ୍ଟ ସୀମାରେଖା ଓ ଏହାର ରହସ୍ୟ ଆପଣ ଜାଣନ୍ତି। ଉଚ୍ଚ ଅନୁଭବୀ ମଧ୍ୟ । ମୁଁ, ମୋର ଜୀବନ, ରୋଗ ଏବଂ ଈଶ୍ୱର - ଏ ସଂପର୍କରେ ଆପଣଙ୍କଠାରୁ କିଛି ମହତ୍ ବାଣୀ ଶୁଣିବାକୁ ଚାହୁଁଛି।"- କଥାରେ କୌଣସି ବିରାମ ନ ଦେଇ ଜେନି ବିନମ୍ର ଅନୁରୋଧ କଲା ସ୍ୱାମୀଜୀଙ୍କୁ।

ଜେନି ଭିତରେ ଥିବା ଏ ଅନ୍ତହୀନ ଜିଜ୍ଞାସାର ଉତ୍ତର କେତେ ବା ସଂକ୍ଷିପ୍ତ କରାଯାଇ ପାରେ ! ଏମିତି ଏକ ଭାବନାରେ ବୁଡ଼ିଗଲେ ସ୍ୱାମୀଜୀ ଏବଂ ତାପରେ କହିଲେ- "ଜେନି ! ତୁମେ ଓ ତୁମର ଜନ୍ମ ମୃତ୍ୟୁ, ତୁମ ହାତରେ ନାହିଁ। ତାହାର ନିୟନ୍ତକ କାଳ, ଯାହା ନିୟତି ଦ୍ୱାରା ପରିଚାଳିତ । ତୁମେ କେଉଁଠି ଜନ୍ମ ହେବ ଏବଂ କେଉଁଠି କେତେବେଳେ ମୃତ୍ୟୁବରଣ କରିବ, ତାହା ସଂପୂର୍ଣ୍ଣ ପୂର୍ବ ନିର୍ଦ୍ଧାରିତ। ଜନ୍ମ ଯେମିତି ତୁମ ହାତରେ ନାହିଁ, ମୃତ୍ୟୁ ବି ଠିକ୍ ସେମିତି। କାହାରି କଥାରେ ମୃତ୍ୟୁ ପରିଚାଳିତ ନୁହେଁ। ଦୁଇମାସ ସମୟ ଦେଇଥିଲେ ଡାକ୍ତର। ତୁମ ଶରୀରର ରୋଗର ଅବସ୍ଥା ଓ ସ୍ଥିତି ଦେଖି ତୁମକୁ ସେ ଏହା କହିଥିଲେ। ଯଦି ତୁମର ମରିବାର ନାହିଁ, ତାହାଲେ ରୋଗ ଜନିତ ତୁମର ଯେତିକି ଯନ୍ତ୍ରଣା ଭୋଗ କରିବାର ଅଛି, ତାହା ଭୋଗ କରିସାରିଲା ପରେ ତୁମେ ସେଥିରୁ ମୁକ୍ତିଲାଭ କରିବ। ଯଦି ତୁମର ଏଇଠି, ଏହି ସମୟରେ ମରିଯିବାର ଅଛି, ତାହେଲେ ତୁମକୁ ସେଥିରୁ କେହି ତିଳେ ବି ବିଚ୍ୟୁତ କରିପାରିବ ନାହିଁ। ସୁତରାଂ ତୁମେ ତାକୁ ନେଇ ଏତେ ବେଶି ଚିନ୍ତିତ ବା ବିବ୍ରତ ହେବାର କୌଣସି କାରଣ ନାହିଁ।"

"ତେବେ ରୋଗ, ଶୋକ, ଦୁଃଖ ଓ ଯନ୍ତ୍ରଣା କ'ଣ ନିୟତି ଦ୍ୱାରା ପରିଚାଳିତ ଓ ବିଧି ନିର୍ଦ୍ଦିଷ୍ଟ ?" ଅଧିକ ଉତ୍ସାହିତ ହୋଇ ସ୍ୱାମୀଜୀଙ୍କୁ ପ୍ରଶ୍ନ କଲା ଜେନି।

"ନା, ଏ ସବୁ ମଣିଷର ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ। କିନ୍ତୁ ଜନ୍ମ, ଜରା, ଓ ମୃତ୍ୟୁ ସଂପୂର୍ଣ୍ଣ ଅଦୃଷ୍ଟ ଦ୍ୱାରା ପରିଚାଳିତ। ବାକି ଜୀବନରେ ଯାହା ଆମକୁ ମିଳିଥାଏ ରୋଗ, ବ୍ୟାଧି, ଦୁଃଖ, ଶୋକ ଓ ଯନ୍ତ୍ରଣା- ତାହା ସଂପୂର୍ଣ୍ଣ ମାନବକୃତ। ଆହାର, ନିଦ୍ରା ଓ ମୈଥୁନରେ କିଛି ଅସଂଗିତ ରହିଲେ ମନୁଷ୍ୟ ବିକାରଗ୍ରସ୍ତ ହୋଇଥାଏ। ଯାହାକୁ ଆମେ ରୋଗୀ ବୋଲି ଅଭିହିତ୍ କରିଥାଉଁ। ଯାବତୀୟ କୁ-ପ୍ରବୃତ୍ତିରୁ ନିବୃତ୍ତ ରହି ପାରିଲେ ମନୁଷ୍ୟ ବିକାର ଶୂନ୍ୟ ଜୀବନଯାପନ କରିପାରେ। କିନ୍ତୁ ସଚରାଚରେ ତାହା ସଂଭବ ହୋଇନଥାଏ। ଏହାର ଅନେକ ଗୂଢ଼ ରହସ୍ୟ ରହିଛି। ଆତ୍ମା ପରମାତ୍ମାଙ୍କର ଅଂଶ ବିଶେଷ। ଏହା ଅଭେଦ୍ୟ, ଅଚ୍ଛେଦ୍ୟ, ଅକ୍ଲେଦ୍ୟ। ଏହ ପବିତ୍ର ଆତ୍ମାକୁ ଘେରି ରହିଥାଏ ଇନ୍ଦ୍ରିୟ, ମନ, ବୁଦ୍ଧି ଓ ଅହଙ୍କାର। ଏହି ଇନ୍ଦ୍ରିୟ, ମନ ଓ ବୁଦ୍ଧି ଇତ୍ୟାଦି ପ୍ରବୃତ୍ତି ବଶ। ସୁତରାଂ ମନୁଷ୍ୟ ଏଥିରୁ ନିବୃତ୍ତ ରହିପାରେ ନାହିଁ। ଫଳରେ ବିକାରଗ୍ରସ୍ତ ହୁଏ।"

"ରୋଗ, ଶୋକ, ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତି ହେବାର କ'ଣ କୌଣସି ସହଜ ମାର୍ଗ ନାହିଁ ସ୍ୱାମୀଜୀ ?" - ଉତ୍ସୁକତା ଦେଖାଇ ପଚାରିଲା ଜେନି।

"ଅଛି । ହେଲେ ମାର୍ଗ ନିହାତି ସହଜ ନୁହେଁ। କିନ୍ତୁ ସାଧନା ବଳରେ ସବୁକିଛି ସଂଭବ । ନୋହିଲେ ସାଧୁ, ସନ୍ଥ ଓ ସନ୍ନ୍ୟାସୀମାନେ ଏ ପ୍ରକାର କ୍ଲେଶରୁ ମୁକ୍ତଥାନ୍ତି କିପରି ? ଏ ସଂପର୍କରେ ତୁମକୁ ଭାବିବାକୁ ହେବ । ଗଭୀର ଚିନ୍ତନ କରିବାକୁ ହେବ।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ସାଇବର ଅପରାଧ: ସଚେତନତା ଜରୁରୀ !

**ପ୍ରଦୋଷ କୁମାର ଦାସ**



ସାମ୍ପ୍ରତିକ ବିଶ୍ୱ ଡିଜିଟାଲ ବୈଶ୍ୟିକ ଯୁଗର କ୍ଷିପ୍ର ଜଗତିକରଣ ସମୟରେ ଯେତିକି ଯେତିକି ମାନବ ଉନ୍ନତି ଶିଖରରେ ପହଞ୍ଚିଚାଲିଛି, ସାଇବର ଠକେଇ ମଧ୍ୟ ସେତିକି ବିଭିନ୍ନ ସ୍ତରରେ ଚିନ୍ତାଜନକ ହେବାରେ ଲାଗିଛି। ନଗଦି କାରବାର କରିବାକୁ ପ୍ରୋତ୍ସାହିତ ଆଧୁନିକ ମଣିଷର ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି। ତେବେ ଏଥିପାଇଁ ଆବଶ୍ୟକ ସାଇବର ସଚେତନତା ଉପରେ ବେପରୁଆ ଆନ୍ତରିକତା ତଥା ସାଧାରଣରେ ଏଦିଗରେ ସତର୍କତାର ଅଭାବ ଓ ଉଦାସୀନତା ମନୋଭାବ ଯୋଗୁଁ ପ୍ରତିଦିନ ଆମ ଦେଶରେ ପ୍ରତି ମୁହୂର୍ତ୍ତରେ କୌଣସି ନା କୌଣସି ସ୍ଥାନରେ ସଂଖ୍ୟାଧିକ ସାଇବର ଅପରାଧ ଘଟି ଚାଲିଛି। ସବୁଠାରୁ ଉଦବେଗଜନକ କଥା ହେଲା, ଯୁଗୋପଯୋଗୀ ସାଇବର ସଂଯୁକ୍ତ ଆମ ଦେଶର ଆର୍ଥିକ, ବୈଷୟିକ, ଶକ୍ତି ସମେତ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ କ୍ଷେତ୍ରରେ ନିରାପତ୍ତା ରକ୍ଷା କରିବା ବିରୋଧରେ ଏହା ପରୋକ୍ଷରେ ଏକ ଆହ୍ୱାନ ସୃଷ୍ଟି କରିଛି। ଏଥିପାଇଁ ଆମେ ସମଗ୍ର ଦେଶବାସୀଙ୍କ ସାଇବର ସଚେତନତାର ତଡିତ ଆହରଣର ଆବଶ୍ୟକ ରହିଛି।

ଭାରତ ସରକାରଙ୍କ ଇଲେକ୍ଟ୍ରୋନିକସ ତଥା ସୂଚନା ଓ ପ୍ରଯୁକ୍ତି ବିଭାଗ ଆନୁକୂଲ୍ୟରେ ଇଣ୍ଡିଆନ୍ କମ୍ପୁଟର ଇମରଜେନସି ରେସପନସ ଟିମ୍ (ସି ଇ ଆର ଟି-ଇନ) ପକ୍ଷରୁ ସାଇବର ସଚେତନତା ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଆନୁକୂଲ୍ୟରେ ଗତ ୨୦୨୫ ଅକ୍ଟୋବର ମାସରୁ ପ୍ରତି ମାସର ପ୍ରଥମ ବୁଧବାର ଦିନକୁ ସାଇବର ସଚେତନତା ସୃଷ୍ଟି ଦିବସ ଅର୍ଥାତ୍ ସାଇବର ଜାଗରୁକତା ଦିବସ ପାଳନ କରାଯାଇ ସାଧାରଣରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ପୋଲିସ ସମେତ ଉଦ୍ଦିଷ୍ଟ ସାଇବର ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଚାକିରିଆ, ବେକାର, ଅର୍ଦ୍ଧଶିକ୍ଷିତ ଓ ଏପରିକି ଶିକ୍ଷିତ ଜନସାଧାରଣଙ୍କ ଆବେଗିକ ଡିଜିଟାଲ କାରବାରକ୍ଷମତା ଅନେକ ସମୟରେ ଡିଜିଟାଲ ଆରେଷ୍ଟର ସମ୍ମୁଖୀନ ହୋଇ ସର୍ବସ୍ୱାନ୍ତ ହେବାର ନଜିର ରହିଛି।

୫ ଜି ଯୁଗରେ ମୋବାଇଲ ମାଧ୍ୟମରେ ମାତ୍ରାଧିକ ଚାଲାଖି ଦେଖାଇବାର ପ୍ରବଣତାରେ ବାନ୍ଧି ହୋଇ ଆପଣା ଡିଜିଟାଲ କାରବାର କରିବା ଅବସରରେ ଇନଷ୍ଟାଣ୍ଟ ଉପାର୍ଜନ କରିବା ପାଇଁ ସାଇବର ଅପରାଧୀଙ୍କ ମିଥ୍ୟା ପ୍ରଲୋଭନର ଶିକାର ହୋଇ ସେମାନଙ୍କ ଡିଜିଟାଲ ଜାଲରେ ବାନ୍ଧି ହେବା ଏବେ ଏକ ନିତ୍ୟ ନୈମିତ୍ତିକ ଘଟଣା ହୋଇଗଲାଣି।

ପ୍ରକାଶ ଥାଉକି, ସମଗ୍ର ଦେଶରେ ସବୁଠାରୁ ଅଧିକ ମହାରାଷ୍ଟ୍ର, ଗୁଜୁରାଟ, ଦିଲ୍ଲୀ ଅଞ୍ଚଳରେ ସାଇବର ଅପରାଧୀଙ୍କ ଅପରାଧିକ ନଜର ଅଧିକ ରହିଛି। ଏଠାରେ ଗତ ୨୦୨୫ ମସିହାରେ ୨୮ ହଜାରରୁ ୩୦ ହଜାର ମାମଲା ତନାଘନା ପାଇଁ ଥାନାରେ ଏତଲା ହୋଇଥିବାବେଳେ, ସେଥିରେ ଆବଶ୍ୟକ ଦ୍ରୁତ ସତର୍କତାମୂଳକ ତଥ୍ୟ ଉପଲବ୍ଧିର ଅଭାବ ଦେଖାଦେଇଥିବାରୁ ମାମଲା ଦୁର୍ବଳ ହୋଇ ଅପରାଧୀ ଗିରଫ ପରେ ମଧ୍ୟ ତଥ୍ୟ ପ୍ରମାଣ ଅଭାବ ଆଧାରରେ ନିର୍ଦ୍ଦୋଷରେ ଆସି ଯାଉଥିବା ଜଣାଯାଇଛି। ସୂଚନାଯୋଗ୍ୟ ସମଗ୍ର ଦେଶର ବିଭିନ୍ନ କ୍ଷେତ୍ରରେ ସାଇବର ଅପରାଧୀଙ୍କ ଦ୍ୱାରା ଗତ ୨୦୨୫ ମସିହାରେ ୨୬୫ ମିଲିଅନ ଥର ଛୋଟବଡ ସାଇବର ଆଟାକ ମଧ୍ୟ ହୋଇଥିବାବେଳେ ଅପରାଧୀଙ୍କୁ ପୋଲିସ ଧରି ଉପଯୁକ୍ତ ପ୍ରମାଣ ଆଧାରରେ ଉପଯୁକ୍ତ ଦଣ୍ଡ ଦେବାରେ ଶତକଡା ୨୬ ପ୍ରତିଶତ ଯାଏଁ ସଫଳ ହୋଇଥିବା ଏକ ଅଣ ଆନୁଷ୍ଠାନିକ ସୂତ୍ରରୁ ପ୍ରକାଶ ଅଟେ। ଡିଜିଟାଲ ଅପରାଧର ଶିକାର ଅସହାୟ ମଣିଷଟି ଘଟଣା ସମ୍ପର୍କରେ ଦ୍ରୁତ ପଦକ୍ଷେପ ସ୍ୱରୂପ ୧୯୦୩ ହେଲ୍ପ ଲାଇନ ସହଯୋଗ ନେବା ସହିତ ସାଇବର ଥାନାର ସହଯୋଗ ନେବାପାଇଁ ଅନେକ ସମୟରେ ହଡବଡେଇ ଯାଉଥିବାବେଳେ, କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧ ତୁଳନାରେ ସାଇବର ଥାନାର ସଂଖ୍ୟା ତଥା ଏଥିରେ କାର୍ଯ୍ୟରତ ସାଇବର କର୍ମଚାରୀ ତଥା ପଦସ୍ଥ ସାଇବର ବିଶେଷଜ୍ଞ ନଗଣ୍ୟ ଅଟନ୍ତି। ସୂଚନାଯୋଗ୍ୟ ଓଡ଼ିଶାରେ ପୂର୍ବରୁ ୧୪ଟି ସାଇବର ଥାନା ରହିଥିବାବେଳେ ଏବେ ଏହା ସହିତ ଅଧିକ ୨୦ଟି ସାଇବର ଥାନା ଯୋଡି ହୋଇଥିବା ପ୍ରକାଶ। ତେବେ ରାଜ୍ୟରେ ଗତ ୨୧ ମାସ ମଧ୍ୟରେ ମୋଟ ୫୪୫୧ଟି ସାଇବର କେଶ ଆନୁଷ୍ଠାନିକ ଭାବେ ପଞ୍ଜିକରଣ ହୋଇଥିବା ରିପୋର୍ଟକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ନିକଟରେ (୩୦ ମାର୍ଚ୍ଚ, ୨୦୨୫) ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିଥିବା ପ୍ରକାଶ। ଏଥିରୁ ଗତ ୨୦୨୫ ମସିହାରେ କେବଳ ୨୮୦୩ଟି ସାଇବର ମାମଲା ପଞ୍ଜିକରଣ ହୋଇଛି। ତେବେ ନାସନାଲ ସାଇବର କ୍ରାଇମ ପୋର୍ଟାଲରେ ମୋଟ ୪୯ ହଜାର ୪୨୬ ଟି ବିଭିନ୍ନ ସାଇବର ଅଭିଯୋଗ କରାଯାଇଅଛି। ଏଥିରେ ସମୁଦାୟ ୪୩୨ କୋଟି ଆର୍ଥିକ ଠକେଇ ଅଭିଯୋଗ ଉଲ୍ଲେଖ ରହିଥିବା ସୂଚନାରୁ ପ୍ରକାଶ।

ଏତଦବ୍ୟତୀତ ସମଗ୍ର ଦେଶରେ ଗତ ୨୦୨୪ରେ ୨୨.୬୮ ଲକ୍ଷ ମାମଲା ରୁଜୁ ହୋଇଥିବା ବେଳେ ଗତ ୨୦୨୫ ମସିହାରେ ୨୮.୧୫ ଲକ୍ଷ ସାଇବର ମାମଲା ରୁଜୁ ହୋଇଥିବା ପ୍ରକାଶ। ଗତ ୨୦୨୫ ମସିହାରେ ଏହି ସାଇବର ମାମଲାରେ କେବଳ ୨୨ ହଜାର ୪୯୫ କୋଟି ଆର୍ଥିକ ଠକେଇ ହୋଇଥିବା ପ୍ରକାଶ। ଏଥିରେ ବିଶେଷ କରି ସାମାଜିକ ଗଣମାଧ୍ୟମର ଦୁରୁପଯୋଗ କରିସାଇବର ଅପରାଧୀ ମାନଙ୍କ ଦ୍ୱାରା ୟୁପିଆଇ ଠକେଇ, ଡିଜିଟାଲ ବ୍ଲାକମେଲ, ଇନଭେଷ୍ଟମେଣ୍ଟ ସ୍କାମ ପରି ଗୁରୁତ୍ୱପୂର୍ଣ୍ଣ ସାଇବର ଠକେଇ ଅନ୍ତର୍ଭୁକ୍ତ ଅଟେ।

ତେବେ ଆମ ରାଜ୍ୟ ଓଡ଼ିଶା କଥା ଦେଖିଲେ, ଜଣାଯାଏ, ଗତ ୫ ବର୍ଷ ମଧ୍ୟରେ ସାଇବର ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତଙ୍କ ସଂଖ୍ୟା ୪୯ ଥିବାବେଳେ ନିର୍ଦ୍ଦୋଷଙ୍କ ସଂଖ୍ୟା ୪ଶହ ରହିଛି। ଏକ ପରିସଂଖ୍ୟାନରୁ ଜଣାଯାଇଛି, ଅନଲାଇନରେ ଆର୍ଥିକ ଠକେଇ, ସାମାଜିକ ଗଣମାଧରେ ମଧୁର ସଂପର୍କ ସ୍ଥାପନ କରି ପରେ ଯୌନ ଶୋଷଣର ଶିକାର ପୀଡ଼ିତ/ ପୀଡ଼ିତା (ସଂଖ୍ୟାଧିକ)କୁ ସାଇବର ଜାଲରେ ଛନ୍ଦି ଦେଇ ଆର୍ଥିକ ଶୋଷଣ କରୁଥିବା ସାଇବର ଅପରାଧୀଙ୍କ ସଂଖ୍ୟା ଏବେ ଦିନକୁଦିନ ବଢ଼ିଚାଲିଥିବାବେଳେ ଏହି କାରଣରୁ ବହୁ ଭଲ ପରିବାର ଅକାଳରେ ଉଜୁଡି ଯାଉଛି। ତଥ୍ୟ ମୁତାବକ, ଗତ କରୋନା ସମୟରେ ସାମାଜିକ କଟକଣା ଚାପରେ ଜନସାଧାରଣ ଘରୁ ବାହାରକୁ ବାହାରି ନପାରି ଖାଦ୍ୟ ସାମଗ୍ରୀ କିଣିବା, ଅନଲାଇନ ଗେମ୍ ଖେଳିବାରେ ତଥା ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିତାଇବାରେ ଜଡ଼ିତ ରହିବା ଏକ ସାଧାରଣ ଘଟଣା ହୋଇଥିଲା। ଏହାର ସୁଯୋଗରେ ସାଇବର ଅପରାଧୀଙ୍କ ଅଭିନବ ଠକେଇ କ୍ରମାଗତ ବୃଦ୍ଧି ହୋଇଥିଲା। ଆମ ରାଜ୍ୟରେ ଗତ ୫ ବର୍ଷ ପୂର୍ବେ ଝାଡ଼ଖଣ୍ଡ ଜିଲ୍ଲା ଜାମତାରାରୁ ସାଇବର ଅପରାଧୀଙ୍କର ଅପରାଧିକ ଜାଲ ବିଛାଇଥିଲେ। ହେଲେ ଏଥିରେ ଏହା ଆମ ପଡ଼ୋଶୀ ପଶ୍ଚିମବଙ୍ଗ, ସମେତ ଦିଲ୍ଲୀ, ଉତ୍ତରପ୍ରଦେଶ ରାଜ୍ୟ ଯୋଡ଼ି ହୋଇଯାଇଥିବା ସୂଚନା ମିଳେ।

ସାଇବର ଅପରାଧୀଙ୍କ ଅପରାଧିକ ପୃଷ୍ଠଭୂମି ସମେତ ଦେଶୀ ସାବ୍ୟସ୍ତ ହେବା ପାଇଁ ଆବଶ୍ୟକ ଦ୍ରୁତ ପଦକ୍ଷେପ ପାଇଁ ପ୍ରାମାଣିକ ତଥ୍ୟ ଆଧାରରେ ପୀଡ଼ିତଙ୍କ ସାଇବର ସଚେତନତା ତଥା ଦ୍ରୁତ ସହଯୋଗିତା ନିତାନ୍ତ ଜରୁରୀ। ଚତୁର ଅପରାଧୀ ଭଡ଼ାରେ ବ୍ୟାଙ୍କ ଆକାଉଣ୍ଟ୍ ଆଣି ସେଥିରେ ଅର୍ଥ କାରବାର କରୁଥିବାରୁ ପ୍ରକୃତ ଅପରାଧୀ ପାଖରେ ପୋଲିସ ପହଞ୍ଚିବା କେବଳ କଷ୍ଟକର ହେଉନାହିଁ, ବରଂ ଆହ୍ୱାନ ସୃଷ୍ଟି କରୁଅଛି। ଭିପିଏନ୍ (ଭର୍ଚୁଆଲ ପ୍ରାଇଭେଟ୍ ନେଟ ୱାର୍କ) ବ୍ୟବହାର କରାଯାଉଥିବାରୁ କମ୍ପୁଟର ଓ ମୋବାଇଲର ପ୍ରକୃତ 'ଆଇ ପି' (ଇଣ୍ଟରନେଟ ପ୍ରୋଟୋକଲ) ଠିକଣା ଠାବ କରିବା ଦୁଃସାଧ ହୋଇପଡୁଛି। ଏତଦବ୍ୟତୀତ ଜାଲି ବ୍ୟାଙ୍କ ଆକାଉଣ୍ଟ ଓ ଅନଲାଇନରେ ମିଳୁଥିବା ମୋବାଇଲ ନମ୍ବର ମାଧ୍ୟମରେ ସାଇବର ଅପରାଧ ଘଟୁଥିବାରୁ ଅପରାଧୀଙ୍କୁ ଠାବ କରିବା ସହିତ ବୈଷୟିକ ପ୍ରମାଣ କୋର୍ଟରେ ଦାଖଲ କରିବା ଭାରି ମୁସ୍କିଲ ହେଉଥିବାରୁ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ଆଶା କ୍ଷୀଣ ହୋଇଯାଉଛି।

ତେବେ ଶେଷରେ ଏତିକି କୁହାଯାଇପାରେ, ସାଇବର ସଚେତନତା ସହିତ ବୈଷୟିକ ଜ୍ଞାନ ଆହରଣ ନିହାତି ଆବଶ୍ୟକ। ୫ ଜି ଡିଜିଟାଲ ଯୁଗରେ ସମସ୍ତେ ଶିକ୍ଷିତ, ସାଇବର ଜଗରୁକ ହେବା ବିଧେୟ। ଅଯଥା ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଡିଜିଟାଲ ଆରେଷ୍ଟ ହେଲେ ତୁରନ୍ତ ପାଖ ପୋଲିସ ଥାନା ଅଧିକାରୀ, ସାଇବର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ିବା ସହିତ ଘଟଣା ପଛ ସଠିକ କାରଣ ଓ ସତକଥାର ଉପସ୍ଥାପନା ସହିତ ପରିଣାମର ସାମନା କରିବା ମଧ୍ୟ ଜରୁରୀ। ଇଣ୍ଟରନେଟ ପ୍ରୋଟୋକଲ ଅନୁଯାୟୀ ସାମାଜିକ ଗଣମାଧ୍ୟମ ବ୍ୟବହାର, କମ୍ପ୍ୟୁଟର, ମୋବାଇଲ ବ୍ୟବହାର କାଳରେ ସାବଧାନତା ଓ ସତତ ଜାଗ୍ରତ ରହିଲେ ଆମେ ସାଇବର ଅପରାଧୀଙ୍କ ଅଡୁଆ ଜାଲରେ ଅଯଥା ଫସିବା ନାହିଁ।

♥ ନାଚୁଣୀ,ଖୋର୍ଦ୍ଧା,
ପିନ :-୭୫୨୦୩୪
ମୋ: ୬୩୭୦୪୯୫୯୪୪

**ଛୋଟ ଗଳ୍ପ**

# ମାଟି ମମତା



**ତ୍ରିନାଥ ନନ୍ଦୀ**

' ଚିଠି ନିଅନ୍ତୁ ଆଜ୍ଞା ଚିଠି, ରାମେଶ୍ୱର ବାବୁ, ଆପଣଙ୍କ ଝିଅର ଚିଠି ଆସିଛ ।' ଏତିକି ଶୁଣି ଚା ' କପ୍ ଟିକୁ ଟେବୁଲ୍ ଉପରେ ଥୋଇ ବାହାରକୁ ବାହାରି ଆସିଲେ ରାମେଶ୍ୱର ବାବୁ ଓରଫ୍ ରାଜୁବାବୁ । ବ୍ୟସ୍ତ ବିବ୍ରତ ହୋଇ ଡାକ ପିଅନ ମଧ୍ୟ ବାବୁଙ୍କ ହାତକୁ ବଢ଼େଇ ଦେଇ ତାଙ୍କ ସରକାରୀ ନଥିରେ ଦସ୍ତଖତ ନେଇ ମେଲାଣି ନେଲେ । ଚିଠିରେ କ'ଣ ଅଛି କିଛି ଜଣା ନାହିଁ। ଗ୍ରାହକ ଠିକଣାରୁ ସ୍ପଷ୍ଟ , ଚିଠିପତ୍ରଟି ତାଙ୍କ ବଡ ଝିଅ ମାମୁନି ନାଁରେ ଆସିଛି, ସ୍ନେହର ନାଁ ମିରା । ଏ ଟେଲିଫୋନ ଯୁଗରେ ପୁଣି ଚିଠି, ତା ପୁଣି ସହରରୁ !

କିଛି ବୁଝି ପାରିଲେନି ରାଜୁ ବାବୁ । ଟିପୟ ଉପରେ ଚିଠିକୁ ଥୋଇ ଦେଇ ପୁଣି ଚା' ପିଆରେ ମଜିଗଲେ । ଚା' ସରୁ ସରୁ ସ୍ତ୍ରୀ ଏବଂ ସାନ ପୁଅକୁ ଏକାଠି କରି ଚିଠିଟି ଖୋଲିଲେ । ପ୍ରଥମରୁ ଦୁଇ ତିନି ଧାଡି ପଢ଼ିବା ପରେ ବାବୁଙ୍କ ମୁଖରେ ମୁକ୍ତ ହସର ଲହରୀ। ଚିଠିଟି ଝିଅର ଗତ ବିଶ୍ୱବିଦ୍ୟାଳୟରୁ ଆସିଛି । ଚିଠିର ମୁଖ୍ୟ ଖବର ହେଉଛି, ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦାନ ଏବଂ ସ୍ୱର୍ଣ୍ଣପଦକ ହାସଲ ସମ୍ପର୍କରେ।

ଝିଅ ମିରା ଏବେ ବିଦେଶରେ । ବାବୁ ତତକ୍ଷଣାତ୍ ଫୋନ୍ କଲେ, ସେପଟରୁ ପ୍ରଥମ ଉତ୍ତର , 'ବାପା ପ୍ରଣାମ, ଜୟ ଜଗନ୍ନାଥ ।' ମନରେ ଅହେତୁକ ଆନନ୍ଦ । ପଚିରିଲି, 'ମୀରା କେମିତି ଅଛୁରେ.... ? ' । ଜଣେ ଝିଅ ପାଇଁ ଏଭଳି ଆନନ୍ଦ ଭରା ପ୍ରଶ୍ନରେ ଝିଅଟିଏ ହୋଇ ବାପାଙ୍କୁ ଆଉ କ'ଣ ବା ଉତ୍ତର ଦେବ । ସେପଟରୁ ବୀପରିତ ପ୍ରଶ୍ନ ; ଆଚ୍ଛା ତୁମେ କହିଲ କେମିତି ଅଛ ? 'ମୁଁ ? ମୁଁ ଭଲରେ ଅଛିରେ ମା', 'ଆଉ ତାହାଲେ ମୁଁ କଣ ଦୁଃଖରେ ଅଛି ନାଁ କ'ଣ, ମୁଁ ମଧ୍ୟ ଭଲରେ ଅଛି । ଆଚ୍ଛା ବାପା, ତମେ ଆଜି ଏ ବେଳାରେ ହଠାତ୍, ତା'ବି ପୁଣି ଅତି ଖୁସି ଲାଗୁଛ କ'ଣ ହେଇଛି ! କଥା କ'ଣ ?'

କୈତୁହଳରେ ଅପାକୁ ଚିଡ଼େଇବା ପାଇଁ ସାନ ଭାଇଟା କହି ପକାଇଲା, 'ଆରେ ଶୁଣ, ଭିଣେଇ ଭାଇ ଆସିଥିଲେ କଥା ନେଇ, ମାନେ ଏବେ ତ ସାହାନାଇ ବାଜିବଲୋ ଅପା ।' ହଠାତ୍ ଲାଜେଇ ଯାଇ ମୀରା କିଛି କ୍ଷଣ ନିରବ ରହିଲା। ମାଆ କଥା କଥାରେ କହିଲେ, ' ଆରେ ନାଇଁରେ, ସେମିତି କିଛି ନାହିଁ, ଏଇଟାର କେବେ ସିରିୟସ ନେଶ ଆସିବ କେଜାଣି !

ହଠାତ୍ ଅତି ବ୍ୟସ୍ତ ହୋଇ ମିରା କହିଲା, 'ବାପା ରଖୁଛି ପରେ କଲ କରୁଛି, ଅଫିସରୁ କ'ଣ ମେଲ୍ ଆସିଲା ।' ବାବୁ ମଧ୍ୟ କଲ୍ ରଖି ଦେଲେ । ମେଲ୍‌ଟି କୈଣସି ଅଫିସିଆଲ୍ ନଥିଲା। ବରଂ ସେଇଟି ଥିଲା ଝିଅ ମୀରା ପ୍ରତି ବାପାଙ୍କର ଏକ ବିସ୍ମୟ ବାର୍ତ୍ତା। ହଠାତ୍ ବାପାଙ୍କର ମେଲ୍ ଦେଖି ସେ ଚଳଚଂଚଳ ହୋଇ ଉଠିଲା । ଏଇନେ ଫୋନ୍ କରିଥିଲେ ଅଥଚ କିଛି ନ କହି ପୁଣି ମେଲ୍ ! ଚିଠିର ଦୁଇଧାଡି ପଢୁପଢୁ ମୀରା ମନରେ ଆନନ୍ଦ କହିଲେ ନ ସରେ । ପ୍ରାୟତଃ ପିଲାମାନେ ବିଦେଶର ଚାକଚମକରେ ନିଜ ମାଟିକୁ ଫେରିବାକୁ ଚାହାନ୍ତି ନାହିଁ। ହେଲେ ଏଥିରେ ମୀରା ଟିକେ ବ୍ୟତିକ୍ରମ। ବାପା ଯେମିତି ତାକୁ ମେଲ ପଠେଇ ବିସ୍ମୟ କରିଥିଲେ, ଝିଅ ମଧ୍ୟ ଅନୁରୂପ ଭାବେ, ଠିକ୍ ଗୋଟିଏ ଦିନ ପରେ ମୀରା ମଧ୍ୟ ବାପାଙ୍କୁ ଏକ ମେଲ୍ ପଠେଇ ଦିଏ । ମେଲ୍‌କୁ ଦେଖି ବାପାଙ୍କ ମନରେ ଅହେତୁକ ଆନନ୍ଦ । ମେଲ୍‌ଟି ଥିଲା ତାଙ୍କ ଝିଅର ଗାଁକୁ ଆସିବା ପାଇଁ ଫ୍ଲାଇଟ ଟିକେଟ ।

ଉତ୍ସବର ପାଂଚଦିନ ପୂର୍ବରୁ ମୀରା ଆସି ଘରେ ପହଞ୍ଚିଲା । ହେଲେ ମନରେ ସମାବର୍ତ୍ତନ ଉତ୍ସବ, ସ୍ୱର୍ଣ୍ଣ ପଦକ ଗ୍ରହଣ, ଏ ଆନନ୍ଦ ଏତେ ନଥିଲା । ନିଜ ମାତୃଭୂମି ମାଟିର ପାଣି ପବନ ପ୍ରକୃତିର ଧୂଳିରେ ଲୋଟି ଯିବା ମଜ୍ଜିଯିବାର ଆନନ୍ଦ ଥିଲା ପ୍ରକୃତ ଆନନ୍ଦ। ଘରେ ଥିଲେ ମଧ୍ୟ ଫୋନ୍ ଲ୍ୟାପଟପ୍ ପାଖରୁ ସେ ବେଶ୍ ଦୂରରେ, ପ୍ରାୟତଃ ତିନି ଚାରି ଦିନ ହେବ। ଏ ଭିତରେ ଅନେକଥର ଅନେକ ଫୋନ୍ କମ୍ପାନୀରୁ ଆସିଛି ହେଲେ ତା ପ୍ରତି ଲଗାମ୍ ନାହିଁ। ଉତ୍ସବ ଶେଷହେଲା । ଫେରିଯିବା ପାଇଁ ଫାଇଟ୍ ଟିକଟ ପାଇଁ ଲାପଟପ୍ ଖୋଲା ହୁଏ । ଇଣ୍ଟରନେଟ ଅନ୍ କରୁ କରୁ ଏକାଧିକ ମେଲ୍ ନୋଟିଫିକେସନ। ସେ ମେଲ୍ ସବୁ ପରିବାର ମୁଖରେ ଦୁଃଖ ଦେଇଥିଲା ସତ, ହେଲେ ମିରା ମନରେ ନୁହେଁ। ମେଲ୍‌ଟି ଥିଲା କମ୍ପାନୀର ରିଜାଇନ ଏପ୍ରୋଭାଲ ଲେଟର । ଗାଁ ମାଟିର ମହକକୁ ଆଦରିବା ପାଇଁ ପାଞ୍ଚ ଆଠ ଦିନ ତା ପାଇଁ ନିଅଣ୍ଟ ଥିଲା । ଉତ୍ସବରେ ଯୋଗଦାନ ଇତ୍ୟାଦି ଥିଲା ଏକ ବାହାନା ମାତ୍ର।

ଆଜି ଦୁଇ ମାସ ପରେ ମୀରା ଫେରିଗଲା ବିଦେଶକୁ, ଦୁଃଖରେ ନୁହେଁ ବରଂ ଦୃଢ ଆଶା ଓ ବିଶ୍ୱାସ ନେଇ । ହେଲେ ଏବେ ମଧ୍ୟ ରାଜୁ ବାବୁ ଏବଂ ତାଙ୍କ ପତ୍ନୀଙ୍କ ମନରେ ଅନେକ ପ୍ରଶ୍ନବାଚୀ, ଏବେ କ'ଣ ହେବ !

♥ ଜଳେଶ୍ୱର ବାଲେଶ୍ୱର
ମୋ - ୮୧୧୮୦୪୦୩୯୦



# ମଧୁରୋକ୍ତି...(୨୯)

## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଜଣଙ୍କ ପ୍ରାଣ ତ୍ୟାଗ ହୋଇଗଲା ପରେ କେହି ତାଙ୍କୁ ଆଉ ଦେଖିପାରନ୍ତି ନାହିଁ। ଅତଏବ ତ୍ୟଜ୍ୟ କରିବା ମଧ ପ୍ରାଣ ଦଣ୍ଡର ସ୍ୱରୂପ ହିସାବରେ ଗ୍ରହଣ କରାଯାଇପାରେ। ତେଣୁ ତୁମେ ଲକ୍ଷ୍ମଣଙ୍କ ମୁଖ ଆଉ କେବେ ଦର୍ଶନ କରିବନି ବୋଲି ଦଣ୍ଡ ବିଧାନ କରିବାକୁ ବାଧ ହେଲ। ଲକ୍ଷ୍ମଣ ନିଜ ଜୀବନ କେବଳ ତୁମର ପ୍ରତିଛବି ହୋଇ କଟାଇଥିଲେ। ତୁମଠାରୁ କ୍ଷଣ ମାତ୍ରେ ଦୂରେଇ ଯିବା ତାଙ୍କ ପାଇଁ ଅସମ୍ଭବ ଥିଲା। ଆଉ ଏଇଟା ହିଁ ମୃତ୍ୟୁଦଣ୍ଡ ଥିଲା ତାଙ୍କ ପାଇଁ। ହାତ ଯୋଡ଼ି ସେ ତୁମଠୁ ଦୂରକୁ ଚାଲିଗଲେ। କେବଳ ଦୂରକୁ ଚାଲିଗଲେ ସେକଥା ନୁହେଁ ବରଂ ସେ ମଧ ନିଜ ମାନବୀୟ ଲୀଳା ସମାପ୍ତ କରି କ୍ଷୀର ସାଗରକୁ ଯାଇ ତୁମର ପ୍ରତୀକ୍ଷା କରିବାକୁ ଲାଗିଲେ।

ତା ପରେ ଆରମ୍ଭ ହୋଇଥିଲା ସବୁଠୁ ବଡ ପରୀକ୍ଷା। ଏକ ଭକ୍ତର ଭକ୍ତିକୁ ଦୁରେଇବାର ଚରମ ପଦକ୍ଷେପ ତୁମକୁ ହିଁ ନେବାକୁ ହୋଇଥିଲା। ଆଉ କିଏ ଏସବୁ କରନ୍ତା ପ୍ରଭୁ...!! ସଚରାଚର ବିଶ୍ୱର ପ୍ରତ୍ୟେକ ଲୀଳାଖେଳା ତୁମେ ହିଁ ତ କର ମହାବାହୁ। ହେଲେ ଏଥର କିପରି ଚୁପ୍ ରୁହନ୍ତ...!! ଅବିନାଶୀ ତୁମେ। ଅନନ୍ତ ତୁମେ। ତୁମ ଅବତାରର ଅନ୍ତ ଆଉ କିଏ କିପରି କଳ୍ପନା କରି ପାରେ...!!

ସେଦିନ କଥା ଛଳରେ ତୁମେ ହନୁମାନଙ୍କ ସହ ଭ୍ରମଣ କରିବା ସମୟରେ ନିଜ ନାମାଙ୍କିତ ମୁଦ୍ରିକା ଏକ ଫାଟ ଦେଇ ଧରତୀ ତଳକୁ ପକେଇ ଦେଲ। ଆଉ ହନୁମାନଙ୍କୁ ତୁମର ସେହି ପ୍ରିୟ ପଦାର୍ଥ ଆଣିବାକୁ କହିଲ। ହନୁମାନ ତୁରନ୍ତ ରାମକାର୍ଯ୍ୟ କରିବାକୁ ଆଗେଇ ଗଲେ। ତୁମ କାର୍ଯ୍ୟ କରିବା ପାଇଁ ସେ ସର୍ବଦା ପ୍ରସ୍ତୁତ ହୋଇଥାଆନ୍ତି। ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ନକରି ସେ ବାହାରିଗଲେ। ହେଲେ ଅବିଶ୍ୱସନୀୟ ଭାବରେ ସେହି ଛୋଟିଆ ଫାଟ ସିଧା ଯାଇ ନାଗଲୋକରେ ପହଞ୍ଚି ଥିଲା। ସେଇଠି ପହଞ୍ଚି ହନୁମାନ ନାଗରାଜଙ୍କୁ ନିଜ ଆସିବା ଅଭିପ୍ରାୟ କଥା କହିଥିଲେ। ନାଗରାଜ ତାଙ୍କୁ ଜଣେଇ ଦେଇଥିଲେ ଯେ ଯେଉଁଠି ବି ଅମୂଲ୍ୟ ବସ୍ତୁ ଦେଖିଲେ ନାଗମାନେ ଜାଗ୍ରତ ସହକାରେ ଆଣି ତାଙ୍କୁ ଦେଇ ଦିଅନ୍ତି। ଆଉ ସେ ସେହିସବୁ ଅମୂଲ୍ୟ ପଦାର୍ଥ ଗୋଟିଏ ଜାଗାରେ ଠୁଳ କରି ରଖିଛନ୍ତି। ହନୁମାନ ବହୁତ୍ ଖୁସି ହୋଇଗଲେ ଏସବୁ ଶୁଣି। ଶେଷରେ ସେ ପ୍ରଭୁଙ୍କ କାର୍ଯ୍ୟ ଅକ୍ଳେଶରେ କରି ଯଥା ସମ୍ଭବ ଶୀଘ୍ର ଯାଇ ପହଞ୍ଚି ଯିବେ। କେଜାଣି କାହିଁକି ତୁମର ଆଦେଶ ଆଜି ତାଙ୍କୁ ବିଚଳିତ କରି ପକାଉଥିଲା...!! କେଜାଣି କାହିଁକି ତୁମେ କିଛି ଗହନ କଥା କହିଲା ପରି ତାଙ୍କୁ ପ୍ରତୀୟମାନ ହେଉଥିଲା ସେ ନିଜେ ବୁଝି ପାରୁ ନଥିଲେ। କେଜାଣି କାହିଁକି ତୁମ ମୁହଁ ବାରମ୍ବାର ତାଙ୍କ ଆଖି ଆଗରେ ନାଚି ଯାଉଥିଲା...!!

ପାହାଡ ପ୍ରମାଣେ ମୂଲ୍ୟବାନ ବସ୍ତୁ ଗଦା ହୋଇ ରହିଥିଲା। ହନୁମାନ ସେହି ସବୁ ମୂଲ୍ୟବାନ ବସ୍ତୁ ଭିତରୁ ନିଜ ଆରଧ୍ୟଂକର ମୁଦ୍ରିକା ଖୋଜିବା ପାଇଁ ଆଗେଇଗଲେ।

ଏକଥା ଏତେ ସହଜ ନଥିଲା। ପୁରାଣ କଥା ଅନୁସାରେ ସେ ସେଇଠି ଦେଖିବାକୁ ପାଇଥିଲେ ସେ ସବୁ ମୁଦ୍ରିକାର ସମାହାର ଯାହା ପ୍ରଭୁଙ୍କର ପ୍ରତ୍ୟେକ ଅବତାରର ପ୍ରତୀକ ଥିଲା। ବିଷ୍ଣୁଙ୍କ ଲୀଳାର ଅଂଶ ବିଶେଷ ଥିଲା। ବହୁତ୍ ଖୋଜିବା ପରେ ସେ ପାଇଥିଲେ ତୁମର ସେହି ସନ୍ତକ ଯାହା ସେ ଖୋଜିବାକୁ ଆସିଥିଲେ। କିନ୍ତୁ ତାଙ୍କ ମନ କେଉଁଠି କେମିତି ବିଚଳିତ ହୋଇ ଯାଉଥିଲା। କାରଣ ଏସବୁ ଆଭୂଷଣ ସହିତ ବର୍ତ୍ତମାନର ମୁଦ୍ରିକା ସ୍ଥାନିତ ହେବା କଣ କେବଳ ଏକ ସଂଯୋଗ ନା କିଛି ସଂକେତ ଥିଲା... ସେଇଟା ସେ ବୁଝି ମଧ ବୁଝିପାରୁ ନଥିଲେ। ପ୍ରଭୁ ସୁସ୍ଥ ଅଛନ୍ତି ତ...!! ବିକଳ ହୋଇ ସେ ତୁରନ୍ତ ଫେରି ଆସିଥିଲେ ଅଯୋଧ୍ୟା ମାଟିକୁ...!!

ହନୁମାନଙ୍କୁ ପଠେଇ ଦେବା ପରେ ନିଜ ମାନବୀୟ ଲୀଳାର ଅନ୍ତ କରିବା ଉଦ୍ଦେଶ୍ୟରେ ତୁମେ ସରଜୁ ନଦୀ କୂଳରେ ପହଞ୍ଚିଥିଲ। ଯେଉଁ ସରଜୁ ନଦୀରେ ଦିନେ ତୁମ ବାଲ୍ୟଲୀଳା ସମୟରେ ପିନ୍ଧା ପୀତବାସ ଧୁଆ ହେଉଥିଲା ସେହି ସରଜୁ ନଦୀରେ ସଲିଳ ସମାଧି ନେବା ପାଇଁ ତୁମେ ପହଞ୍ଚିଲା ବେଳେ ସଂପୂର୍ଣ୍ଣ ପରିବେଶ କୋହରେ ପୂର୍ଣ୍ଣ ହୋଇ ଯାଇଥିଲା। କିନ୍ତୁ ତୁମେ ସମସ୍ତଙ୍କୁ ବୁଝେଇ ଥିଲ ଯେ ପ୍ରତ୍ୟେକ ସୃଷ୍ଟିର ବିଲୟ ଥାଏ। ଆଉ ତ୍ରେତୟା ଯୁଗର ଅନ୍ତ ଅବଶ୍ୟମ୍ଭାବୀ। ତେଣୁ ଶୋକ ନକରି ବରଂ ନୂତନ ଯୁଗର ଆବାହନ ଖୁସିରେ କରିବା ପାଇଁ ତୁମର ଦୃଢ଼ ନିର୍ଦ୍ଦେଶ ଥିଲା। ପୂର୍ବରୁ ତୁମଠାରୁ ଦୂରେଇ ଯାଇଥିବା ଲକ୍ଷ୍ମଣ ଆସନ୍ତା ଜନ୍ମରେ ତୁମ ଅଗ୍ରଜ ହେବାକୁ ବରଦାନ ମାଗି ନେଇଥିଲେ। ସେ ଦୁଃଖିତ ଥିଲେ ଯେ ଏହି ଜନ୍ମରେ ସେ ଛୋଟ ହୋଇଥିବାରୁ ତୁମର ନିଷ୍ପତ୍ତି ଉପରେ ପ୍ରଶ୍ନ କରିବା ଅଧିକାର ନଥିଲା। କିନ୍ତୁ ସେ ଏଥର ତୁମଠାରୁ ବଡ ହୋଇ ଜନ୍ମ ଗ୍ରହଣ କଲେ ତୁମକୁ ବନବାସ ପରି ନିର୍ଣ୍ଣୟ ନେବାକୁ ଦେବେନି। ତୁମେ ମଧ ସମ୍ମତି ଦେଇଥିଲ। ସେ ପର ଜନ୍ମରେ ବଳରାମ ହେଲେ ଆଉ ତୁମେ ଶ୍ରୀକୃଷ୍ଣ...!!

ତୁମର ରାମ ସ୍ୱରୂପରେ ଛାଇ ପରି ସାଙ୍ଗରେ ରହିଥିବା ଭରତ ଏବଂ ଶତ୍ରୁଘ୍ନ ତୁମର ଶଙ୍ଖ ଏବଂ ଚକ୍ର ଆୟୁଧ ହିଁ ଥିଲେ। ସୁତରାଂ ଏହି ଅବତାର ତ୍ୟାଗ କରିବା ସମୟରେ ତୁମ ସହିତ ସେମାନେ ମଧ ସରଜୁ ନଦୀ କୂଳରେ ଆସି ଉପସ୍ଥିତ ହୋଇଥିଲେ। ଯେତେ ଦେବ ଦେବତା ସବୁ ରାମକାର୍ଯ୍ୟ କରିବା ପାଇଁ ଜନ୍ମ ଗ୍ରହଣ କରିଥିଲେ ସେମାନେ ସମସ୍ତେ ବିଷ୍ଣୁ ଲୋକକୁ ଗମନ କରିବାକୁ ଆନନ୍ଦ ମନରେ ଆଗେଇ ଆସିଥିଲେ। ସେତେବେଳକୁ ତୁମର ସୁଯୋଗ୍ୟ ପୁତ୍ର ଲବକୁଶ ସମେତ ଅନ୍ୟ ଭାଇମାନଂକ ସନ୍ତାନମାନେ ମଧ ବିବାହ କରିବା ସହିତ ରଘୁବଂଶକୁ ଆଗେଇ ନେଉଥିଲେ। ସୁଶାସକ ହୋଇ ସୁନାମ ଅର୍ଜନ କରୁଥିଲେ। ମାତାମାନେ ଉଚିତ୍ ସମୟ ଦେଖି ପୂର୍ବରୁ ହିଁ ବାନପ୍ରସ୍ଥ ଯାତ୍ରାରେ ବାହାରି ଯାଇଥିଲେ। ଉର୍ମିଳା, ମାଣ୍ଡବୀ ଏବଂ ଶ୍ରୁତକିର୍ତ୍ତୀ ମଧ ନିଜ ନିଜ କର୍ତ୍ତବ୍ୟ ସଂପାଦନ ହେବା ପରେ ସ୍ୱ ସ୍ୱ ମୂଳସ୍ୱରୁପ ପ୍ରାପ୍ତି କରି ସାରିଥିଲେ। ପ୍ରତ୍ୟେକ କାର୍ଯ୍ୟ ସୂଚାରୁରୂପେ ସମ୍ପାଦିତ ହୋଇ ସାରିଥିଲା। ସଂସାରରେ ସତ୍ୟ, ଧର୍ମ ନ୍ୟାୟର ସ୍ଥାପନା ହୋଇ ସାରିଥିଲା। ଆସୁରିକ ଶକ୍ତି ସବୁ ନିୟନ୍ତ୍ରଣକୁ ଆସି ଯାଇଥିଲେ। ସମାଜରେ ସମତା, ସଦଭାବ, ଭାଇଚାରା ସବୁ ପ୍ରତିଷ୍ଠା ହୋଇ ସାରିଥିଲା। ଋଷିମୁନିଙ୍କ ମନ୍ତ୍ରୋଚ୍ଚାରଣ ସହିତ ବେଦ ମନ୍ତ୍ର ପାରାୟଣ ସଂପୂର୍ଣ୍ଣ ପରିବେଶକୁ ଏକ ଭବ୍ୟ ଦୈବୀ ସ୍ୱର୍ଶ ଦେଉଥିଲା। ଆଉ ତୁମେ ସରଜୁ ନଦୀରେ ପବିତ୍ର ପ୍ରବେଶ କରିଥିଲ।



ହନୁମାନ ନିଜ କୋହ ସମ୍ଭାଳି ପାରିଲେନି। ଭାଙ୍ଗି ପଡ଼ି କ୍ରନ୍ଦନ କରିବାକୁ ଲାଗିଲେ। ଜୀବନ ପ୍ରତି ବୀତସ୍ପୃହ ହୋଇ ଯାଇଥିଲେ। କିନ୍ତୁ ତୁମେ ସଙ୍ଗେ ସଙ୍ଗେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀହରିବିଷ୍ଣୁଙ୍କ ସ୍ୱରୁପରେ ପ୍ରକଟ ହୋଇ ତାଙ୍କୁ କ୍ଷାନ୍ତ ହେବାକୁ ବୁଝାଇଥିଲ। ଆଉ ତାଙ୍କୁ ନିଜ କର୍ତ୍ତବ୍ୟ କରିବାକୁ ଧୈର୍ଯ୍ୟ ଦେଇଥିଲ। ହନୁମାନଙ୍କୁ ଚିରଞ୍ଜିବୀ ହେବାର ବରଦାନ ମିଳିଥିଲା। ଦୁନିଆରେ ସର୍ବଦା ପୁଣ୍ୟ ପ୍ରତିଷ୍ଠା କରିବା ପାଇଁ ତାଙ୍କୁ ତତ୍ପର ରହିବା ସୌଭାଗ୍ୟ ପ୍ରାପ୍ତି ହୋଇଥିଲା। ରାମନାମର ମହାତ୍ମ୍ୟ ତାଙ୍କଠାରୁ ଅଧିକ ଆଉ କିଏ ବା ପ୍ରଚାର ପ୍ରସାର କରି ପାରନ୍ତା...!! କିନ୍ତୁ ତୁମ ବିରହରେ ସେ ଅଧୀର ହେଉଥିବା ଲକ୍ଷ୍ୟ କରି ତୁମେ ତାଙ୍କୁ ବଚନ ଦେଇଥିଲ ଯେ ସର୍ବଦା ତାଙ୍କ ହୃଦୟ ଭିତରେ ବିରାଜମାନ କରିବା ସହିତ ତାଙ୍କ ଶକ୍ତି ଏବଂ ସାମର୍ଥ୍ୟର ଉତ୍ସ ହୋଇ ରହିବ। ଯୁଗ ପରେ ଯୁଗ ବିତିଗଲା ପରେ ମଧ ଯେଉଁଠି ରାମନାମ ନିଆଯିବ ସେଇଠି ବୀର ହନୁମାନ ସ୍ଥୂଳ ଅଥବା ସୂକ୍ଷ୍ମ ରୂପରେ ଅବସ୍ଥାନ କରି ଭକ୍ତମାନଙ୍କ ବିପଦ ନାଶ କରିବେ।

ତୁମର ଏହି ବାକ୍ୟର ମର୍ଯ୍ୟାଦା ରକ୍ଷା ହୋଇଛି ଯୁଗେ ଯୁଗେ। ତ୍ରେତୟା ଯୁଗ ପରେ ଦ୍ୱାପର ଯୁଗରେ ତୁମେ ଯେତେବେଳେ କୃଷ୍ଣ ରୂପରେ ପୁନଃ ଧରାଧାମକୁ ଆସିଥିଲ ସେତେବେଳେ ବୀର ହନୁମାନ ସ୍ୱୟଂ ଭୀମଙ୍କ ଦର୍ପ ଚୂର୍ଣ୍ଣ କରି ତାଙ୍କୁ ରାମ ନାମର ମହାତ୍ମ୍ୟ ଶିଖେଇଥିଲେ। ଭୀମସେନ ସବୁଠୁ ବଳଶାଳୀ ବୋଲି ଗର୍ବ କରୁଥିବା ସମୟରେ ହନୁମାନ କେବଳ ନିଜ ଲାଙ୍ଗୁଡ ଉଠେଇବାକୁ ତାଙ୍କୁ ଆହ୍ୱାନ ଦେଇଥିଲେ ଏବଂ ସେତିକି ସେ ନ କରି ପାରି ତାଙ୍କ ନିକଟରେ ପରାଜିତ ହୋଇଥିଲେ କିନ୍ତୁ ସେ ତାଙ୍କୁ ସ୍ପଷ୍ଟ କହିଥିଲେ ଯେ ତାଙ୍କରି ସମସ୍ତ ଶକ୍ତି କେବଳ ରାମନାମ ଯୋଗୁଁ ହିଁ ସମ୍ଭବ। ରାମ ନାମ ବିନା ହନୁମାନ କେବଳ ଏକ ତୁଚ୍ଛ ବାନର ଅଟେ।

♥ ଭୁବନେଶ୍ୱର,
(ମୋ) ୯୪୩୮୪୭୦୮୦୭

# ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ

## ଡକ୍ଟର ଲକ୍ଷ୍ମଣ ସାହୁ



'ନୀଳାମ୍ବୁଜ ଶ୍ୟାମଳ କୋମଳାଙ୍ଗମ୍ /ସୀତା ସମାରୋପିତ ବାମଭାଗମ୍ / ପାଣୌ ମହାଶାୟକ ଚାରୁଚାପମ୍ / ନମାମି ରାମଂ ରଘୁବଂଶନାଥମ୍।'

ଭଗବାନ ଶ୍ରୀରାମଙ୍କ ନାମ ଠାରୁ ବଡ କେହି ନାହାଂତି । ରାମ' ଦୁଇଟି ମୂଳ ସଂସ୍କୃତ ଶବ୍ଦ 'ରମ୍' ଓ 'ଘମ୍'ରୁ ଉତ୍ପନ୍ନ। 'ରମ୍' ଅର୍ଥ ହେଉଛି 'ଆନନ୍ଦିତ' ହେବା ବା ନିହିତ ହେବା ।ସେହିପରି 'ଘମ୍'ର ଅର୍ଥ ହେଉଛି 'ବ୍ରହ୍ମାଣ୍ଡର ଖାଲି ସ୍ଥାନ'। ତେଣୁ 'ରାମ'ର ଅର୍ଥ ହେଉଛି ସମଗ୍ର ବ୍ରହ୍ମାଣ୍ଡରେ ନିହିତ ହେବା । ଶାସ୍ତ୍ରରେ ଲେଖାଯାଇଛି ଯେ "ରମନ୍ତେ ଯୋଗିନଃ ଅସ୍ତିମ ସା ରାମଂ ଉଚ୍ୟତେ" ଅର୍ଥାତ୍ ଯୋଗୀମାନେ ଧ୍ୟାନରେ ଥିବାବେଳେ ଯେଉଁ ଶୂନ୍ୟରେ ଭ୍ରମଣ କରନ୍ତି ତାଂକୁ ରାମ କୁହାଯାଏ।

ରାମଙ୍କ ନାମ କାହିଁକି ଦୁଇ ଥର କୁହାଯାଏ। ଯେତେବେଳେ ଅଭିବାଦନ ଦିଆଯାଏ 'ରାମ-ରାମ' କୁହାଯାଏ। ଏହା ସର୍ବଦା ଦୁଇ ଥର କୁହାଯାଏ । ଏହା ପଛରେ ଏକ ବୈଦିକ ଦୃଷ୍ଟିକୋଣ ରହିଛି ବୋଲି ବିଶ୍ୱାସ କରାଯାଏ । ବୈଦିକ ଦୃଷ୍ଟିକୋଣ ଅନୁଯାୟୀ, ୧୦୮ ହେଉଛି ସମ୍ପୂର୍ଣ୍ଣ ବ୍ରହ୍ମର ଏକକ ଗୁଣବତ୍ତା । ରାମ-ରାମ ଶବ୍ଦକୁ ୨ ଥର କହିଦେଲେ ଏହା ପୂରା ହୋଇଯାଏ । କାରଣ 'ର' ହେଉଛି ୨୭ ତମ ଅକ୍ଷର। 'ଆ' ହେଉଛି ଦ୍ୱିତୀୟ ଅକ୍ଷର ଓ 'ମ' ହେଉଛି ୨୫ ତମ ଅକ୍ଷର ।ସବୁକୁ ଏକାଠି କଲେ ୨୭ + ୨ + ୨୫ = ୫୪, ଅର୍ଥାତ୍ ଗୋଟିଏ 'ରାମ'ର ସମଷ୍ଟି ହେଉଛି ୫୪ । ତେଣୁ ରାମ ରାମ ୨ ଥର କହିଦେଲେ ଏହା ୧୦୮ ହୋଇଯାଏ ।ଯାହା ସମ୍ପୂର୍ଣ୍ଣ ବ୍ରହ୍ମକୁ ସୂଚିତ କରେ। ଯେତେବେଳେ ବି କେହି କିଛି ଜପ କରେ, ତା'ଙ୍କୁ ୧୦୮ ଥର ଜପ କରିବାକୁ କୁହାଯାଏ । କିନ୍ତୁ ୨ଥର 'ରାମ-ରାମ ' କହିଦେଲେ ସମଗ୍ର ମାଳା ଜପ ହୋଇଯାଏ । 'ମହାମନ୍ତ୍ର ଯୋୟ ଜାପତ୍ ମହେସୁ । କାସିନ୍ ମୁକୁତି ହେତୁ ଉପାଦେସୁ । ମହିମା ଜାସୁ ଜାନ ଗୁନରାଉ ।' ପ୍ରଥମ ପୂଜଉତ ନାମ ପ୍ରଭାଉ ।'

ଏହାର ଅର୍ଥ: - ମହାନ ମନ୍ତ୍ର, ଯାହା ମହେଶ୍ୱର ଶ୍ରୀ ଶିବଙ୍କ ଦ୍ୱାରା ଜପ କରାଯାଏ ଓ କାଶୀରେ ପ୍ରଚାରର କାଶୀ ମୁକ୍ତିର କାରଣ । ଯାହାର ଗୌରବ ଗଣେଶଙ୍କ ଦ୍ୱାରା ଜଣାଶୁଣା, ଯାହାଙ୍କୁ ପ୍ରଥମେ ଏହି ନାମ 'ରାମ' ଦ୍ୱାରା ପୂଜା କରାଯାଇଥାଏ । 'ରାମ ନାମ ଉଭୟ ହେଉଛି ମନ୍ତ୍ର-ଜପ ଓ ନାମ-ଜାପ ।' ଗୋଟିଏ ନାମ ଜପ କରାଯାଏ ଓ ଗୋଟିଏ ମନ୍ତ୍ର ଜପ କରାଯାଏ। ରାମଙ୍କ ନାମ ହେଉଛି ଏକ ମନ୍ତ୍ର ଓ ଏକ ନାମ । ରାମ ରାମ ରାମଙ୍କ ନାମ ଏପରି ଜପ ହୁଏ । ଏହା ପଦ୍ଧତି ବିନା ଜପ କରିବା । ଏହି ଉପାୟରେ ଈଶ୍ୱରଙ୍କୁ ସମ୍ବୋଧନ କରିବା ଅର୍ଥ ହେଉଛି ଈଶ୍ୱରଙ୍କୁ ଡାକିବା। ଯାହା ଦ୍ୱାରା ଭଗବାନ ଈଶ୍ୱରଙ୍କ ଦର୍ଶନ ଆଡକୁ ଆକର୍ଷିତ ହୋଇଥାଏ। ଯେପରି ନବଜାତ ଶିଶୁ ନିଜ ମାତାଙ୍କୁ ମା' ବୋଲି ଡାକେ, ସେହି ପରି ଛୋଟ ସନ୍ତାନ ଥିବା ମା' ମାନଙ୍କର ମନ ମଧ ସେହି ପିଲା ପ୍ରତି ଆକର୍ଷିତ ହୋଇଯାଏ ।ଯେତେବେଳେ ସେହି ମା' ଉଠି ଆଗ୍ରହ ସହ ତାକୁ ଆଲିଙ୍ଗନ କୋଳକୁ ଉଠେଇ ନିଏ ଓ ଶିଶୁଟି ତାଙ୍କୁ ମା' ବୋଲି ବିବେଚନା କରେ ।

ନିର୍ବାଣ ବ୍ରହ୍ମା ଓ ସର୍ଗୁଣ ରାମ । ଭଗବାନଙ୍କ ପ୍ରତ୍ୟେକ ଲୋମରେ କୋଟି କୋଟି ବିଶ୍ୱ ବ୍ରାହ୍ମାଣ୍ଡ ବାସ କରନ୍ତି । ଦଶରଥଙ୍କ ଘରେ ଜନ୍ମ ହୋଇଥିବା ବ୍ୟକ୍ତି ମଧ ରାମ ଓ ସେହି ଭଗବାନଙ୍କ ନାମ ଯିଏ ବିନା ରୂପରେ ସବୁଠାରେ ବିଦ୍ୟମାନ । ନାମ ଉଭୟ ନିର୍ଗୁଣ ବ୍ରହ୍ମ ଓ ସର୍ଗୁଣ ରାମଙ୍କଠାରୁ ମହାନ୍ ଅଟନ୍ତି ।ସେ ପରଂବ୍ରହ୍ମ ରାମ ନାମରେ ବିଦିତ ।ଭଗବାନ ନିଜେ ପ୍ରସିଦ୍ଧ । ପୁନଶ୍ଚ ପରମ ପରମାତ୍ମା , ସେ ହେଉଛନ୍ତି ଅନାମ । ଅର୍ଥାତ୍ ତାଙ୍କର ନାମ କିମ୍ବା ରୂପ ନାହିଁ ।କିନ୍ତୁ ତାଙ୍କୁ ଜାଣିବା ପାଇଁ ତାଙ୍କୁ ବହୁ ନାମରେ ସମ୍ବୋଧନ କରାଯାଏ । କାରଣ ନାମ ଆକାରରେ ସମ୍ବୋଧନ କରାଯାଏ, ସେଥିପାଇଁ ତାଙ୍କୁ ବ୍ରହ୍ମ ବୋଲି କହିଥାନ୍ତି ।ଅସୀମ, ନିତ୍ୟାନନ୍ଦ ଓ ଚିନ୍ମୟ ପରମ ବ୍ରହ୍ମରେ , ଯେଉଁଥିରେ ଯୋଗୀମାନେ ଆନନ୍ଦ ଲାଭ କରନ୍ତି । ପରମ ବ୍ରହ୍ମ ରାମଙ୍କ ସମାନ ନାମରେ ଧ୍ୟାନ କରାଯାଇଥାଏ । ଅର୍ଥାତ୍ ରାମ ହେଉଛନ୍ତି ସ୍ୱୟଂ ପରମ ବ୍ରହ୍ମ ।

ତାଙ୍କର ଅସୀମ ଅନନ୍ତ ନାମ ମଧ୍ୟରେ ମୁଖ୍ୟ ନାମ ହେଉଛି ରାମ । ଅନେକ ନାମ ଈଶ୍ୱରଙ୍କ ଗୁଣ ଇତ୍ୟାଦି ବିଷୟରେ କୁହାଯାଏ । ଯଦି ସେଗୁଡିକ ଜପ କରାଯାଏ, ଈଶ୍ୱରଙ୍କ ଗୁଣ, ପ୍ରଭାବ, ଉପାଦାନ, ଅତୀତ ଇତ୍ୟାଦି ମନେ ରହିବ। ପ୍ରଭୁଙ୍କ ନାମ ଆମକୁ ପ୍ରଭୁଙ୍କ ଚରିତ୍ର ଗୁଣ ବିଷୟରେ ମନେ ପକାଇ ଦେଇଥାଏ ।ଭଗବାନଙ୍କ ଚରିତ୍ର ଅସୀମ ।ସେହି ଚରିତ୍ର ସମ୍ବନ୍ଧରେ ନାମ ଜପ କରିବା ମଧ ଅସୀମ ଅନନ୍ତ ହେବ ।ସମଗ୍ର ଅଖିଳ ବ୍ରହ୍ମାଣ୍ଡ ସୃଷ୍ଟି ରାମଙ୍କ ନାମରେ ଅଛି । ବାଲ୍ମିକୀ ଏକ ଶହ କୋଟି ଶ୍ଳୋକରେ ରାମାୟଣ ରଚନା କରିଥିଲେ । ତା'ପରେ ରାମାୟଣଙ୍କୁ ଏକ କୋଟି ଶ୍ଳୋକରେ ଭଗବାନ ଶଙ୍କରଙ୍କ ଆଗରେ ରଖିଥିଲେ ଯିଏ ସର୍ବଦା ରାମଙ୍କ ନାମ ଜପ କରନ୍ତି ଓ ପାର୍ବତୀଙ୍କୁ ଏହା କହିଥିଲେ ।

ମହାଦେବ ଶିବ ରାମାୟଣକୁ ତିନୋଟି ବିଭାଗ କରି ଏହାକୁ ତ୍ରିଲୋକରେ ବିଭକ୍ତ କଲେ। ଯଦି ତିନି ଲୋକରେ ତେତିଶି କୋଟି କରି ଦିଆଯାଏ, ତେବେ ଗୋଟିଏ କୋଟି ବଳକା ହେବ ।ଫଳରେ ତାକୁ ମଧ ତିନି ଭାଗରେ ବିଭକ୍ତ ହେବା ପରେ ମଧ, ଏକ ଲକ୍ଷ ବାକି ରହିଲା । ସେ ଏହାକୁ ତିନି ଭାଗରେ ବିଭକ୍ତ କଲେ ଓ ଗୋଟିଏ ପଦ ବା ଶ୍ଳୋକ ଉଦ୍ଧାର ହେଲା । ରାମାୟଣର ଏକ କୋଟି ପଦର ତିନୋଟି ଅଂଶ କରିବାବେଳେ ଗୋଟିଏ ଅନାବଶ୍ୟକ ପଦ ବାକି ରହିଲା ।ରଚିତ ଶ୍ଳୋକରେ ବତିଶ ଅକ୍ଷର ଅଛି, ଯେଉଁଥିରେ ଦଶ-ଦଶଟି ତିନି ଜଣଙ୍କୁ ଦିଆଯାଇଥିଲା ।ଶେଷରେ କେବଳ ଦୁଇଟି ଅକ୍ଷର ବାକି ରହିଲା। ପ୍ରଭୁ ଶଙ୍କର ଏହି ଦୁଇଟି ଅକ୍ଷରକୁ 'ରା'୭ ଓ 'ମ' ନିଜ ପାଖରେ ରଖିଥିଲେ। ସମଗ୍ର ରାମାୟଣ କେବଳ ରାମ ଶବ୍ଦରେ ଅଛି, ଏହା ହେଉଛି ସମ୍ପୂର୍ଣ୍ଣ ଶାସ୍ତ୍ର । ରାମଙ୍କ ନାମ ମଧ ବେଦ ସଦୃଶ୍ୟ। ରାମଙ୍କ ନାମ ବେଦ ଜୀବନ ପରି। ଶାସ୍ତ୍ର ଓ ବର୍ଣ୍ଣମାଳାର ମଧ ଜୀବନ ଅଛି । ପ୍ରଣବକୁ ବେଦର ଆତ୍ମା ଭାବରେ ବିବେଚନା କରାଯାଏ। ପ୍ରଣବ ତିନୋଟି କାନ୍ଥ 'ଓମ୍ କାର୍ ପୂର୍ବରୁ ଦେଖା ଦେଇଥିଲା । ଥ ତତ୍ ତ୍ରିପଡା ଏଥିରୁ ଗାୟତ୍ରୀ ଓ ଏଥିରୁ ବେଦ୍ରାୟା ହୋଇଗଲା । ଋକ୍, ସାମ୍ୟ ଓ ଯଜୁଃ - ଏହି ତିନୋଟି ମୁଖ୍ୟ ବେଦ ହୋଇଗଲେ ।

ଏହିପରି ଓମ୍ କାର ଅର୍ଥ ଓଁ ଥପ୍ରଣବଧ ହେଉଛି ବେଦମାନଙ୍କର ପ୍ରାଣ ସ୍ୱରୂପ ଜୀବନ ।ରାମ ନାମର ଗୌରବ ଅଛି ।ଜିଭ ସମ୍ବେଦନଶୀଳ, ରାମ ରାମ ଜପ କରି ଏହା ଏତେ ଅଲୌକିକ ହୋଇଯାଏ ଯେ ଏହାର ଇନ୍ଦ୍ରିୟ ଅଙ୍ଗ ଓ ଏହା ବାହାରେ ଭିତରେ ସୃଷ୍ଟିକର୍ତ୍ତା ତଥା ଭିତର କାରଣ, ପ୍ରକୃତି ବାହାରେ ଦିଆଯାଏ । ସେହି ଈଶ୍ୱରୀୟ ଉପାଦାନ ହେଉଛି ଶକ୍ତି । ରାମଙ୍କ ନାମ ମଣିଦୀପ ସଦୃଶ୍ୟ ଉତ୍ସ। । ତେଲ ଦୀପକୁ ମଣିଦୀପ କୁହାଯାଏ, ଏହା ସ୍ୱୟଂଚାଳିତ ଭାବରେ ଆଲୋକିତ ହୁଏ । ମଣିଦୀପ ଥିବା ପ୍ରଦୀପ କଦାପି ଲିଭିବ ନାହିଁ । ଯେପରି କବାଟ ଦୁଆର ବନ୍ଧରେ ଏକ ଦୀପ ଲଗାଇବା ଫଳରେ ଘରର ଭିତର ଓ ବାହାର ଆଲୋକିତ ହୁଏ, ସେହିଭଳି ରାମଙ୍କ ନାମ ଜିଭରେ ରଖିବା ଦ୍ୱାରା ଉଭୟ ଭିତର ଓ ବାହ୍ୟ ଆଚରଣକୁ ଆଲୋକିତ କରେ । ଅର୍ଥାତ୍ ଯଦି ହୃଦୟରେ ଭକ୍ତିରେ ଡାକିବାକୁ ହୁଏ, ତେବେ ରାମଙ୍କ ନାମ ଜପ କରି ମୁକ୍ତି ମିଳି ଯିବ । କହିବାର ଅର୍ଥ ଯେଉଁମାନେ ଅନେକ ଜନ୍ମରୁ ପାପ କରିଛନ୍ତି, ସେମାନେ ରାମଙ୍କ ନାମ ଜପରେ ଉଜ୍ଜ୍ୱଳ ଅଗ୍ନି ସେମାନଙ୍କର ସମସ୍ତ ପାପ କ୍ଷୟ କରିଦିଏ।

ପୁନଶ୍ଚ ରାମଙ୍କ ଉଭୟ ଅକ୍ଷର ମଧୁର ଓ ସୁନ୍ଦର ମନୋହର । ମଧୁରର ଅର୍ଥ ହେଉଛି ସୃଷ୍ଟିରେ ରସ ପାଇବା ଓ ମନୋହର କହିବା ଅର୍ଥ ଏହା ମନକୁ ନିଜ ଆଡକୁ ଆକର୍ଷିତ କରେ। ଅର୍ଥାତ୍ ରାମ ରାମ କହିବା ପାଟିରେ ମଧୁରତା ଭାବ ସୃଷ୍ଟି କରେ । ଉଭୟ ଅକ୍ଷର ହେଉଛି ବର୍ଣ୍ଣମାଳାର ଦୁଇଟି ଆଖି ।



ରାମ ବିନା, ବର୍ଣ୍ଣମାଳା ମଧ ଅନ୍ଧ ଅଟେ । ସେଭଳି ସୂର୍ଯ୍ୟ ଜଗତକୁ ପୋଷଣ କରେ ଓ ଚନ୍ଦ୍ର ଅମୃତଭାଣ୍ଡ ଦେଖାଏ । ରାମଙ୍କ ନାମ ଶୁଭ ଅଟେ, ହୁଏତ ରାହୁ-କେତୁ ସୂର୍ଯ୍ୟ ଓ ଚନ୍ଦ୍ର ଗ୍ରହଣ କରନ୍ତି। କିନ୍ତୁ ରାମଙ୍କ ନାମରେ କେବେବି ଚନ୍ଦ୍ର ଗ୍ରହଣ ହୁଏ ନାହିଁ। ଚନ୍ଦ୍ର ବଢେ ଓ ହ୍ରାସ ପାଏ , କିନ୍ତୁ ରାମ ସର୍ବଦା ବଢିଥାନ୍ତି ।ସେ ସର୍ବଦା ଶୁଦ୍ଧ, ପବିତ୍ର। ତେଣୁ ରାମ ହେଉଛନ୍ତି ଏକ ଶୁଦ୍ଧ ଚନ୍ଦ୍ର ଓଷ୍ମ ଉଜ୍ଜ୍ୱଳ ସୂର୍ଯ୍ୟ ପରି । ରାମ ନାମର ଗୌରବରେ ରାମର ନାମ ଅମୃତଭାଣ୍ଡର ସ୍ୱାଦ ଓ ସନ୍ତୁଷ୍ଟତା ପରି ।ରାମ କହିବା ସମୟରେ 'ରା' ପାଟି ଖୋଲିଥାଏ ଏବଂ 'ମ' କହିବା ସମୟରେ ବନ୍ଦ ହୋଇଯାଏ। ଯେପରି ଖାଦ୍ୟ ଖାଇବା ସମୟରେ ପାଟି ଖୋଲା ଏବଂ ସନ୍ତୁଷ୍ଟ ହେଲେ ପାଟି ବନ୍ଦ ହୋଇଯାଏ । ସେହିଭଳି ରା ଓ ମ ଅମୃତ ଭଳି ସ୍ୱାଦ ଓ ସନ୍ତୁଷ୍ଟ ପରି କାର୍ଯ୍ୟ କରିଥାଏ।

ବାସ୍ତବରେ ଭଗବାନଙ୍କ ନାମରେ ସମୁଦ୍ରରେ ପଥର ଭାସୁଛି, ତେବେ ଜଣେ ବ୍ୟକ୍ତି ରକ୍ଷା ପାଇବା ପାଇଁ ବଡ଼ କଥା କ'ଣ ? ରାମ ହେଉଛନ୍ତି ସେହି ପରମ ପୁରୁଷୋତ୍ତମ ତାଙ୍କର ଭକ୍ତମାନଙ୍କୁ ଧରିଥାଆନ୍ତି । ରାମଙ୍କ ନାମ ଅନ୍ୟାନ୍ୟ ଉତ୍ସରୁ ମୁକ୍ତି, ସର୍ବଶକ୍ତିମାନ ପରମ ବ୍ରହ୍ମ ନିଜେ...' ଆପଦାମପହର୍ତାରଂ ଦାତାରଂ ସ୍ୱର୍ବସଂପଦାମ୍ । ଲୋକାଭିରାମଂ ଶ୍ରୀରାମଂ ଭୂୟୋଭୂୟୋ ନମାମ୍ୟହମ୍ ? ରାମାୟ ରାମଭଦ୍ରାୟ ରାମଚଂଦ୍ରାୟ ବେଧସେ । ରଘୁନାଥାୟ ନାଥାୟ ସୀତାୟାଃ ପତୟେ ନମଃ...

♥ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪ ୭୫

# ସେବାଧର୍ମ ଓ ନ୍ୟାୟର ପ୍ରତୀଭୂ : ଶ୍ରୀ ହନୁମାନ

## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ରାମାୟଣ ଗ୍ରନ୍ଥରେ ଯେତେସବୁ ବିଶିଷ୍ଟ ଚରିତ୍ର ରହିଛି, ତନ୍ମଧ୍ୟରୁ ନାୟକ ପ୍ରଭୁ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ ଛାଡ଼ିଦେଲେ ସୀତା ଦେବୀ ଓ ଭାଇ ଲକ୍ଷ୍ମଣଙ୍କ ଚରିତ୍ର ପରେ ପରେ ବୋଧେ ଋଷି ବାଲ୍ମିକୀ ହନୁମାନ ନାମଧେୟ ଏକ ମର୍କଟକୁ ଆଗକୁ ନେଇ ଆସିଛନ୍ତି ।ଅନ୍ୟ ଭାବରେ ଏହି ପୌରାଣିକ ଗ୍ରନ୍ଥରେ ବର୍ଣ୍ଣିତ ସାତଗୋଟି କାଣ୍ଡ ଯଥା ଆଦି (ବାଳ) କାଣ୍ଡ, ଅଯୋଧ୍ୟା, ଅରଣ୍ୟ, କିସ୍କିନ୍ଧ୍ୟା, ସୁନ୍ଦରା, ଯୁଦ୍ଧ (ଲଙ୍କା) ଓ ଉତ୍ତରାକାଣ୍ଡାଦିରେ ଚରିତ୍ରମାନଙ୍କରେ ଅତିଟା ପ୍ରଭାବଶାଳୀ ରାବଣ, ପତ୍ନୀ ସୀତା, ଭ୍ରାତା ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ବିଭୀଷଣ ଆଦିଙ୍କ ଭୂମିକାକୁ ଅନୁଭବ ହୁଏ ରାମ ଭକ୍ତ ବୀର ହନୁମାନଙ୍କ ଭୂମିକାକୁ ବିଶ୍ଳେଷଣ କଲେ ।

ଅଯୋଧ୍ୟାପତି ଶ୍ରୀରାମଚନ୍ଦ୍ରଙ୍କ ଭକ୍ତ କପିବୀର ହନୁମାନ। ପବନ ଦେବତାଙ୍କ ଔରସରେ ଅଞ୍ଜନାଙ୍କ ଗର୍ଭରୁ ଏହାଙ୍କର ଜନ୍ମ। ହନୁମାନ ସୁଗ୍ରୀବଙ୍କ ଭଣଜା। ଏ ପ୍ରଥମେ ବାନରରାଜ ବାଳିଙ୍କ ସେନାପତି ଥିଲେ । ପରବର୍ତ୍ତୀ ସମୟରେ ବାଳିଙ୍କ ରାଜ୍ୟରୁ ବିତାଡ଼ିତ ହୋଇ ମାମୁଁ ସୁଗ୍ରୀବଙ୍କ ପାରିଷଦ ହୋଇଥିଲେ । ରାମଙ୍କ ବନବାସ କାଳରେ ପତ୍ନୀ ସୀତାଙ୍କୁ ଲଙ୍କାର ରାବଣ ହରଣ କରି ନେଇଯାଇଥିଲା । ଦୁଃଖାଭିଭୂତ ଶ୍ରୀରାମ ଓ ଲକ୍ଷ୍ମଣ ସୀତାଙ୍କୁ ବଣ ମଧ୍ୟରେ ଖୋଜିବା କାଳରେ ସୁଗ୍ରୀବଙ୍କ ସହ ମିତ୍ରତା ସୂତ୍ରରେ ଆବଦ୍ଧ ହେଲେ ।ଏ ବେଳରେ ରାମଚନ୍ଦ୍ରଙ୍କର ହନୁମାନଙ୍କ ସହ ସାକ୍ଷାତ ହେଲା। ସୀତା ଠାବ କରିବା ପାଇଁ ଲଙ୍କାପୁରକୁ ଗମନ କଲେ । ଲଙ୍କାପୁରର ଅଶୋକ ବନରେ ସୀତାମା'ଙ୍କୁ ଠାବ କରି ଶ୍ରୀରାମଙ୍କଠାରେ ବାର୍ତ୍ତା ଦେଲେ ।ପରବର୍ତ୍ତୀ କାଳରେ ଲଙ୍କାରେ ରାମ-ରାବଣ ଯୁଦ୍ଧ ହେଲା । ରାମଚନ୍ଦ୍ର ବାନର ସୈନ୍ୟଙ୍କ ସହ ମିଳିତ ଭାବରେ ରାବଣ ସହ ଯୁଦ୍ଧ କରି ରାବଣକୁ ବଧ କଲେ ଓ ପତ୍ନୀ ସୀତାଙ୍କୁ ମୁକୁଳାଇ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ରାମରାଜ୍ୟର ପ୍ରତିଷ୍ଠା କରିଥିଲେ । ଏ ଥିଲା ସଂକ୍ଷିପ୍ତରେ ରାମାୟଣର କଥାବସ୍ତୁ, ଯେଉଁଥିରେ ପ୍ରତିଟି ପଂକ୍ତିରେ ରାମଙ୍କ ପାଖେ ପାଖେ ଏହି ପବନ ସୁତ ବୀର ହନୁମାନଙ୍କୁ ଦେଖିବାକୁ ମିଳେ। ଯେଉଁଠି ରାମଙ୍କୁ ପୂଜା ଦିଆଯାଏ, ସେଇଠି ଦେଖାଯାଏ ରାମଙ୍କ ଅଦ୍ୱିତୀୟ ଭକ୍ତ ଭାବରେ ହନୁମାନଙ୍କୁ ମଧ ପୂଜା କରାଯାଏ । ରାମାୟଣର ଏକ ପବିତ୍ର ଚରିତ୍ର ଭାବରେ ରାମ, ଲକ୍ଷ୍ମଣ, ସୀତାଙ୍କ ସହିତ ଚତୁର୍ଥ ଚରିତ୍ର ଭାବରେ ରାମଭକ୍ତ ହନୁମାନଙ୍କୁ ଏକତ୍ର ନିଆଯାଇଥାଏ । ଏ' ବାନର ବୀର କେବେ ସିଂହାସନ ଅଳଙ୍କୃତ କରି କେଉଁଠି ହେଲେ ଆଳଟ ଚାମରାଦି ସେବାରେ କିମ୍ବା ଭୋଗ ବିଳାସାଦି ଉପସର୍ଗରେ ମଣ୍ଡିତ ହେବାର ଦେଖାଯାଏ ନାହିଁ । ବରଂ ଗଦାହସ୍ତରେ ଜଣେ ଦୂତ ତଥା ଭୃତ୍ୟ ଭାବରେ ନିଜକୁ ସଦା ଉପସ୍ଥିତ ରହିଥାନ୍ତି, ପ୍ରଭୁ ଶ୍ରୀରାମଚନ୍ଦ୍ର ଭଗବାନଙ୍କ ସେବା କରିବା ପାଇଁ । ତାଙ୍କର ସାରା ଜୀବନ ଧରି ସେବାରେ କେଉଁଠି ହେଲେ କୃପଣତା ନାହିଁ କି ଶଠତା କି କିଞ୍ଚିତ ବି ସ୍ୱାର୍ଥପରତା କେବେ ବି ଦେଖିବାକୁ ମିଳେ ନାହିଁ ।ସେବା ତାଙ୍କର ଧର୍ମ । ନ୍ୟାୟ ବିଚାରର ସମର୍ଥନକୁ ନେଇ ତାଙ୍କର ରାଷ୍ଟ୍ରପ୍ରାଣ ସଦା ଅଭିମନ୍ତ୍ରିତ ।ଏହି ଦିବ୍ୟ ଚେତନା ଧାରିତ ବାନର କର୍ମତତ୍ପର ଜୀବଟି କିଭଳି ଭାବରେ ଧର୍ମ ରକ୍ଷା ପାଇଁ ସଦା ନିଜକୁ ଉତ୍ସର୍ଗ କରି ରଖିପାରିଲେ ତା' ଦେଖି ତାଙ୍କରି ଏ' ଲୋଭ, କାମ, କ୍ରୋଧ ପ୍ରବଣତା ଶୂନ୍ୟ ଗୁଣାବଳୀକୁ ସଭିଏଁ ସର୍ବଦା ସ୍ମରଣରେ ଆଣି ନିଜ ନିଜକୁ କିଛି ମାତ୍ରାରେ ମାର୍ଜିତ କରାଇ ନେବା ହିଁ ହେଉଛି ପ୍ରକୃତ ଆଦର୍ଶ, ପ୍ରକୃତ କର୍ମ । ସେ' ଥିଲେ ଚିରଞ୍ଜୀବି, ତାଙ୍କର ମୃତ୍ୟୁ ନଥିଲା । ମୃତ୍ୟୁ ବା କିଭଳି ସାହାସ କରିବ ତାଙ୍କ ସତ୍‌କର୍ମନିଷ୍ଠ ଜୀବନକୁ ସ୍ୱର୍ଶ କରିବାକୁ.... । ସେ ପର ସତ୍ୟାଶ୍ରୟୀ । ପୁରାଣରେ ବର୍ଣ୍ଣନା ରହିଛି ସପ୍ତ ଚିରଞ୍ଜୀବୀଙ୍କର ଯଥା:

"ଅଶ୍ୱଥାମା- ବଳି ବ୍ୟାସ- ହନୁମାନ ବିଭୀଷଣଃ କୃପା ପରଶୁ
ରାମଶ୍ଚ ସପ୍ତେତ ଚିରଂଜୀବୀନଃ ।''

ପୁଞ୍ଜିକାସ୍ଥଳା ନାମରେ ଜଣେ ଅପସର ଥିଲେ। ସେ" ଶାପଗସ୍ଥା ହୋଇ ମର୍ତ୍ତରେ ଏକ ବାନରୀ ରୂପରେ ଜନ୍ମ ନେଲେ । ଥରେ ସେ ମନୁଷ୍ୟ ରୂପରେ ସୁଦିବ୍ୟ ବସ୍ତ୍ରାଳଙ୍କାରରେ ଭୂଷିତା ହୋଇ ପର୍ବତ ଶିର୍ଷରେ ବିଚରଣ କରୁଥିଲା ବେଳେ ପବନ ଦେବ ତାଙ୍କୁ ସ୍ୱର୍ଶ କଲେ । ଏଥିରେ ଉତ୍ୟକ୍ତ ହୋଇ ପୁଞ୍ଜିକାସ୍ଥଳା ପ୍ରଶ୍ନ କଲେ ' କିଏ ତୁମେ ମୋ' ପବିତ୍ରତାକୁ ସ୍ୱର୍ଶ କରିବାକୁ ସାହସ କରି ସର୍ବନାଶକୁ ଆମନ୍ତ୍ରଣ କରୁଛି । ଏଥିରେ ପ୍ରଭାବିତ ହୋଇ ବାୟୁଦେବ କହିଲେ, ହେ ଦେବୀ ! ଏହି ଅନନ୍ତକୋଟି ବ୍ରହ୍ମାଣ୍ଡର ପତି ପ୍ରଭୁ ଶ୍ରୀରାମ ମାନବ ଅବତାର ନେଇ ରାବଣ ଆଦି ଅସୁରଗଣଙ୍କର ବିନାଶ କରିବେ ।ହେ' ଦେବୀ ! ତାଙ୍କରି ସେବା ପାଇଁ ତୁମରି ଗର୍ଭରୁ ପୁତ୍ର ରୂପେ ଜନ୍ମ ନେବାକୁ ଚାହେଁ । ଏଥିରେ ଆପଣଙ୍କ ସ୍ୱୀକୃତି ଚାହୁଁଛି । ଏ' ହେଉଛନ୍ତି ସେହି ଅଞ୍ଜନା, ଯିଏ ପରବର୍ତ୍ତୀ ସମୟରେ ବୀର ହନୁମାନଙ୍କୁ ଜନ୍ମ ଦେଇଥିଲେ ।ଅନ୍ୟ ଏକ ପୌରାଣିକ ଆଖ୍ୟାନରେ ଉଲ୍ଲେଖ ଅଛି ଯେ, ବାନର ରାଜ କେଶରୀ ଓ ତାଙ୍କ ପତ୍ନୀ ଅଞ୍ଜନ ଦିହେଁ ପବନ ଦେବତାଙ୍କୁ ପୁତ୍ର ରୂପେ ପ୍ରାପ୍ତ କରିବା ପାଇଁ ତପସ୍ୟା କରିଥିଲେ । ଏଥିରେ ବାୟୁ ଦେବ ସନ୍ତୁଷ୍ଟ ହୋଇ ତାଙ୍କୁ ତାଙ୍କରି ଅଭିଷ୍ଟ ଫଳ ପ୍ରଦାନ କଲେ ।ହନୁମାନଙ୍କ ଜନ୍ମ ହେଲା। ଏଣୁ ହନୁମାନଙ୍କୁ କୁହାଯାଏ ଏ' ହେଉଛନ୍ତି ବାୟୁ ଦେବତାଙ୍କ ଅନ୍ୟ ଏକ ଅବତାର ତଥା 'ପବନ ସୁତ ହନୁମାନ। ବ୍ରହ୍ମାଣ୍ଡ ପୁରାଣରେ ଅଞ୍ଜନା ଓ କେଶରୀଙ୍କ ପାଞ୍ଚଟି ପୁତ୍ର ସନ୍ତାନ ଥିଲେ। ସେମାନଙ୍କ ମଧ୍ୟରୁ ଜ୍ୟେଷ୍ଠ ଥିଲେ ହନୁମାନ ଓ ଅନ୍ୟମାନେ ହେଲେ ମତିମାନ, ଶ୍ରୁତିମାନ, କେତୁମାନ ଓ ଧୃତିମାନ। ଏହି ଚାରି ଜଣ ଥିଲେ ହନୁମାନଙ୍କ ଭାଇ। ଏମାନଙ୍କ ସହ ଦ୍ୱିତୀୟ ପାଣ୍ଡବ ଭୀମ ମଧ ପବନ ପୁତ୍ର । ଏଣୁ ସେ' ବି ବୀର ହନୁମାନଙ୍କର ଅନ୍ୟ ଏକ ଭାଇ ଥିଲେ । ସ୍କନ୍ଦ ପୁରାଣରୁ ହନୁମାନଙ୍କ ବିଷୟରେ ଜାଣିବାକୁ ମିଳେ ଯେ, ପୁତ୍ର ସୁଖରୁ ବଞ୍ଚିତ କେଶରୀଙ୍କ ପତ୍ନୀ ଅଞ୍ଜନା ମାତଙ୍ଗ ଋଷିଙ୍କ ଠାରେ ନିଜ ଦୁଃଖ ପ୍ରକାଶ କଲେ । ଋଷି ମାତଙ୍ଗ ପୁତ୍ର ସନ୍ତାନ ପ୍ରାପ୍ତ କରିବା ପାଇଁ ଅଞ୍ଜନାଙ୍କୁ କହିଲେ ଯେ ପମ୍ପା ସରୋବରର ପୂର୍ବ ଦିଗରେ ପଚାଶ ଯୋଜନ ଦୂରରେ ରହିଛି ନରସିଂହଙ୍କ ଆଶ୍ରମ । ଏହାର ଦକ୍ଷିଣରେ ଅଛି ନାରାୟଣଗିରି ଓ ଏହି ପର୍ବତର ଉପରିଭାଗରେ ରହିଛି ତୀର୍ଥ 'ସ୍ୱାମୀ ତୀର୍ଥ'। ଏଠାରୁ ପ୍ରାୟ ଏକ କୋଶ ଦୂର ଉତ୍ତରରେ ରହିଛି ଆକାଶ ଗଙ୍ଗାତୀର୍ଥ । ସେଠାରେ ଥିବା ସ୍ୱାମୀ ପୁଷ୍କରିଣୀରେ ସ୍ନାନ କରି ଦ୍ୱାଦଶ ବର୍ଷ କାଳ ତପସ୍ୟା କଲେ ଗୁଣବାନ ପୁତ୍ର ପ୍ରାପ୍ତ ହେବ । ମାତଙ୍ଗ ଋଷିଙ୍କ ପରାମର୍ଶ ପାଇ ପୁତ୍ର ପ୍ରାପ୍ତ ଆଶାରେ ଏହି ତୀର୍ଥରେ ସ୍ନାନାଦି ସାରି ଦ୍ୱାଦଶ ବର୍ଷ କାଳ ନିବିଷ୍ଟ ତପସ୍ୟାରେ ଧ୍ୟାନସ୍ଥ ହେଲେ। ତାଙ୍କରି ତପସ୍ୟାରେ ସନ୍ତୁଷ୍ଟ ହୋଇ ବାୟୁ ଦେବତା ଅଞ୍ଜନାଙ୍କୁ ବର ଯାଚନା କଲେ ଓ ଏ ଭଳି ଭାବେ ଜନ୍ମ ନେଲେ ବୀର ହନୁମାନ, ଯାହାଙ୍କ ନାମ ରହିଲା ଆଞ୍ଜନେୟ। ହନୁମାନଙ୍କୁ ରୁଦ୍ରାବତାର ମଧ କୁହାଯାଏ। ଯାହାର ଅର୍ଥ ହେଉଛି ସେ' ରୁଦ୍ରଙ୍କ ସନ୍ତାନ ମଧ । ଏ' ବିଷୟରେ ପୁରାଣରେ ଉଲ୍ଲେଖ ମିଳେ ଯେ, ଏକଦା ବ୍ରହ୍ମାଙ୍କ ଦରବାରରେ ଥିବା ଜଣେ ସୁନ୍ଦରୀ ଅପସରା ଋଷିଙ୍କୁ ଅବଜ୍ଞା କରିବାରୁ ଋଷିଙ୍କ ଅଭିବ୍ୟାପରେ ଏକ ବାନରୀ ରୂପରେ ମଞ୍ଚରେ ଅବତରଣ କଲା। ବାନରୀ ରୂପ ଅଞ୍ଜନା ନାମରେ ମର୍ତ୍ତ୍ୟରେ ବିଚରଣ କଲା କାଳରେ ବାନର ରାଜ କେଶରୀଙ୍କ ସହ ସାକ୍ଷାତ ହେଲା ଓ ଉଭୟେ ପରସ୍ପରକୁ ଭଲ ପାଇ ବିବାହ କଲେ । ଅଞ୍ଜନା ଏହି ବାନରୀ ରୂପରୁ ମୁକ୍ତି ଓ ଶିବଙ୍କୁ ପୁତ୍ର ରୂପେ ପ୍ରାପ୍ତ କରିବାର ଅଭିଳାଷ ନେଇ କଠୋର ତପସ୍ୟାରେ ନିମଗ୍ନ ରହିଲେ। ଏହି ସମୟରେ ଅଯୋଧ୍ୟାର ରାଜା ଦଶରଥ ପୁତ୍ର ପ୍ରାପ୍ତି ଆଶାରେ ପୁତ୍ରେଷ୍ଟି ଯଜ୍ଞ କରୁଥିଲେ । ଯଜ୍ଞ ସମାପାନାନ୍ତେ ଯଜ୍ଞ ଚରୁ ରାଣୀ କୌଶଲ୍ୟାଙ୍କ ନିକଟକୁ ପଠାଇଲେ । ଚରୁ ନେବା ବେଳେ ଆକାଶରେ ଏକ ଚିଲ ସେହି ଚରୁରୁ କିଛି ଅଂଶ ନିଜ ଥଣ୍ଟରେ ଖୁମ୍ପିନେଇ ପୁଣି ଆକାଶକୁ ଉଡ଼ିଗଲା ଓ ଅଞ୍ଜନା ତପସ୍ୟା କରିବା ଆକାଶରେ ଉଡୁଥିବା ବେଳେ ଶିବ ଆଜ୍ଞାରେ ସେହି ଯଜ୍ଞ ଚରୁ ଭୂ-ପତିତ ହେଲା ଓ ଉକ୍ତ ଚରୁକୁ ବାୟୁଦେବ ନିଗୁଢ଼ ତପରେ ଧ୍ୟାନସ୍ଥ ଥିବା ଅଞ୍ଜନାଙ୍କ ହାତରେ ସମର୍ପି ଦେଲେ। ଶିବ ମନସ୍କ ଅଞ୍ଜନା ସେହି ଚରୁକୁ ଶିବ ପ୍ରସାଦ ଭାବି ଭକ୍ତିପୂତ ହୃଦୟରେ ସେବନ କଲେ। ଚରୁ ଭକ୍ଷଣ ପରେ ଅଞ୍ଜନା ହେଲେ ଗର୍ଭବତୀ। ସେହି ଗର୍ଭରୁ ଜନ୍ମ ନେଲେ ରୁଦ୍ରାବତାର ଏହି ରାମଭକ୍ତ ହନୁମାନ।



ହନୁମାନ ନାମ ସଂସ୍କୃତ 'ହନୁମତ୍'ରୁ ଆସିଛି। ହନୁ ଯୁକ୍ତ ମତୁପ୍ ହେଲେ ହନୁମତ୍ ଶବ୍ଦର ସୃଷ୍ଟି ହୁଏ । ଯାହାର ଅର୍ଥ ହେଉଛି ବିଲକ୍ଷଣଗତ ହନୁ ତଥା ବଢ଼ିଯାଇଥିବା ଅବା ଆଗକୁ ଫୁଲି ଆସିଥିବା ମୁହଁର ହନୁହାଡ଼। ଏ' ସମ୍ପର୍କରେ ପୁରାଣରେ ଉଲ୍ଲେଖ ଅଛି ଯେ, ଅଞ୍ଜନା ସୂତ୍ର ହନୁ ଜନ୍ମ ବେଳରୁ ହିଁ ଅତିବ ଶକ୍ତିଶାଳୀ ଥିଲେ । ଜନ୍ମ ପରେ ପରେ ଦେଖିଲେ ପୂର୍ବ ଆକାଶରେ ଉଦୟକାଳୀନ ସୂର୍ଯ୍ୟ ଲାଲ୍ ଟକ୍ ଟକ୍ ଏକ ଫଳ ସଦୃଶ୍ୟ ବିଦିତ ହେବା ଦେଖି ସଦ୍ୟ ଜନ୍ମିତ ହନୁମାନ ତାକୁ ଖାଇବାକୁ ଉଦ୍ୟତ ହେଲେ । ବହୁ ଚେଷ୍ଟା ସତ୍ତ୍ୱେ ହନୁମାନଙ୍କୁ ସେଥିରୁ ବିରତ କରି ହେଲା ନାହିଁ । ଶେଷରେ ଦେବରାଜ ଇନ୍ଦ୍ର ବାଲ୍ୟ ହନୁମାନଙ୍କ ଉପରେ ବଜ୍ରାଘାତ ପ୍ରୟୋଗ କଲେ। ଏହା ଫଳରେ ହନୁମାନଙ୍କ ହନୁହାଡ଼ ମୁଖ ଫୁଲିଗଲା ଓ ବିଲକ୍ଷଣ ଦେଖାଗଲା । ସେ' ଦିନରୁ ତାଙ୍କରି ନାମ ରହିଲା " ହନୁମାନ' । ବାଲ୍ମୀକି ରାମାୟଣରେ ହନୁମାନଙ୍କ ସମ୍ପର୍କରେ ସୁଦୃଶ୍ୟ ବର୍ଣ୍ଣନା ରହିଛି । ସେ ଥିଲେ ଆଜନ୍ମ ବ୍ରହ୍ମଚାରୀ ।ତେଜ ଓ ବଳରେ ସେ ଥିଲେ ଅମାପ ବଳଶାଳୀ । ଏମିତିକି ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଯୁକ୍ତ ବଳଠାରୁ ବି ଅଧିକ ।ଗରୁଡ଼ଙ୍କ ଦୁଇ ଡେଣାରେ ଯେଉଁ ଶକ୍ତି ରହିଛି ହନୁମାନଙ୍କ କୁଳର ଶକ୍ତି ସେହିଭଳି ।ବଳ ଓ ରାବଣଙ୍କ ଅତୁଳ ବଳଠାରୁ ବି ହନୁମାନ ଆହୁରି ବଳଶାଳୀ ଥିବା କଥା ପ୍ରଭୁ ଶ୍ରୀରାମ ଅଗସ୍ତିମୁନିଙ୍କୁ କହିଥିଲେ । ହନୁମାନ ଥିଲେ ଦାସ୍ୟ ଭକ୍ତି ଭାବର ଏକ ଅନନ୍ୟ ଉଦାହରଣ ।

♥ ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି
ମୋ:୯୩୩୭୯୬୦୬୮୮

## ଆଙ୍କୋ ସାର୍ବଜନୀନ ଚନ୍ଦନ ଉତ୍ସବ ଉଦ୍‌ଯାପିତ

ବସ୍ତା , ୦୨/୫ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ଆଙ୍କ ପଦ୍ମକିସୋର ମନ୍ଦିର ପ୍ରାଙ୍ଗଣ ରେ ୫ ଦିନ ଧରି ଚାଲୁ ରହିଥିବା ସାର୍ବଜନୀନ ଚନ୍ଦନ ଉତ୍ସବ ଉଦଯାପିତ ହୋଇଯାଇଛି । ଚନ୍ଦନ କମିଟି ର କର୍ମକର୍ତ୍ତା ଓ ଗ୍ରାମବାସୀ ଙ୍କ ମିଳିତ ଉଦ୍‌ଯମ ରେ ପ୍ରତିବର୍ଷ ଏଠାରେ ଚନ୍ଦନ ଉତ୍ସବ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ପୂର୍ଣ୍ଣମୀ ସଂଧ୍ୟା ରେ ରାଧାକଷ୍ଣ ଙ୍କ ନାବକେଳି ଏବଂ ଆତସବାଜି କାର୍ଯ୍ଯକ୍ରମ କୁ ଉପଭୋଗ କରିବା ପାଂଇ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା । ଆଙ୍କୋ ପଡିଆ ରେ ବିଭିନ୍ନ ପ୍ରକାରର ଦୋକାନ ବସି ଥିବା ବେଳେ ଲୋକ ମାନେ ବେଶ ର ସହକାରେ ଉପୋଭାଗ କରିଥିଲେ। ପ୍ରତ୍ଯେକ ଦିନ ସଂଧ୍ଯା ରେ ଚନ୍ଦନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ଯକ୍ରମ ଅନୁଷ୍ଠିତ ହୋଇଥିଲା, ତା ମଧ୍ୟରେ ଯାତ୍ରା, ଭଜନ ସନ୍ଧ୍ୟା, ପାଇକ ଆଖଡ଼ା, ସମ୍ବଲପୁର ଆସିଥିବା ଧୂମାସା ବାଜା ର ମଜା କିଛି ନିଆରା ଥିଲା । କାର୍ଯ୍ଯକ୍ରମ କୁ ଚନ୍ଦନ ଉତ୍ସବ ଜୟକୃଷ୍ଣ ବେହେରା, ଡ. ତପନ କୁମାର ବେହେରା, ମାୟାଧର ବେହେରା, ଅମୂଲ୍ୟ ବେହେରା, ଗଜେନ୍ଦ୍ର ପଣ୍ଡା, ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା ଙ୍କ ସହ ସମସ୍ତ ଗ୍ରାମବାସୀ ଓ ଅଞ୍ଚଳ ବାସୀ ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

# ବିଶ୍ୱ ଶ୍ରମିକ ଦିବସ ସମାବେଶ: ଶ୍ରମକୋଡ଼୍‌କୁ ବିରୋଧ କରି ଶ୍ରମିକ ଶ୍ରେଣୀର ମିଳିତ ସଂଗ୍ରାମ ପାଇଁ ଆହ୍ୱାନ



ବାଲେଶ୍ୱର, ୦୨/୫ (ନି.ପ୍ର): ବିଶ୍ୱ ଶ୍ରମିକ ଦିବସ ମଇ ପହିଲା ଦିନ ଟିୟୁଏସିସି (ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ କୋର୍ଡ଼ିନେସନ୍ କମିଟି) ଓ ମଇଦିବସ କମିଟି-୨୦୨୬ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହ ମହାସମାରୋହରେ ପାଳିତ ହୋଇଛି। ମଇ ପହିଲା ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ଏପ୍ରିଲ୍ ୩୦ ତାରିଖ ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମଇ ପହିଲା ଶ୍ରମିକ ଦିବସର ଲାଲ୍ ପତାକାକୁ ବିଚାରଗଞ୍ଜ ଛକ ପାର୍ଶ୍ୱରେ ଉତ୍ତୋଳନ କରାଯାଇଥିଲା। ଶ୍ରମିକ ନେତାମାନେ ସହର ଓ ସହର ସଂଲଗ୍ନ ଶିଳ୍ପାଞ୍ଚଳରେ ବିଭିନ୍ନ ଶ୍ରମିକ ସଂଗଠନର କାର୍ଯ୍ୟାଳୟ ଏବଂ ଶିଳ୍ପ ପ୍ରତିଷ୍ଠାନମାନଙ୍କ ସମ୍ମୁଖରେ ମଇଦିବସର ଲାଲ୍ ପତାକା ଉତ୍ତୋଳନ କରିଥିଲେ। ମଇ ପହିଲା ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ଟିୟୁଏସିସିର ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଉପାଧ୍ୟକ୍ଷ ଶାନ୍ତନୁ ଦାସ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିରୁ ଭାଗବତ ପ୍ରତିହାରୀ, ସିଆଇଟିୟୁରୁ ଶିଶିର ହୁଇ, ଏଆଇୟୁଟିୟୁସିରୁ ଉମାକାନ୍ତ ଦାସ, ଆଇଏନ୍‌ଟିୟୁସିରୁ ଜୀବନକୃଷ୍ଣ ବାରିକ, ବ୍ୟାଙ୍କ୍ କର୍ମଚାରୀ ନେତା ସୁଦର୍ଶନ ଜେନା, ପ୍ରତିରକ୍ଷା କର୍ମଚାରୀ ନେତା ତଥା ମଇଦିବସ କମିଟିର ସଂପାଦକ ଜଗଦୀଶ ବାରିକ ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି ଶ୍ରମକୋଡ୍ ପ୍ରଚଳନକୁ ଓ ଆଠଘଣ୍ଟା କାର୍ଯ୍ୟଦିବସର ସମୟ ୧୦ ଘଣ୍ଟା ବୃଦ୍ଧିକୁ ଦୃଢ଼ ବିରୋଧ କରିଥିଲେ। କର୍ପୋରେଟ୍ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ବିଜେପି ସରକାର ଶ୍ରମିକମାନଙ୍କର ଦୀର୍ଘବର୍ଷର ଆଇନକୁ ସଂଶୋଧନ କରି ଶ୍ରମଜୀବୀ ଜନଗଣଙ୍କୁ ଗୋତିଶ୍ରମିକରେ ପରିଣତ କରିବାକୁ ଉଦ୍ୟତ୍ କରୁଛନ୍ତି। ସମଗ୍ର ଦେଶରେ ଏହି ଶ୍ରମକୋଡ଼୍‌କୁ ବିରୋଧ କରି ଶ୍ରମିକମାନେ ମିଳିତ ଆନ୍ଦୋଳନ କରୁଛନ୍ତି। ତେଣୁ ଆଗାମୀ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ମଇ ପହିଲା ଅପରାହ୍ନରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଶହଶହ ଶ୍ରମିକ କର୍ମଚାରୀ ସହର ପରିକ୍ରମା କରି ସମାବେଶ ସ୍ଥଳରେ ପହଞ୍ଚିବା ପରେ ଟିୟୁଏସିସିର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଶୋଭାଯାତ୍ରାକାରୀଙ୍କୁ ଅଭିନନ୍ଦନ ଜଣାଇ ଗତ ୧୯୭୫ ମସିହାରୁ ବାଲେଶ୍ୱରରେ ଶ୍ରମିକ ଶ୍ରେଣୀର ଗୌରମମୟ ସଂଗ୍ରାମ ଇତିହାସ ସଂପର୍କରେ ସୂଚନା ଦେଇଥିଲେ। ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶୋଭାଯାତ୍ରା ପରିଚାଳନାରେ ଶ୍ରମିକନେତା ପ୍ରେମରଞ୍ଜନ ପାତ୍ର, ଜତିନ୍ ପାତ୍ର, ଈଷାଣୀ ଷଡ଼ଙ୍ଗୀ, ଶ୍ୟାମ ଜେନା, ବନ୍ଦନା ପାତ୍ର, ଶରତ ଚନ୍ଦ୍ର ଦଳାଇ, ହରେକୃଷ୍ଣ ଚାନ୍ଦ, ରବୀନ୍ଦ୍ର ବେରା, ପ୍ରଦୀପ ବେହେରା, ଦେବବ୍ରତ ଜେନା, ଦିବାକର ପଣ୍ଡା, ରାଜକିଶୋର ଲେଙ୍କା, ବିଜୟ ପାତ୍ର, ଅରୁଣ ମିଶ୍ର, ନିରାକାର ପାଣ୍ଡବ ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସନ୍ତୋଷ ସିଂ ସାଲୁଜା କଂଗ୍ରେସର ସଂଗଠନ ପ୍ରଭାରୀ ନିଯୁକ୍ତ

ଭୁବନେଶ୍ୱର, ୦୨/୫ (ନି.ପ୍ର): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ଶ୍ରୀ ସନ୍ତୋଷ ସିଂ ସାଲୁଜା ପ୍ରଦେଶ କଂଗ୍ରେସ କମିଟିର ସଂଗଠନ ପ୍ରଭାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଶନିବାର ଦିନ ରାଜ୍ୟ କଂଗ୍ରେସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶ୍ରୀ ସାଲୁଜା ବର୍ତ୍ତମାନ ରାଜ୍ୟ କଂଗ୍ରେସର ଉପ ସଭାପତି ଦାୟିତ୍ୱରେ ଅଛନ୍ତି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ବିଶ୍ୱାଳଙ୍କ ସମ୍ବର୍ଦ୍ଧନା ସଭା



ବାସୁଦେବପୁର, ୦୨/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ପଞ୍ଚାୟତ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ତାଙ୍କ ପାଇଁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ରାଜଘରପୋଖରୀ ପଞ୍ଚାୟତ ସରପଞ୍ଚ ଅରୁଣ କୁମାର ମହାନ୍ତି,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖଗେଶ୍ୱର ପାଢ଼ୀ, ଶିକ୍ଷାବିତ କମଳାକାନ୍ତ ନାୟକ, ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସେଠି, ଭି ଏସ ଏସ ହାଇସ୍କୁଲର ସହକାରୀ ଶିକ୍ଷକ ତ୍ରିନାଥ ପ୍ରଧାନ, ମହାବୀର ହାଇସ୍କୁଲର ଶିକ୍ଷକ ଶଶାଙ୍କ ଶେଖର ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ବିଭୂତି ଭୂଷଣ ବେହେରା, ସମ୍ପାଦକ ଉଗ୍ରସେନ ବେହେରା,ସମାଜସେବୀ ସୂର୍ଯ୍ୟକାନ୍ତ ମଲ୍ଲିକ, ଶିକ୍ଷକ ଉମାକାନ୍ତ ବଳ, ଶିକ୍ଷୟତ୍ରୀ ମଧୁସ୍ମିତା ପଣ୍ଡା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଦାୟୀ ପ୍ରଧାନ ଶିକ୍ଷକ ଘନଶ୍ୟାମ ବିଶ୍ୱାଳଙ୍କ ଶିକ୍ଷକ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ବିଶ୍ୱାଳ ନିଜର ଦୀର୍ଘ ବର୍ଷର ଶିକ୍ଷକ ଜୀବନର ବିଭିନ୍ନ ସ୍ମୃତି ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସେଠି ସଭାପତିତ୍ୱ କରିଥିଲେ। ଶିକ୍ଷକ ଉମାକାନ୍ତ ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ସ୍ମୃତି ରଞ୍ଜନ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ, ଗ୍ରାମବାସୀ ଜନ ସାଧାରଣ ଯୋଗ ଦେଇଥିଲେ। ଶେଷରେ ପୁରାତନ ଛାତ୍ର ଛାତ୍ରୀ ମାନେ ଘନଶ୍ୟାମ ସାର୍ ଙ୍କୁ ବାଦ୍ୟ ବଜାଇ ପ୍ରଣାମ କରି ଉପଯୁକ୍ତ ସମ୍ମାନର ସହିତ ଗୁରୁ ଶିଷ୍ୟ ପରମ୍ପରା ଅନୁସାରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ବିଦ୍ୟାଳୟରୁ ନେଇ ବାସ ଭବନ ପର୍ଯ୍ୟନ୍ତ ପହଞ୍ଚାଇ ଥିଲେ।

# ସାମ୍ବାଦିକଙ୍କ ଦାବି ପୂରଣ ପାଇଁ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ଧାରଣା



ବାଲେଶ୍ୱର, ୦୨/୫ (ନି.ପ୍ର): ରାଜ୍ୟର ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ର ସମାଧାନ ଓ ନ୍ୟାୟୋ ଚିତ ଦାବିପୂରଣ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ ଉତ୍ତରଦାୟୀ ହେବା ସହିତ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟକରୁଛି। ଦାବୀ ହାସଲ ପର୍ଯ୍ୟନ୍ତ ଏହି କାର୍ଯ୍ୟ ସବୁବେଳେ ଚାଲିଥିବ ବୋଲି ବହୁ ବରିଷ୍ଠ ସାମ୍ବାଦିକ ମତ ବ୍ୟକ୍ତ କରିଛନ୍ତି। ମଇ ଦିବସ ଅବସରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ରାଜ୍ୟ ଶାଖାର ଡାକରାରେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ କଳାବ୍ୟାଚ ପରିଧାନ କରି ଧାରଣା ଦିଆଯାଇଥିଲା। ରାଜ୍ୟର ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା, ସୁରକ୍ଷା ଆଇନ ଲାଗୁ, ଅଧିସ୍ୱୀକୃତି କମିଟି ବୈଠକ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ରେ ବାପା ମା ଙ୍କୁ ସାମିଲ କରିବା,ମହିଳା ସାମ୍ବାଦିକଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ରେଳ ଯାତ୍ରାରେ ରିହାତି ବ୍ୟବସ୍ଥା ପୁନଃ ଲାଗୁ କରିବା ଦାବିରେ ଏହି ଧାରଣା ଦିଆଯାଇଥିଲା। ଜିଲ୍ଲା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥି,ଅନାମ ଚରଣ ପଣ୍ଡା, ବିବେକାନନ୍ଦ ଦାସ, ସୁରେଶ ଚନ୍ଦ୍ର ଦାସ, ରବୀନ୍ଦ୍ର ମହାକୁଡ ରବିରଞ୍ଜନ ତ୍ରିପାଠୀ,ଉତ୍କଳ ବନ୍ଧୁ ପଣ୍ଡା, ଗଦାଧର ଜେନା, ରମାକାନ୍ତ ପଣ୍ଡା, ଅଜିତ କୁମାର ମହାନ୍ତି, ସୋମନାଥ ସାହୁ,ଅରୂପ କୁମାର ଦାସ,ଜୟଦେବ ଆଚାର୍ଯ୍ୟ, ପ୍ରସଂଜୀତ ଆଶ,ଲକ୍ଷ୍ମୀଧର ଗାଣ, ସୁଶାନ୍ତ କୁମାର ବେହେରା , ହାଇଦର ଖାନ,ସତ୍ୟଭାମା ପ୍ରଧାନ, ଲକ୍ଷ୍ମୀ ନାରାୟଣ ଦାସ, ଅଧିପ କୁମାର ଜେନା,କହ୍ନେଇ ଚରଣ ପ୍ରଧାନ ସଂଜୟ କୁମାର ବେହେରା, ହିମାଂଶୁ ଦାସ, ସମରେଶ ମଣ୍ଡଳ ଭୀଷ୍ମ ଚରଣ ମଲ୍ଲିକ, ଜ୍ୟୋତିର୍ମୟୀ ଶତପଥୀ ପ୍ରତିମା ଜେନା, ଆଜିମ ବାଲେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ କେନ୍ଦୁଝର ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି କ୍ଷେତ୍ରବାସୀ ମହାକୁଡ ଙ୍କ ର ଆଜି ସକାଳେ ଏକ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରଯାଇଥିଲା।

## ଏଆଇଟିୟୁସିର ମଇ ଦିବସ ଶୋଭାଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ

ଭୁବନେଶ୍ୱର, ୦୨/୫ (ନି.ପ୍ର): ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଗତକାଲି ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟ, ରେଳଷ୍ଟେସନ ନିକଟସ୍ଥ ଇଷ୍ଟକୋଷ୍ଟ ରେଲୱେ ପୋଟର୍ସ ୟୁନିୟନ କାର୍ଯ୍ୟାଳୟ ଓ ରାଜଧାନୀ ଅଟୋଚାଳକ ସଂଘ, ମାଷ୍ଟରକ୍ୟାଂଟିନ ଛକଠାରେ ବିଶିଷ୍ଟ ଶ୍ରମିକ ନେତା ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ସୁର ଜେନା ଲାଲ୍ ପକାକା ଉତୋଳନ କରିଥିଲେ। ଏହାପରେ ବିଭିନ୍ନ ଶ୍ରମିକ ସଙ୍ଗଠନ, ଏଆଇଟିୟୁସି ଓ ସିପିଆଇର ଶତାଧିକ ପୁରୁଷ ଓ ମହିଳାଙ୍କ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା, ବାଦ୍ୟଯନ୍ତ୍ର ସହ ଭଗବତୀ ଭବନଠାରୁ ବାହାରି ରାଜମହଲ ଛକ, ମାଷ୍ଟରକ୍ୟାଂଟିନ ଛକ ପରିକ୍ରମା କରି ଅଶୋକନଗରସ୍ଥିତ ଓମ୍‌ଫେଡ଼ ଛକଠାରେ ପହଂଚିଥିଲା।

# ନୀଳମଣି କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବସ୍ତା , ୦୨/୫ (ନି.ପ୍ର):ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ କର୍ମଚାରୀ ପରିଷଦ ଆନୁକୁଲ୍ୟରେ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବାସନ୍ତୀ ସାହୁ ୧୯୮୭ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ଭାବେ ଦୀର୍ଘ ୩୯ ବର୍ଷ ନିରବଚ୍ଛିନ୍ନ ସେବା ପ୍ରଦାନ କରି ଚାକିରୀ କ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ସରୋଜ କୁମାର ପାଣି, ପ୍ରାଧାପିକା କଳ୍ପନାମଞ୍ଜରୀ ପାତ୍ର, ଅଧାପିକା ପିନାକ୍ଷୀ ପଣ୍ଡା, ଅଧାପକ ଶମ୍ଭୁନାଥ ଗିରି, ସତ୍ୟେନ୍ଦ୍ର କୁମାର ପାଲ, ବିଜୟ କୁମାର ବେହେରା, ଡ. ତପନ କୁମାର ଦାସ ପ୍ରମୁଖ ଯୋଗଦେଇ ଶ୍ରୀମତୀ ବେହେରାଙ୍କର ଚାକିରୀ ଜୀବନର ଗାଥା ଆଲୋଚନା କରିଥିଲେ । ସେ ଏକାଧାରରେ ନୀଳମଣି ମହାବିଦ୍ୟାଳୟର ଛାତ୍ରୀ ନିବାସର ସୁପରିନଟେଣ୍ଡେଣ୍ଟ, ନୀଳମଣି କଲେଜ କ୍ୟାଲେଣ୍ଡରର ସମ୍ପାଦକ, ଯୁବ ରେଡକ୍ରସ କାଉନସେଲର, ବିଜ୍ଞାନ ପରିଷଦର ଉପସଭାପତି ଓ ଆଡମିଶନ ବିଭାଗର ସହାୟିକା ପ୍ରଭୃତି ଦାୟିତ୍ୱ ନିର୍ବାହ କରିବା ସହ ମହାବିଦ୍ୟାଳୟର ୨୦୦୬ ଓ ୨୦୨୪ ମସିହା ନାକ ମୂଲ୍ୟାୟନରେ ଦାୟିତ୍ୱ ନିର୍ବାହ କରି ନିଜର ସ୍ୱକୀୟ ପରିଚୟ ପ୍ରଦାନ କରିଛନ୍ତି । ଅଧାପକ ଲକ୍ଷୀରାମ ହାଁସଦା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନୁରୂପଭାବେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ଜୟକୃଷ୍ଣ ସାହୁ, ରମେଶ ଚନ୍ଦ୍ର ବେହେରା, ସହାୟକ ଶ୍ରୀଧର ମହାପାତ୍ର, ଛାତ୍ରଛାତ୍ରୀ ଓ ଛାତ୍ରୀନିବାସର ଅନ୍ତେବାସିନୀ ମାନଙ୍କ ତରଫରୁ ଶ୍ରୀମତୀ ବାସନ୍ତୀ ସାହୁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଅଧାପକ ଚନ୍ଦନ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପ୍ରକାଶ ପାଇଲା ମାଟ୍ରିକ୍...

ସେହିପରି ରାଜ୍ୟର ୩ଟି ସ୍କୁଲରେ କୌଣସି ପିଲା ପାସ୍ କରିନାହାନ୍ତି। ହେଲେ ଏଥର ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ୨ ଲକ୍ଷ ୬୩ ହଜାର ୧୫୨ ଜଣ ଛାତ୍ରୀ ପାସ୍ କରିଥିବା ବେଳେ ୨ ଲକ୍ଷ ୫୬ ହଜାର ୯୯ ଜଣ ଛାତ୍ର ପାସ୍ ହୋଇଛନ୍ତି। ଆଉ ଫେଲ୍ ହୋଇଛନ୍ତି ୧୭ ହଜାର ୫୫ ଜଣ ଛାତ୍ରଛାତ୍ରୀ। ଚଳିତ ଥର ପ୍ରଥମ ଥର ଓଡ଼ିଆ ଭାଷାରେ ସାର୍ଟିଫିକେଟ୍ ମିଳିବ। ଏ-୧ ଗ୍ରେଡ୍‌ରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୩୦୫ ଜଣ ପାସ୍ କରିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ୩୦୪ ଓ କଟକରେ ୨୮୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ରେଜଲ୍ଟ ବାହାରିବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ବେସ୍ ଉତ୍ସାହ। ସ୍କୁଲକୁ ଯାଇ ନିଜ ନିଜର ମାର୍କ ଦେଖିଛନ୍ତି। ଆଉ ମିଠା ଖୁଆଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଜୁଲାଇ ମାସ ପ୍ରଥମ ସପ୍ତାହରେ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ହେବ। ଏଥିପାଇଁ ମେ' ୮ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ କରାଯିବ। ଅଗଷ୍ଟ ପ୍ରଥମ ସପ୍ତାହରେ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ ପାଇବ।

### ରିପୁଲିଂ ବେଳେ ପଶ୍ଚିମବଙ୍ଗରେ...

ଏହି ସମସ୍ତ ବୁଥ ଦକ୍ଷିଣ ୨୪ ପରଗନା ଜିଲ୍ଲାରେ ରହିଥିଲା ।ଫଲତାର ହାସିମନଗରର ଜଣେ ମହିଳା ଅଭିଯୋଗ କରିଛନ୍ତି, ଟିଏମସି କର୍ମୀମାନେ ହଇରାଣ କରୁଛନ୍ତି। ଘରେ ପ୍ରବେଶ କରି ଲୋକଙ୍କୁ ମାଡ଼ ମାରିଛନ୍ତି। ଜାହାଙ୍ଗୀର ଖାନ ଏଠାକୁ ଆସି ଆମକୁ ଧମକ ଦେଇଛନ୍ତି ଯେ ଯଦି ଟିଏମସି କ୍ଷମତାକୁ ଆସେ, ତେବେ ଆମକୁ ହତ୍ୟା କରିବେ ବୋଲି ସାଘାଂତିକ ବୟାନ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା। ପଶ୍ଚିମବଙ୍ଗ ନିର୍ବାଚନରେ ଗୋଟେ କଥା ଆଶ୍ଚର୍ଯ୍ୟ ଲାଗୁଥାଏ ତାହା ହେଲା ପୋଲିସ ବନାମ ସେନା ..ଅର୍ଥାତ ଅଭିଯୋଗକରୀ କହୁଛନ୍ତି, ପୋଲିସ ଆମ କଥା ଶୁଣୁନାହିଁ ଓଲାଟା ଆମକୁ ଚୁପ ରହିବାକୁ କହୁଛି ଅନ୍ୟପୋଟ ଶାସକ ଟିଏମସି ସୁବବେଳେ ସୁରକ୍ଷାକର୍ମୀଙ୍କ ଉପରେ ଦୋଷ ଲଦି ଚାଲିଛି ..ଟିଏମସିର ନେତାଙ୍କୁ ଠୁ ମନ୍ତ୍ରୀ ସମସ୍ତେ ସୁରକ୍ଷାକର୍ମୀଙ୍କ ଉପସ୍ଥିତିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି।

### ଆଇଇଡି ବିସ୍ଫୋରଣରେ ...

ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ କରିବା ସହିତ ପୂର୍ବରୁ ନକ୍ସଲମାନେ ବିଛାଇ ରଖିଥିବା ଲ୍ୟାଣ୍ଡମାଇନ୍ ଓ ଆଇଡିଗୁଡ଼ିକୁ ନିଷ୍କ୍ରିୟ କରିବା ପାଇଁ ଡିଆରଜିର ଏକ ଟିମ୍‌କୁ ମୁତୟନ କରାଯାଇଥିଲା। ଆଜି ଏହି ଯବାନମାନେ ଏକ ଆଇଇଡିକୁ ଠାବ କରିବା ପରେ ନିଷ୍କ୍ରିୟ କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଗତ ମାର୍ଚ୍ଚ ୩୧ ତାରିଖରେ ଦେଶକୁ ନକ୍ସଲ ମୁକ୍ତ ଘୋଷଣା କରାଯାଇଥିବା ବେଳେ ଏହା ହେଉଛି ନକ୍ସଲଙ୍କ ସହିତ ଜଡ଼ିତ ପ୍ରଥମ ଆଇଇଡି ବିସ୍ଫୋରଣ। ବସ୍ତର ରେଞ୍ଜ ପୁଲିସ ଆଇଜି ସୁନ୍ଦରରାଜ ପଟ୍ଟିଲିଙ୍ଗମ କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ନକ୍ସଲ କ୍ୟାଡର ଓ ଗୁଇନ୍ଦା ରିପୋର୍ଟ ଆଧାରରେ ଗତ କିଛି ମାସ ହେଲେ ସୁରକ୍ଷାକର୍ମୀମାନେ କାଙ୍କେର ସମେତ ବସ୍ତର ରେଞ୍ଜର ୭ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ଶତାଧିକ ଆଇଇଡି ଠାବ କରାଯାଇ ସେଗୁଡ଼ିକୁ ନିଷ୍କ୍ରିୟ କରାଯାଇଛି। ଏହି ଆଇଇଡି ଗୁଡ଼ିକୁ ପୂର୍ବରୁ ନକ୍ସଲମାନେ ପୋତି ଥିଲେ। ଆଜି ଯେଉଁ ଘଟଣା ଘଟିଛି, ତାହା ଦୁର୍ଭାଗ୍ୟପୂର୍ଣ୍ଣ। ପୁଲିସ୍ ଟିମ୍ ତାକୁ ନିଷ୍କ୍ରିୟ କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଆଜିର ଘଟଣାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

### ଗ୍ଲୋବାଲ ଫୋରକାଷ୍ଟ...

ଏପ୍ରିଲ ମାସ ସନ୍ଧ୍ୟାରେ ଝଡ଼ବର୍ଷା ହୁଏ। ମେ' ମାସରେ ବାତ୍ୟା ହେବା ସମ୍ଭାବନା ଥାଏ। ପୂର୍ବ ଅନୁମାନ ପାଣିପାଗ ବିଭାଗ କରିନାହିଁ। ଛୋଟ ବଡ଼ ଏଜେନ୍ସିର ଆକଳନ ଥାଏ। ଏଭଳି ସମ୍ଭାବନା ଆସିଲେ ଆମେ ପ୍ରସ୍ତୁତ ଅଛୁ। ଆଇଏମଡି ପକ୍ଷରୁ କ'ଣ ତଥ୍ୟ ଆସିବ ଅପେକ୍ଷା କରୁଛୁ। ମେ ମାସ ହୋଇଥିବାରୁ ଲୋକଙ୍କ ଭିତରେ ବାତ୍ୟାକୁ ନେଇ ଭୟ ରହିଛି। ମୌସୁମୀ ଆସିବା ପୂର୍ବରୁ ଗ୍ରୀଷ୍ମକାଳୀନ ବାତ୍ୟା ଆସି ପୂର୍ବରୁ ଓଡ଼ିଶାରେ ବହୁ କ୍ଷୟକ୍ଷତି କରିଛି।

### ମହାନଦୀ ଜଳ ବିବାଦ...

ସବୁଠୁ ବଡ଼ କଥା ହେଲା ଆପୋଷ ଆଲୋଚନା ଜରିଆରେ ମହାନଦୀ ବିବାଦର ସମାଧାନ ହେବ ବୋଲି ଆଶାବାନ୍ଧି ବସିଛି ଓଡ଼ିଶା । ଏଥିପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ହେଲେ ଉଚ୍ଚସ୍ତରୀୟ କମିଟି ଏଯାଏଁ ଗ୍ରାଉଣ୍ଡକୁ ଯାଇନାହିଁ ।

### ଖୁବ୍‌ଶୀଘ୍ର ଆସିବ ଜମିଜମା...

ନିୟମ, ସରକାରୀ ସର୍କୁଲାର୍ ଓ ପରବର୍ତ୍ତୀ ନିର୍ଦ୍ଦେଶଗୁଡ଼ିକର ଆଲୋଚନା ସହ ସରଳ ଓଡିଆ ଓ ଇଂରାଜୀରେ ନୂତନ ଏସଓପି ଖସଡ଼ା ପ୍ରସ୍ତୁତି କରିବା ନିମନ୍ତେ କମିଟିକୁ ନିର୍ଦ୍ଦେଶ ଜାରି କରାଯାଇଛି। କମିଟିକୁ ଏହି ଆଦେଶ ଜାରି ହେବାର ତାରିଖରୁ ଏକ ମାସ ମଧ୍ୟରେ ସଂଶୋଧିତ ଏସଓପି ପୁସ୍ତିକାର ଖସଡ଼ା ସରକାରଙ୍କ ନିକଟରେ ଅନୁମୋଦନ ପାଇଁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକତାନୁସାରେ କମିଟି ଅନ୍ୟ ବିଶେଷଜ୍ଞ ଓ ଅଧିକାରୀମାନଙ୍କୁ ନିୟୋଜିତ କରି ସେମାନଙ୍କର ସହଯୋଗ ମଧ୍ଯ ନେଇପାରିବ। ଏହି ପଦକ୍ଷେପ ରାଜ୍ୟରେ ଜମି ପରିଚାଳନା ପ୍ରଣାଳୀକୁ ଆଧୁନିକ କରିବା ତଥା ପାରଦର୍ଶିତା ବଢ଼ାଇବା ସହ ଆଇନଗତ ଏବଂ ପ୍ରଶାସନିକ ଢାଞ୍ଚାକୁ ଆହୁରି ସୁଦୃଢ଼ କରିବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରକାଶ କରେ।

### ବ୍ୟବସ୍ଥାର ସତକୁ ସାମ୍ନାକୁ ....

ଆଇନ କଥା ଛାଡ଼ନ୍ତୁ ମାନବିକତା ମଧ ସମସ୍ତେ ଭୁଲିଗଲେ। ଚାରିଆଡୁ ନିରାଶ ହୋଇ ଜିତୁ ଯେଉଁ ପଦକ୍ଷେପ ନେଲେ ତାହା ସଭ୍ୟ ସମାଜକୁ ଲଜ୍ଜିତ କରିଛି। ଓଡ଼ିଶାରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଁ ଲାଗୁ ହୋଇଛି ଓଡ଼ିଶା ସର୍ବସାଧାରଣ ସେବା ଅଧିକାର ଅଧିନିୟମ-୨୦୧୨। ଯାହା ନାଗରିକଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସରକାରୀ ସେବା ପାଇବାର ଅଧିକାର ଦିଏ। ସମୟସୀମା ଭିତରେ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର, ଜାତି, ଆୟ ପ୍ରମାଣପତ୍ର ଦେବା ପାଇଁ ଜଣେ ଅଧିକାରୀ ଉତ୍ତରଦାୟୀ ରହିଥାନ୍ତି। କିନ୍ତୁ ଜିତୁଙ୍କ କ୍ଷେତ୍ରରେ ଏହି ନିୟମର ଧଜିଆ ଉଡିଛି। ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ବ୍ୟାଙ୍କ ପର୍ଯ୍ୟନ୍ତ କେହି ଜଣେ ବି ପାଳନ କରିନାହାନ୍ତି ଏହି ଆଇନ। କେନ୍ଦୁଝର ଭଳି ଖଣିଜ ସମୃଦ୍ଧ ଅଞ୍ଚଳରେ ବ୍ୟବସ୍ଥା କେଉଁ ସୋପାନରେ ଅଛି ଜିତୁମୁଣ୍ଡା ତାହାର ବଡ଼ ସୂଚକାଙ୍କ।

# ଅବସର ନେଲେ ଅଞ୍ଜନ ଚାନ୍ଦ : ଲୋକାର୍ପିତ ହେଲା 'ଗୋଟିଏ ଜଳଯାତ୍ରାର କାହାଣୀ'




ବାଲେଶ୍ୱର, ୦୨/୫ (ନି.ପ୍ର): ନୀଳଗିରି ରୋଡ଼ ହାଇସ୍କୁଲ, ବରୁଣ ସିଂରେ ଦୀର୍ଘ ୩୫ ବର୍ଷର ଶିକ୍ଷକତା ପରେ ବୃତ୍ତିରୁ ଅବସର ନେଇଛନ୍ତି ସଂସ୍କୃତ ଶିକ୍ଷକ ଅଞ୍ଜନ ଚାନ୍ଦ । ଏହି ଉପଲକ୍ଷେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଛାତ୍ରୀଛାତ୍ର,ଶିକ୍ଷକ, କର୍ମଚାରୀ, ସ୍କୁଲ କମିଟି, ପୁରାତନ ଛାତ୍ର ସଂସଦ,ଗ୍ରାମ ପଞ୍ଚାୟତ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ମାନପତ୍ର ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଶ୍ରୀ ଚାନ୍ଦଙ୍କ ଷଷ୍ଠ ଗଳ୍ପ ସଂକଳନ 'ଗୋଟିଏ ଜଳାଯାତ୍ରାର କାହାଣୀ' ଲୋକାର୍ପିତ ହୋଇଥିଲା । କବି ପ୍ରଶାନ୍ତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁସ୍ତକ ଲୋକାର୍ପଣ କରିଥିଲେ । ଶିକ୍ଷକତା ସହିତ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟ ଜଗତରେ ଜଣେ ଗାଳ୍ପିକ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି ବୋଲି ସେ କହିଥିଲେ । ପ୍ରଧାନ ଶିକ୍ଷିକା ନଳିନୀ ପ୍ରଭା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବରେ ସ୍କୁଲର ପ୍ରତିଷ୍ଠାତା ସଦସ୍ୟ ମାର୍କଣ୍ଡ ଚରଣ ସେଠି, ବାଲେଶ୍ୱର ଓଷ୍ଟାର ପ୍ରାକ୍ତନ ସଭାପତି ବାଦଲ ଚନ୍ଦ୍ର ପାତ୍ର, ବର୍ତ୍ତମାନର ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିଜୟ କୁମାର ପାତ୍ର, ପ୍ରସନ୍ନ କୁମାର ମିଶ୍ର, ଗୋପବନ୍ଧୁ ଦାସ, ବାସୁଦେବ ପାଣିଗ୍ରାହୀ, ସରପଞ୍ଚ ଝିଲିଶ୍ରୀ ମହାଳିକ,ରଘୁନାଥ ପଣ୍ଡା, ଶଶିକାନ୍ତ ପରିଡ଼ା, ଚିତ୍ରଲେଖା ମହାପାତ୍ର, ଆଶିଷ ଦାସ ପ୍ରମୁଖ ଯୋଗ ଦେଇ ଶ୍ରୀ ଚାନ୍ଦଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ସୋନାଲି ଶିଖା ପାଣିଗ୍ରାହୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସ୍କୁଲର ଶିକ୍ଷକ ଶିକ୍ଷିକା ଅରୁଣ କୁମାର ମହାନ୍ତି, ବନ୍ଦନା ଗିରି, ଅମିତା ନନ୍ଦ,କୁନ୍ତଳା ସେଠି, ସୀମା ରାଣୀ ବେହେରା, ସ୍ୱପ୍ନା ସାହୁ, ହରିପ୍ରିୟା ସେଠି, ସୁରେନ୍ଦ୍ର ପ୍ରସାଦ ବେହେରା, ପଦ୍ମଜା ଶତପଥୀ, ରେଣୁବାଳା ମିଶ୍ର, ସୁକାନ୍ତି ରାଉତ, ନୀଳିମା ନନ୍ଦ, ମମତା ମଲ୍ଲିକ, ରଶ୍ମି ରେଖା ଦାସ, ମଞ୍ଜୁଲତା ସାହୁ,ପ୍ରତିମା ପଣ୍ଡା, ସୁମିତ୍ରା ପରିଡ଼ା,ଲକ୍ଷ୍ମୀଧର ଦଳେଇ, ଜ୍ଞାନରଞ୍ଜନ ସ୍ୱାଇଁ, ଜିତେନ ପଣ୍ଡା, ହାଡ଼ିବନ୍ଧୁ ଘଡ଼େଇ, ଦାମୋଦର ମହାକୁଡ଼ ପ୍ରମୁଖ ଶ୍ରୀ ଚାନ୍ଦ ଛାତ୍ର ବତ୍ସଳତା ଓ ସହକର୍ମୀଙ୍କ ସହିତ ମଧୁର ସମ୍ପର୍କ କଥା କହିଥିଲେ ।

ରବିବାର, ମଇ ୦୩, ୨୦୨୬

# ଧ୍ୱନି ପ୍ରତିଧ୍ୱନି

## ଶ୍ରାଦ୍ଧ ଦିବସରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ମିଶ୍ରଙ୍କୁ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା , ୦୨/୫ (ନି.ପ୍ର): ଜିଲ୍ଲା ସଦର ମହକୁମା ସ୍ଥ ଟି.ଏଲ.ସି. ଛକ ଠାରେ ଅବସ୍ଥାପିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ କବି ସ୍ୱର୍ଗତ ନାରାୟଣ ମିଶ୍ରଙ୍କ ପୂର୍ଣବୟବ ପ୍ରତି ମୂର୍ତ୍ତିରେ ଆଜି ତାଙ୍କର ଶ୍ରାଦ୍ଧ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଅଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ପୌରପରିଷଦ ଆନୁକୂଲ୍ୟରେ ସାମୂହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିର୍ବାହୀ ଅଧିକାରୀ ପୌରପରିଷଦ, ଖୋର୍ଦ୍ଧା ଏବଂ ମଣ୍ଡଳ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା, ଶ୍ରୀଯୁକ୍ତ ସିଦ୍ଧାର୍ଥ ପଟ୍ଟନାୟକ ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ସଂଗ୍ରାମୀ ନାରାୟଣ ମିଶ୍ର ସ୍ମୃତି ପରିଷଦ ଅଧ୍ୟକ୍ଷ ଶ୍ରୀ ସୁଜିତ କୁମାର ମିଶ୍ର, ସମ୍ପାଦକ ଡ଼. ଧୀରେନ୍ଦ୍ର ନନ୍ଦ,ଯୋଗ ଦେଇ ସ୍ୱର୍ଗତ ନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବରିଷ୍ଠ ସ୍ତମ୍ଭକାର ଉମା ଶଙ୍କର ପ୍ରସାଦ, ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାମଶଙ୍କର, ଖୋର୍ଦ୍ଧା ଜିଲ୍ଲା ବିକାଶ ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି , ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ,ପେପର ମ୍ୟାନ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ ,ସମାଜ ସେବୀ ଇତିଶ୍ରୀ ସାହୁ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ଜେନା, ସୁରେନ୍ଦ୍ର ବେହେରା, ଭକ୍ତ ବଲ୍ଲଭ ନାୟକ , ହାଜି ନାସିମ୍ ଉଦ୍ଦିନ୍ ଖାନ ,ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ,ପ୍ରଦୀପ କୁମାର ବେହେରା, ନୃସିଂହ ନାଥ ନାଥ ମିଶ୍ର , ଅକ୍ଷୟ କୁମାର ଦାସ, ସୁକାନ୍ତି ମିଶ୍ର,ଶ୍ରୀମତି ମିଶ୍ର,ସ୍ମିତା ବେହେରା,ଚିନ୍ମୟୀ ପ୍ରିୟଦର୍ଶିନୀ,ରତ୍ନମଞ୍ଜରୀ ମହାପାତ୍ର,ସ୍ୱପ୍ନା ରାଣୀ ସାହୁ,ସୋନାଲି ପ୍ରିୟଦର୍ଶିନୀ ସାହୁ,ରଶ୍ମିତା ମାଝି, ସରସ୍ୱତୀ ସୁନ୍ଦରାୟ,ପ୍ରତିଭା ମହାନ୍ତି,ପ୍ରସନ୍ନ କୁମାର ପାଇକରାୟ,ଗୋବିନ୍ଦ ଚନ୍ଦ୍ର ମହାରଣା, ହୃଷିକେଶ ନନ୍ଦ ,ଜଗବନ୍ଧୁ ସାହୁ,ଡ. ମିନତୀ କୁମାରୀ ମହାନ୍ତି, ରାଜେଶ ଚନ୍ଦ୍ର ମହାନ୍ତି, ଶକ୍ତି ଶଙ୍କର ମିଶ୍ର, ଶୟଦ ଲିୟାକତ ଅଲ୍ଲୀ ସମେତ ବୁଦ୍ଧିଜୀବୀ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ପ୍ରମୁଖ ଯୋଗ ଦେଇ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଭକ୍ତି ପୂତ ପୁଷ୍ପାର୍ଘ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତି ଚାରଣ କରିଥିଲେ ।

## ମେଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଉଲ୍ଲେଖନୀୟ ପ୍ରଦର୍ଶନ

■ମେଧାବୀ ମୟୂରଭଞ୍ଜ କାର୍ଯ୍ୟକ୍ରମରେ ପରୀକ୍ଷାର୍ଥୀଙ୍କୁ ସ୍ୱତନ୍ତ୍ର ମାଗଣା କୋଚିଂ ପ୍ରଦାନ

■ପାସ୍ ହାର- ୯୭.୫୨%, ଏ୧ ଗ୍ରେଡ୍ ରେ ୧୪୬

■ପାର୍ଥସାରଥୀ ମହାନ୍ତ ଜିଲ୍ଲା ଟପ୍ପର, ମାର୍କ ୫୮୮

ବାରିପଦା, (୦୨/୦୫): ଚଳିତବର୍ଷ ମେଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ଏଥର ଜିଲ୍ଲାର ପାସ୍ ହାର ୯୭.୫୨ ପ୍ରତିଶତ । ଯାହାକି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଢେର୍ ଭଲ ପ୍ରଦର୍ଶନ କରିଛି । ଚଳିତବର୍ଷ ୧୪୬ ଜଣ ଛାତ୍ରଛାତ୍ରୀ ମଧ୍ୟ ଏ୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପାର୍ଥସାରଥୀ ମହାନ୍ତ ( ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦା) ୫୮୮ ମାର୍କ ରଖି ଜିଲ୍ଲା ଟପ୍ପର ଭାବେ ଉଭା ହୋଇଛନ୍ତି । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ମେଧାବୀ ମୟୂରଭଞ୍ଜ" ଭଳି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ତରଫରୁ ହାତକୁ ନିଆଯାଇଥିଲା । ଏଥିରେ ପ୍ରତ୍ୟେକ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଉଥିଲା । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ମାଗଣା କୋଚିଂ ବ୍ୟବସ୍ଥା କରାଯାଇଥିଲା । ପିଲାଙ୍କ ପାଠ ପଢାରେ ସହାୟକ ହେବା ପରି ବିଭିନ୍ନ ଇ-କଣ୍ଟେଣ୍ଟ ଯୋଗାଇ ଦିଆଯାଇଥିଲା। ଏହାଦ୍ୱାରା ପିଲାମାନେ ଭଲ ଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇପାରିଥିଲେ । ଯାହାଦ୍ୱାରା ସମଗ୍ର ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲା ପାସ୍ ହାରରେ ୧୦ ସ୍ଥାନରେ ରହିଛି। ସେହିପରି ଚଳିତ ବର୍ଷ ଜିଲ୍ଲାର ୨୮୪ଟି ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି ।

## ଭାପୁର ପୀଡ଼ିତାକୁ ଏସ୍‌ସିବିରେ ଭେଟିଲା ପିସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ

ଭୁବନେଶ୍ୱର, ୦୨/୫ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଦିନ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ ଏସସିବି ହସପିଟାଲ ଯାଇ ଢ଼େଙ୍କାନାଳ ଜିଲ୍ଲା ଭାପୁର ପୀଡ଼ିତାଙ୍କୁ ସାକ୍ଷାତକରି ପୀଡ଼ିତାର ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଏହି ଟିମ ହସପିଟାଲର ସୁପିରିଟେଣ୍ଡେଟ ଏବଂ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଭେଟି ପୀଡ଼ିତା କେଉଁ ସ୍ଥିତିରେ ଅଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଶ୍ରୀମତୀ ବାହିନୀପତି କହିଥିଲେ ଯେ ଅପରାଧି ମାନଙ୍କୁ ଏପର୍ଯ୍ୟନ୍ତ ପୋଲିସ ଗିରଫ ନକରିପାରିବା ଦୁର୍ଭାଗ୍ୟଜନକ। ପୀଡ଼ିତା ଦଳିତ ବର୍ଗର। ଦୁଷ୍କର୍ମପରେ ତାଙ୍କୁ ଯେଭଳି ଅମାନୁଷିକ ଭାବରେ ଆକ୍ରମଣ କରାଯାଇଛି ତାହାହୃଦୟବିଦାରକ। ତାଙ୍କ ମୁହଁ, ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ ଯେଉଁଭଳି ଭାବରେ ଗଭିର କ୍ଷତ ହୋଇଛି ତାହା ମର୍ମନ୍ତୁଦ। ପୀଡ଼ିତାର ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି, ପୀଡ଼ିତା ଓ ତାର ପରିବାରକୁ ସୁରକ୍ଷା ଏବଂ ଦୋଷୀକୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଶ୍ରୀମତୀ ମିନାକ୍ଷୀ ବାହିନୀପତି ଦାବି ଜଣାଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ସସ୍ମିତା ବେହେ-ରା, ସିପ୍ରା ମଲ୍ଲିକ, ସୋନାଲି ସାହୁ, ପ୍ରଣତୀ ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ମନିଷା ଦାଶ ପଟ୍ଟନାୟକ, ସମସିଦା ତାୟବ, ଅମ୍ରିତା ଦାସ, ମାଣିକ ପ୍ରଭା, ଶିଳ୍ପିଶ୍ରୀ ହରିଚନ୍ଦନ, କର୍ପୋରେଟର ସନ୍ତୋଷ ଭୋଳ, କର୍ପୋରେଟର ଜେ କାମେଶ୍ୱର ରାଓ, ସୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ପ୍ରତାପ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କାବ୍ୟ ପୁସ୍ତକ 'ଗୌରୀ' ଉନ୍ମୋଚିତ




ବାଲେଶ୍ୱର , ୦୨/୫ (ନି.ପ୍ର): ଗତକାଲି ଅପରାହ୍ନରେ କବି ମଦନ କୁମାର ଦାସଙ୍କ 'ଗୌରୀ' କାବ୍ୟପୁସ୍ତକଟି ପାହାନ୍ତିତାରା ସାହିତ୍ୟାନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ଦୀନକୃଷ୍ଣ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଉକ୍ତ ଉନ୍ମୋଚନ ସଭାରେ ମୁଖ୍ୟଅତିଥି ରେମୁଣା ସାହିତ୍ୟ ସଂସଦର ସମ୍ପାଦକ ସୁ-ପ୍ରାବନ୍ଧିକ ଡ. ଭାଗବତ ପ୍ରସାଦ ଦାସ, ମୁଖ୍ୟବକ୍ତା ଗୀତିକାର ବିକର୍ତ୍ତନ ନାୟକ, ସମ୍ମାନନୀୟ ଅତିଥି ସାହିତ୍ୟିକ ପୀତାମ୍ବର ଦାସ, ସମ୍ମାନନୀୟ ବକ୍ତା ଓ ମଂଚ ସଂଚାଳକ ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ପୁସ୍ତକର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରି କାବ୍ୟକାରଙ୍କ ରଚନା ଶୈଳୀକୁ ଭୂୟସି ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ କିଛି କବିତା ଓ କିଛି କଥା ରଖିଥିଲେ କବୟିତ୍ରୀ ସତ୍ୟଭାମା ମୁଦୁଲି, କବୟିତ୍ରୀ ଜୟନ୍ତୀ ବେହେରା, କବି ପୂର୍ଣ୍ଣ ଚନ୍ଦ୍ର ସିଂହ, ସାହିତ୍ୟିକ ରଣଜିତ କୁମାର ବେହେରା, ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ସମ୍ପାଦିକା ତଥା କବୀ ମୋନାଲିସା ପ୍ରଧାନ। ଶ୍ରୀମତୀ ଗାୟତ୍ରୀ ମିଶ୍ର ଆଚାର୍ଯ୍ୟ ଶେଷକଥା ରଖିଥିଲେ। କବି ଦିଲ୍ଲୀପ ପାଲ, ଆଡ଼ଭୋକେଟ୍ ପ୍ରଦୀପ କୁମାର ଆଚାର୍ଯ୍ୟ, ସମାଜସେବୀ ବିଜନ ବିଶ୍ୱାସ, କବି ନଟବର ପାଢ଼ୀ, କବୟିତ୍ରୀ ଝରଣା ମଲ୍ଲିକ, ସାହିତ୍ୟପ୍ରାଣ ଅରୁଣ କୁମାର ଗୋଚ୍ଛାୟତ, ଫକୀର ଚରଣ ପାଢ଼ୀ, କବି ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ସଭାକୁ ସଫଳ କରିଥିଲେ।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ବୀମା ସହାୟତା



ଖଇରା, ୩୦/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପୂର୍ବପଡା ଗ୍ରାମର ସୁରେନ୍ଦ୍ର ଦାସ ଗତ ଡିସେମ୍ବର ମାସରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବେଳେ ପଳସା ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ତାଙ୍କୁ ବିମା ସହୟତା ରାଶି ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ପଳସା ସମିତି କାର୍ଯ୍ୟାଳୟ ପରିସରରେ ସମ୍ପାଦକ ରାଜେଶ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୋର୍ଡ ସଭାପତି ହେମନ୍ତ କୁମାର ପୃଷ୍ଟି,ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଯଦୁନାଥ ସ ଓ ସୁପରଭାଇଜର ପ୍ରଦୀପ ମହପାତ୍ର ପ୍ରମୁଖ ଯୋଗ ଦେଇ ସମସ୍ତ ଋଣୀ ଓ ଚାଷୀ ନିଜକୁ ବିମାଭୁକ୍ତ କରାଇବାକୁ ପରାମର୍ଶ ଦେଇଥିଲେ । ଶେଷରେ ଅଧିକାରୀ ମାନେ ସୁରେନ୍ଦ୍ରଙ୍କ ସ୍ତ୍ରୀ ମାଳତୀ ଦାସଙ୍କୁ ବିମା ସହାୟତା ବାବଦକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ସମସ୍ତ ବୋର୍ଡସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

## ଦଶମ ବୋର୍ଡରେ ଅଭିଲିପ୍ସା ଓ ସ୍ୱର୍ଣ୍ଣମୟୀ ନୀଳଗିରି ବ୍ଲକ୍ ଯୁଗ୍ମ ଟପ୍ପର



ନୀଳଗିରି, ୦୨/୫ (ନି.ପ୍ର): ପ୍ରକାଶ ପାଇଛି ଚଳିତବର୍ଷର ଦଶମ ବୋର୍ଡପରୀକ୍ଷା ରେଜଲ୍ଟ। ତେବେ ଚଳିତବର୍ଷ ମଧ ଛାତ୍ରମାନଙ୍କ ତୁଳନାରେ ଛାତ୍ରୀମାନେ ଭଲ ରେଜଲ୍ଟ କରି ସଫଳତା ଅର୍ଜନ କରିଛନ୍ତି। ଚଳିତବୋର୍ଡ ପରୀକ୍ଷାରେ ୧୯୭୨ଜଣ ପଞ୍ଜିକରଣ କରିଥିବାବେଳେ ୧୯୩୫ଜଣ ନୀଳଗିରି ବ୍ଲକରେ ପରୀକ୍ଷା ଦେଇଥିଲେ। ୩୭ଜଣ ଅନୁପସ୍ଥିତ ରହିଥିଲେ। ତେବେ ନୀଳଗିରି ବ୍ଲକ୍ ରେ ଏ ୧ ଗ୍ରେଡରେ ୯ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ନୀଳଗିରି ପିଏମଶ୍ରୀ କୈଳାସ ଚନ୍ଦ୍ର ସରକାରୀ ହାଇସ୍କୁଲରୁ ସର୍ବାଧିକ୪ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ତନ୍ମଧ୍ୟରୁ ୩ଜଣ ଛାତ୍ରୀ ଏବଂ ଜଣେ ଛାତ୍ର ଏ୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ହାଇସ୍କୁଲ ଛାତ୍ରୀ ଅଭିଲିପ୍ସା ଶତପଥୀ ୫୫୩, ଆଲିଶା ନାୟକ ୫୪୬, ଦେବସ୍ମିତା ଦଳେଇ ୫୪୦, ମନଲିତ୍ କୁମାର ସିଂ ୫୪୦ନମ୍ବର ରଖି ବିଦ୍ୟାଳୟର ସୁନାମ ରଖିଛନ୍ତି। ସେହିପରି ମିତ୍ରପୁର ଚାଟାଜି ହାଇସ୍କୁଲର ଅଭିଜିତ ସାହୁ ୫୫୦, ସଜନାଗଡ ଚଣ୍ଡି ହାଇସ୍କୁଲର ଭକ୍ତିମୟୀ ମହାନ୍ତି ୫୪୦, ପିଏମଶ୍ରୀ ଅଯୋଧ୍ୟା ହାଇସ୍କୁଲର ଦିପାଂଶୁ ନାୟକ୫୪୦, କେନ୍ଦୁଖୁଣ୍ଟା ବିଷ୍ଣୁପ୍ରିୟା ହାଇସ୍କୁଲର ଛାତ୍ରୀ ସ୍ୱର୍ଣ୍ଣମୟୀ ଦେ ୫୫୩ ଏବଂ ବରହମପୁର ଦୀନବନ୍ଧୁ ହାଇସ୍କୁଲ ଛାତ୍ରୀ ଦିପ୍ତିମୟୀ ବେହେରା ୫୪୦ନମ୍ବର ରଖି ଏ ୧ଗ୍ରେଡରେ ଉତ୍ତୀର୍ଣ୍ଣହୋଇ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ତେବେ ପୋଢ଼ାଶୂଳ ଜଡ଼ିଦା ଶାସନର ପରମେଶ୍ୱର ଶତପଥୀଙ୍କ ଝିଅ ଅଭିଲିପ୍ସା ଶତପଥୀ ଏବଂ କେନ୍ଦୁଖୁଣ୍ଟା ଗ୍ରାମର ଜୀବନ କୁମାର ଦେଙ୍କ ସୁପୁତ୍ରି ସ୍ୱର୍ଣ୍ଣମୟୀ ଦେ ଉଭୟ ୫୫୩ନଂ ରଖି ଯୁଗ୍ମଟପ୍ପର ହୋଇଛନ୍ତି।

## ମଇ ୪ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୦୨/୫ (ନି.ପ୍ର): ଆସନ୍ତା ସୋମବାର ମଇ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର ତା- ୦୪.୦୫.୨୦୨୬ ରିଖରେ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଉଦ୍ଘାଟିତ




ଭଦ୍ରକ, ୦୨/୫ (ନି.ପ୍ର): ମା' ଏକ ଶବ୍ଦ ନୁହେଁ,ଏକ ସ୍ନେହାପ୍ଲୁତ ପବିତ୍ର ଭାବନା ଏବଂ ମାଟି , କେବଳ ଭୂମି ନୁହେଁ, ଏହା ଆମ ପରିଚୟ। ମା' ଆମକୁ ଜନ୍ମ ଦେଇ ଦୁନିଆର ଆଲୋକ ଦେଖାଏ, ଆମକୁ ଗଢେ, ଆମକୁ ଶିଖାଏ ଏବଂ ମାଟି ଦିଏ ବଞ୍ଚିବାର ଉପାଦାନ, ଭାଷା, ସଂସ୍କୃତି ଓ ପରିଚୟ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଉଦ୍ଘାଟନ ଉତ୍ସବରେ ଭଦ୍ରକର ବିଧାୟକ ସିତାଂଶୁ ଶେଖର ମହାପାତ୍ର, ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ଯୋଗ ଦେଇ ଅତ୍ୟନ୍ତ ଭାବପ୍ରବଣରେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦଘାଟନ ସମାରୋହରେ ସେବା ନିବୃତ୍ତ ପ୍ରାଧାପିକା ତଥା ଅଧିବକ୍ତା ଡ. ରାଧାରାଣୀ ମହାପାତ୍ର ମୁଖ୍ୟ ବକ୍ତା, ଭୂମିକନ୍ୟା ମହିଳା ସଙ୍ଗଠନ ଓଡ଼ିଶାର ସଭାନେତ୍ରୀ ସଂଯୁକ୍ତା ବଳନାୟକ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ସମ୍ପାଦିକା ଅଞ୍ଜନା ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରକ୍ତତୀର୍ଥ ଇରମ ଗୁଳିକାଣ୍ଡର ମହିଳା ଶହୀଦ ପରିବେଷ୍ଟାଙ୍କ ସ୍ମୃତିରେ ଉଦଘାଟନୀ ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ଅଧକ୍ଷା ଦୀପ୍ତିମୟୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାପତି, ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ଅଧିବକ୍ତା ଅଞ୍ଜୁବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବର ସଭାପତି ଇଂ. ଅଭୟ ସୂତାର, ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ମନମୋହନ ସଂଗୀତ ପରିଷଦ, ଭଦ୍ରକ ଓ ଦର୍ଶନ ସାଂସ୍କୃତିକ ଏକାଡେମୀ, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଇ୦୧ରୁ ୦୭ ପର୍ଯ୍ୟନ୍ତ ୭ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ତଥା ମାତୃ ବନ୍ଦନ କାର୍ଯ୍ୟକ୍ରମରେ ଝୋଟି ଚିତା, ମୁରୁଜ, ଚିତ୍ରାଙ୍କନ ,ପୁଚିଖେଳ, ପିଠା,ରୋଷେଇ, ମେହେନ୍ଦି, ନୃତ୍ୟ, ଗୀତ,ଅଭିନୟ ଆଦି ପ୍ରତିଯୋଗିତା, କବିତା ପାଠ, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଭଦ୍ରକ ଜିଲ୍ଲାର ବହୁ କଳାକାର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବର ସମ୍ପାଦକ ପ୍ରକାଶ କରିଛନ୍ତି।

## ରାଇବଣିଆରେ ବିଶ୍ୱ ଶ୍ରମିକ ଦିବସ ପାଳିତ



ଜଳେଶ୍ୱର, ୦୨/୫ (ନି.ପ୍ର): ବିଶ୍ୱ ଶ୍ରମିକ ଦିବସ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମଚାରୀ ସଂଘ, ଆଶା ସଙ୍ଘ,କଳା ଓ କଳାକାର ବିକାଶ ପରିଷଦ ପକ୍ଷରୁ କଳାକାର ବିକାଶ ପରିଷଦର ସମ୍ପାଦକ ମନୋରଞ୍ଜନ ଦାସଙ୍କ ପୌରହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଅବସରରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମଚାରୀ ସଂଘର ଜଳେଶ୍ୱର ଶାଖାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ ରକ୍ତ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ ପରାମର୍ଶଦାତା କମଳ ଚକ୍ରବର୍ତ୍ତୀ ଉପସ୍ଥିତ ହୋଇ ବକ୍ତବ୍ୟ ମାଧ୍ୟମରେ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଏବଂ ଆଗାମୀ ଦିନରେ ଶ୍ରମିକ ଶ୍ରେଣୀ ଉପରେ ଆସୁଥିବା ସମସ୍ୟା ଗୁଡ଼ିକର ନିରାକରଣ ପାଇଁ ଶ୍ରମିକ କର୍ମଚାରୀ ଓ ବୁଦ୍ଧିଜୀବି ମାନେ ସଂଗଠିତ ହୋଇ ଉଭୟ ରାଜ୍ୟ ଓ କେନ୍ଦ୍ରସରକାରଙ୍କର ଶ୍ରମିକ ମାରଣ ନୀତି ବିରୁଦ୍ଧରେ ସଙ୍ଗଠିତ ହେବା ପାଇଁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ କୃଷକ ନେତା ରବିନ୍ଦ୍ର ବାରିକ ଶ୍ରମିକ ଦିବସର ଇତିହାସ ସମ୍ପର୍କରେ ଆଲୋକପାତ କରିବା ସହିତ ଆଠ ଘଣ୍ଟା କାମ କରିବାର ଅଧିକାରକୁ ଜାରି ରଖିବା ପାଇଁ ଆହ୍ୱାନ ଜଣାଇଥିଲେ। ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ପ୍ରଦର୍ଶିତ ମାର୍ଗ ଯଥା - ଶିକ୍ଷିତ ହେବା, ସଂଗଠିତ ହେବା ଓ ସଙ୍ଘର୍ଷ ପାଇଁ ପ୍ରସ୍ତୁତ ରହିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀ ସଙ୍ଘର ବ୍ଲକ ସଭାପତି ମମତା ଦାଶ ମହାପାତ୍ର, ତୃପ୍ତି ରାଣୀ ମହାନ୍ତି, କବିତା ଦାସ, କଳ୍ପନା ଦେ, ସୁଜାତା ବାରିକ, ସ୍ୱାଗତିକା ଜେନା, ଚମ୍ପାବତୀ ନାଗ,ଝରଣା ସାହୁ,ସୁମିତା କୁଇଲା,ଫୁଲ ସୋରେନ,କଳା ଓ କଳାକାର ବିକାଶ ପରିଷଦର ସୁନୀଲ କୁମାର ମାହାନ୍ତ, ହାଡିବନ୍ଧୁ ବେହେରା, ଜଗନ୍ନାଥ ପାତ୍ର,କ୍ଷିତିଶ ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶ୍ରୀପତି ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

ଜଳେଶ୍ୱର , ୦୨/୫ (ନି.ପ୍ର): ଜଳେଶ୍ୱର ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ - ୨୦୨୬ ଅବସରରେ ଜଳେଶ୍ୱର ସହରର ୯ ନମ୍ବର ୱାର୍ଡ଼ ମିଲବାଡ଼ି ଠାରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶ୍ରମିକମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସମସ୍ତ ଶ୍ରମିକ ଭାଇ ଓ ଭଉଣୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶ୍ରମିକମାନେ ହେଉଛନ୍ତି ବିକାଶର ବିନ୍ଧାଣୀ । ରାଷ୍ଟ୍ର ନିର୍ମାଣରେ ଶ୍ରମିକମାନଙ୍କ ଅବଦାନ ଅତୁଳନୀୟ । ଶ୍ରମିକ ମାନଙ୍କ ଶ୍ରମ ଶକ୍ତି ରାଷ୍ଟ୍ରର ସମୃଦ୍ଧିର ପ୍ରତୀକ ଅଟନ୍ତି ବୋଲି ଯୁବନେତା ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ବିଜେପି ନଗର ସଭାପତି ଶିବନାରାୟଣ ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଇନ୍ଦୁମତୀ ଗିରି, ନଗର ଯୁବମୋର୍ଚ୍ଚା ସଭାପତି ଅଞ୍ଜନ ଦାସ, ଜିଲ୍ଲା ଯୁବନେତା ଦୁର୍ଗା ଶଙ୍କର ଜେନା, ବିପ୍ଳବ ପ୍ରଧାନ, ସତ୍ୟବ୍ରତ ପଣ୍ଡା, ଅନନ୍ତ ଦାସ, ମୁକ୍ତାରାଣୀ ପାଲ, ମଞ୍ଜୁଲିକା ଘୋଷ, ନମିତା ଦାସ, ସୁମତି ରଣା, ରାଧାକୃଷ୍ଣ ସେଣ, ବାସୁଦେବ ହୁଇ, ରମେଶ ଜେନା, ରଞ୍ଜନ ପାତ୍ର, ରଞ୍ଜନ ପାଲ, ରଞ୍ଜନ ଜେନା, ରାଜୀବ ଘୋଷ ପ୍ରମୁଖ ଶ୍ରମିକ ମାନଙ୍କୁ ଲଡୁ ଖୁଆଇ ଶ୍ରମିକ ମାନଙ୍କ ହସ ଖୁସିରେ ସାମିଲ ହୋଇଥିଲେ।



## ସ୍ୱର୍ଗତଃ ଭଗବାନ ଚନ୍ଦ୍ର ମହାପାତ୍ରଙ୍କ ସ୍ମରଣିକା ପାଇଁ ଲେଖା ଆବଶ୍ୟକ

ଆମ ପରିବାର ଓ ଆମ ପଂଚାୟତ ପତ୍ରିକାର ପ୍ରତିଷ୍ଠାତା ଓ ପୂର୍ବତନ ସୋଶାଇଟି ସେକ୍ରେଟାରୀ ସ୍ୱର୍ଗତଃ ଭଗବାନ ଚନ୍ଦ୍ର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ସମ୍ପର୍କିତ ଓ ତାଙ୍କ ସହିତ ମିଶିଥିବା ବ୍ୟକ୍ତିବିଶେଷଙ୍କଠାରୁ ତାଙ୍କ ସମ୍ପର୍କରେ ବିଭିନ୍ନ ଉପାଦେୟ ଲେଖା ପ୍ରବନ୍ଧ, କବିତା, ଗଳ୍ପ ଆଦି ପ୍ରକାଶିତ କରାଯିବ। ଏଥି ନିମନ୍ତେ ଏକ ଶୋଭନୀୟ ପତ୍ରିକା ତାଙ୍କ ସମ୍ପର୍କକୁ ନେଇ ଜୁଲାଇ ୧୦ ତାରିଖରେ ପ୍ରକାଶିତ ହେବାକୁ ଯାଉଛି। ଏଥିରେ ଇଚ୍ଛୁକ ଥିବା ବ୍ୟକ୍ତିବିଶେଷ ତାଙ୍କ ସମ୍ପର୍କିତ ଲେଖା ଗୋଟିଏ ପୃଷ୍ଠାରେ ମଇ ୧୫ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ। ଲେଖା ପଠାଇବାର ଠିକଣା:

ମହାପାତ୍ର ଫାର୍ମହାଉସ, ଭଗବାନପୁର, ବାମଡ଼ା, ରୂପସା, ବାଲେଶ୍ୱର-୭୫୬୦୨୮ । ମୋ: ୯୭୭୮୭୨୪୬୭୭ ଓ କିଶୋର ମହାପାତ୍ର, ଦୁର୍ଗା ପ୍ରେସ୍, ମୋ: ୯୩୩୮୩୧୨୦୫୭

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida